
‘ଅପରେସନ୍ ସିନ୍ଦୂର୍’ରେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-288 ♦THURSDAY ♦16 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୮୮ ♦ଗୁରୁବାର ♦୧୬ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଓଡ଼ିଆ ଅସ୍ମିତାକୁ ଧକ୍କା
# କମିବ ଓଡ଼ିଶାର ପତିଆରା

■ ଭୁବନେଶ୍ୱର, ୧୫।୪ (ସମିସ): ଗତ ନିର୍ବାଚନରେ ଓଡ଼ିଶାରୁ ବିଜେପି ୨୦ ଆସନ ଜିତିଲା। ଓଡ଼ିଶାବାସୀଙ୍କ ଏହି ଅଭୂତପୂର୍ବ ଓ ଅବିଶ୍ୱାସ୍ୟ ସମର୍ଥନ ଯୋଗୁଁ କେନ୍ଦ୍ରରେ ବିଜେପି ସରକାର ଗଠନ ପଥ ପରିଷ୍କାର ହେଲା। ଓଡ଼ିଶାରୁ ଏତେ ସଂଖ୍ୟକ ସାଂସଦ ନିର୍ବାଚିତ ହୋଇ ନ ଥିଲେ, କେନ୍ଦ୍ରରେ ବିଜେପି ପାଇଁ ସରକାର ଗଠନ କଷ୍ଟକର ହୋଇ ପଡ଼ିଥାଆନ୍ତା। ସେତେବେଳେ ଓଡ଼ିଶାକୁ ସାରା ଦେଶରେ ଏକ ନମ୍ବର କରିବା ନିମନ୍ତେ ବିଜେପିର ଜାତୀୟ ନେତାମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ଓଡ଼ିଶାର ପ୍ରତିଷ୍ଠା ଓ ପତିଆରାକୁ ହ୍ରାସ ପାଇଁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର। ପ୍ରସ୍ତାବିତ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣରେ ଦକ୍ଷିଣ ଭାରତୀୟ ରାଜ୍ୟ ତାମିଲନାଡ୍ରୁ, କେରଳ, ଆନ୍ଧ୍ର, ତେଲଙ୍ଗାନା ପରି ଓଡ଼ିଶା ମଧ୍ୟ ବିପୁଳ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସୀମା ପୁନଃନିର୍ଦ୍ଧାରଣରେ ପ୍ରତି ରାଜ୍ୟର ଲୋକସଭା ଓ ବିଧାନସଭା ଆସନ ୫୦% ବୃଦ୍ଧି ପାଇଁ ପ୍ରାଥମିକ ଭାବରେ କୁହାଯାଉଥିଲେ ହେଁ ବାସ୍ତବରେ ଏଥିରେ ଯାବତୀୟ ପେଞ୍ଚପାଞ୍ଚ କରାଯାଇଛି। ମୋଟ ଉପରେ ୫୦% ଆସନ ବୃଦ୍ଧି କରାଯାଇଥିଲେ ହେଁ ଉତ୍ତରଭାରତୀୟ ରାଜ୍ୟଗୁଡ଼ିକ ଏଥିରେ ଅଧିକ ଭାଗ ପାଇବେ ଓ ଓଡ଼ିଶା ସହ ଦକ୍ଷିଣ ଭାରତୀୟ ରାଜ୍ୟର ପ୍ରତିନିଧିତ୍ୱ ଜାତୀୟସ୍ତରରେ ହ୍ରାସ ପାଇବ ବୋଲି ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଆଦି ବିଜେପି ଶାସିତ ରାଜ୍ୟଗୁଡ଼ିକରେ ପ୍ରସ୍ତାବିତ ଆସନ ସଂଖ୍ୟା ବର୍ତ୍ତମାନର ଆସନ ତୁଳନାରେ ପାଖାପାଖି ୭୦% ରୁ ୮୦ % ବୃଦ୍ଧି ▶ପୃଷ୍ଠା-୭

- ୨୦ ବିଜେପି ସାଂସଦ ଦେବାର ପ୍ରତିଫଳ ଭୋଗିବେ ଓଡ଼ିଶାବାସୀ
- ବିହାରରେ ଆସନ ବଢ଼ିବ ୮୦%, ଉତ୍ତରପ୍ରଦେଶରେ ୭୫%
- ଓଡ଼ିଶାରେ ୩୫ %, କେରଳରେ ୧୯ %, ତାମିଲନାଡୁରେ ୩୦%
- ୩୧ ପରିବର୍ତ୍ତେ ୨୯ରେ ସୀମିତ ରହିବ ଓଡ଼ିଶାର ଲୋକସଭା ଆସନ
- ୨୧୭ ପରିବର୍ତ୍ତେ ୧୯୬ ହେବ ରାଜ୍ୟ ବିଧାନସଭା ଆସନ ସଂଖ୍ୟା

## ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

### ସୀମା ପୁନଃନିର୍ଦ୍ଧାରଣରେ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ

# ୪୮ ଘଣ୍ଟାରେ ଡାକନ୍ତୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ



- ୧୫ ପ୍ରତିଶତ ପର୍ଯ୍ୟନ୍ତ କମିବ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ
- ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତି ନ ହେବାକୁ ହେଉ ସଂକଳ୍ପ
- ଓଡ଼ିଆ ଭାବେ ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ କରନ୍ତୁ ମୁଖ୍ୟମନ୍ତ୍ରୀ
- ରାଜନୈତିକ ଅଧିକାର ସୁରକ୍ଷିତ ରହିଲେ, ପୁନଃ ନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ
- ମହିଳାଙ୍କ ରାଜନୈତିକ ସଂରକ୍ଷଣ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଦେବ ବିଜେଡି

■ ଭୁବନେଶ୍ୱର, ୧୫।୪ (ସମିସ): ସଂସଦର ସ୍ୱତନ୍ତ୍ର ଅଧିବେଶନରେ ପ୍ରସ୍ତାବିତ ସୀମା ପୁନର୍ନିର୍ଦ୍ଧାରଣ ବିଲ୍‌ରେ ଓଡ଼ିଶା ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟର ସଂସଦୀୟ କ୍ଷେତ୍ର ସଂଖ୍ୟା ୨୧ରୁ ୨୯କୁ ବୃଦ୍ଧି ସତ୍ତ୍ୱେ ରାଜ୍ୟର ରାଜନୈତିକ ପ୍ରତିନିଧିତ୍ୱ ଜାତୀୟସ୍ତରରେ ୧୫% ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ତେଣୁ ଓଡ଼ିଶାର ରାଜନୈତିକ ଅଧିକାର ଯେପରି ଏକ ସହସ୍ରାଂଶ କ୍ଷତି ନ ହେବ ସେଥିପାଇଁ ଜଣେ ଓଡ଼ିଆ ଭାବରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନିଅନ୍ତୁ। ୪୮ ଘଣ୍ଟାରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼କାଯାଇ ଏ ସଂକ୍ରାନ୍ତରେ ସଂକଳ୍ପ ଗୃହୀତ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ।

ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଓଡ଼ିଶାର ୨୧ ଜଣ ସାଂସଦ ଅଛନ୍ତି, ଯାହା ମୋଟ ସଂଖ୍ୟାର ପ୍ରାୟ ୩.୯ ପ୍ରତିଶତ। ମାତ୍ର ଆସନ୍ତାକାଲି ସଂସଦର ସ୍ୱତନ୍ତ୍ର ଅଧିବେଶନରେ ବିଲ୍ ପାରିତ ସହ ସଂଶୋଧନ ପ୍ରସ୍ତାବ ଗୃହୀତ ହେଲେ ଏହି ସଂଖ୍ୟା ୨୯କୁ ବୃଦ୍ଧି ପାଇବ ସିନା, ଲୋକସଂଖ୍ୟା ଅନୁପାତ ଅନୁପାତ ୩.୪ ପ୍ରତିଶତକୁ କମିଯିବ। ଫଳରେ ଜନସଂଖ୍ୟା ନିୟନ୍ତ୍ରଣ ଓ ମାନବ ସମ୍ବଳ ବିକାଶରେ ଅଗ୍ରଣୀ ଓଡ଼ିଶା ଜାତୀୟସ୍ତରରେ ପ୍ରାୟ ୧୫ ପ୍ରତିଶତ ପର୍ଯ୍ୟନ୍ତ ରାଜନୈତିକ ପ୍ରତିନିଧିତ୍ୱର ହାନି ସମ୍ମୁଖୀନ ହେବ। ଏହା ଜାତୀୟସ୍ତରରେ ଆମର ରାଜନୈତିକ କଣ୍ଠସ୍ୱର ଓ ପ୍ରଭାବକୁ କ୍ଷୀଣ କରିବ ଏବଂ ଅନ୍ୟ ରାଜ୍ୟମାନଙ୍କ ପକ୍ଷରେ ପୁନର୍ବଣ୍ଟନ କରାଯିବ। ବିଭିନ୍ନ ରିପୋର୍ଟ ଅନୁସାରେ ଏହି ପ୍ରକ୍ରିୟାରେ ଓଡ଼ିଶା ଚତୁର୍ଥ ସବୁଠାରୁ ବଡ଼ କ୍ଷତିଗ୍ରସ୍ତ ରାଜ୍ୟ ହେବ। ଏହା ୪.୫ କୋଟି ଓଡ଼ିଆଙ୍କ ଆକାଂକ୍ଷା ପ୍ରତି ଶକ୍ତ ପ୍ରହାର ସଦୃଶ ହୋଇଥିବା ବେଳେ ଆଗାମୀ ପିଢି ପାଇଁ ଗୁରୁତର ଅନ୍ୟାୟ ସୃଷ୍ଟି କରିବ ବୋଲି ଆଶଙ୍କା କରିଛନ୍ତି ନବୀନ। ଏହି ପ୍ରସଙ୍ଗରେ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାର ରାଜନୈତିକ ଅଧିକାର ଅକ୍ଷୁର୍ଣ୍ଣ ରହିଲେ ଆମେ ସୀମା ପୁନର୍ନିର୍ଦ୍ଧାରଣ ବିଲ୍‌କୁ ସ୍ୱାଗତ କରିବୁ, ମାତ୍ର ଓଡ଼ିଶାର ରାଜନୈତିକ ଅଧିକାର ଏକ ସହସ୍ରାଂଶ କ୍ଷତିକୁ ଗ୍ରହଣ କରିପାରିବୁ ନାହିଁ। ତେଣୁ ସ୍ୱତନ୍ତ୍ର ଅଧିବେଶନରେ ଏମିତି ଏକ ପ୍ରସ୍ତାବ ପାରିତ କରାଯାଉ, ଯେଉଁଥିରେ ଓଡ଼ିଶାର ୦.୦୦୧ ପ୍ରତିଶତ ▶ପୃଷ୍ଠା-୭

# ହର୍ମୁଜରେ ଆମେରିକାର ସାମରିକ ଅବରୋଧ ଜାରି

### ଇରାନର ୮ ଟି ତୈଳ ଟ୍ୟାଙ୍କରକୁ ଅଟକାଇଲା ଆମେରିକା ନୌସେନା

■ ତେହେରାନ/ୱାସିଂଟନ, ୧୫।୪(ଏଜେନ୍ସି): ଯୁଦ୍ଧବିରତି ମଧ୍ୟରେ ପାକିସ୍ତାନରେ ଇରାନ ଓ ଆମେରିକା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହେବାପରେ ହର୍ମୁଜରେ ଆମେରିକାର ଅବରୋଧକୁ ନେଇ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଆମେରିକା ନେଭି ଅତିକମରେ ୮ ଟି ଇରାନୀ ତୈଳ ଟ୍ୟାଙ୍କରକୁ ଅଟକାଇ ସେଗୁଡ଼ିକୁ ପଛକୁ ଫେରିଯିବାକୁ ବାଧ କରିଛି । ଏଥିରେ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ସମଗ୍ର ପାରସ୍ୟ ଉପସାଗର, ଓମାନ ସାଗର ଏବଂ ଲୋହିତ ସାଗର ଅବରୋଧ କରିବାକୁ ଧମକ ଦେଇଛି । ଇରାନ ସେଂଟ୍ରାଲ କମାଣ୍ଡ ମୁଖ୍ୟ ଏହି ଧମକ ଦେଇ କହିଛନ୍ତି ହର୍ମୁଜରେ ଆମେରିକା ନୌସେନାର ଅବରୋଧ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଓ ବାଣିଜ୍ୟ ପ୍ରତି ବିପଦ ସୃଷ୍ଟି କରିଛି । ଏହି ଅବରୋଧ ସମାପ୍ତ ନକଲେ ସମଗ୍ର ପାରସ୍ୟ ସାଗରରେ ବାରିଜ୍ୟ କାରବାରକୁ ଅବରୋଧ କରିବ ଇରାନ ।

### ପାରସ୍ୟ ଉପସାଗର ଅବରୋଧ ପାଇଁ ଧମକ ଦେଲା ଇରାନ

ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟ ଅନୁଯାୟୀ, ଆମେରିକା ନୌସେନା ରେଡ଼ିଓ ଯୋଗାଯୋଗ ମାଧ୍ୟମରେ ଇରାନ ଅଭିମୁଖେ ଯାଉଥିବା ଜାହାଜଗୁଡ଼ିକୁ ଚେତାବନୀ ଦେଉଛି । ଆମେରିକା ଏହି ଅବରୋଧ ପାଇଁ ୧୫ରୁ ଅଧିକ ଯୁଦ୍ଧ ଜାହାଜ ଏବଂ ହଜାର ହଜାର ସୈନ୍ୟଙ୍କୁ ନିୟୋଜିତ କରିଛି । ଅଟକାଯାଇଥିବା ▶ପୃଷ୍ଠା-୭

# ବଢ଼ିଲା ତାତି, ୪୨ ଡିଗ୍ରୀ ଛୁଇଁଲା ପାରଦ



- ୨୦-୨୫ରେ ପ୍ରଖର ତାତି ଅନୁଭୂତ ହେବ
- ଆଭ୍ୟନ୍ତରୀଣରେ ୪୫ ଓ ଭୁବନେଶ୍ୱରରେ ୪୦ ଛୁଇଁବ

■ ଭୁବନେଶ୍ୱର, ୧୫।୪ (ସମିସ): ରାଜ୍ୟରେ ତାପମାତ୍ରା କ୍ରମାଗତ ଭାବେ ବଢ଼ି ଚାଲିଛି। ଆଭ୍ୟନ୍ତରୀଣରେ ତାତି ବଢୁଥିବା ବେଳେ ଉପକୂଳରେ ତାତି ସାଙ୍ଗକୁ ଆର୍ଦ୍ରତା ଲୋକଙ୍କୁ କଲବଲ କରୁଛି। ବୁଧବାର ଟିଟିଲାଗଡ଼ରେ ତାପମାତ୍ରା ୪୨ ଡିଗ୍ରୀ ଛୁଇଁଛି। ଏହାସହ ଭବାନୀପାଟଣାରେ ୪୧.୮, ଝାରସୁଗୁଡ଼ାରେ ୪୧.୬, ସମ୍ବଲପୁର, ହୀରାକୁଦ ଓ ବଲାଙ୍ଗିରରେ ତାତି ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ତାଳଚେର, ବୌଦ୍ଧ ଓ ନୂଆପଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ରହିଛି। ତାତି ବୃଦ୍ଧି ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୧-୨ ଡିଗ୍ରୀ ଅଧିକ ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ। ତେବେ ମଝିରେ ମଝିରେ କିଛି ସ୍ଥାନରେ କାଁ ଭାଁ କାଳବୈଶାଖୀ ଜନିତ ବର୍ଷା ହୋଇପାରେ।

ଅନ୍ୟପଟେ ଆସନ୍ତା ୩-୪ ଦିନ ଭିତରେ ତାପମାତ୍ରାରେ ଆହୁରି ବୃଦ୍ଧି ଆଶଙ୍କା ରହିଥିବାରୁ ୨୦-୨୫ ତାରିଖ ମଧ୍ୟରେ ପ୍ରଖର ତାତି ଅନୁଭୂତ ହେବାର ଆଶଙ୍କାକରାଯାଉଛି। ଏହି ସମୟରେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସକ୍ରିୟ ରହିବା ହେତୁ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ପ୍ରବଳ ଗରମ ଓ ଶୁଷ୍କ ବାୟୁ ରାଜ୍ୟକୁ ପ୍ରବାହିତ ହେବ। ଏହାସହିତ ଅପରାହ୍ଣ ପରେ ସମୁଦ୍ର ପଟୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଓ ଏହା ପ୍ରଭାବରେ ସୃଷ୍ଟି ହେଉଥିବା କାଁ ଭାଁ କାଳବୈଶାଖୀ ମଧ୍ୟ ବନ୍ଦ ହୋଇଯିବ। ଫଳରେ ଏହି ୫ ଦିନ ମଧ୍ୟରେ ତତଲା ମାଟି ସାଙ୍ଗକୁ ପ୍ରବଳ ତାତି ଅନୁଭୂତ ହେବ। ଏମିତି କି ଏହି ସମୟରେ ରାଜ୍ୟର ଆଭ୍ୟନ୍ତରୀଣ ସମେତ ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବ। ଏହି ସମୟରେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ତାତି ୪୦ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା କରାଯାଇଛି।

ଗୁରୁବାର ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ▶ପୃଷ୍ଠା-୭






## ସିବିଏସ୍‌ଇ ଦଶମ ଫଳ ପ୍ରକାଶିତ

- ପାସ୍ ହାର ଦେଶରେ ୯୩.୭୦%; ଓଡ଼ିଶାରେ ୯୩.୬୬%
- ଭୁବନେଶ୍ୱର ରିଜିଅନ୍‌ରେ ୯୪.୬୭% କୃତକାର୍ଯ୍ୟ; ଛାତ୍ରୀ ଆଗରେ

■ ଭୁବନେଶ୍ୱର, ୧୫।୫ (ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ସମୁଦାୟ ୨୪ ଲକ୍ଷ ୮୩ ହଜାର ୪୭୯ ଜଣ ପିଲା ପରୀକ୍ଷା ଦେବାକୁ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୨୪ ଲକ୍ଷ ୭୧ ହଜାର ୭୭୭ ଜଣ ପରୀକ୍ଷା ଦେଇଥିବାବେଳେ ୨୩ ଲକ୍ଷ ୧୬ ହଜାର ୮ ଜଣ ଅର୍ଥାତ୍ ୯୩.୭୦ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବବର୍ଷ ତୁଳନାରେ ପାସ୍‌ହାର ବଢ଼ିଛି। ୨୦୨୫ରେ ୯୩.୬୬% ପିଲା ପାସ୍ କରିଥିବାବେଳେ ୨୦୨୬ରେ ୯୩.୭୦% ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୯୨.୬୯ ପ୍ରତିଶତ ଥିବାବେଳେ ଛାତ୍ରୀଙ୍କ ▶ପୃଷ୍ଠା-୭









# ରାଘବ ଚଡ୍ଢାଙ୍କୁ ଜେଡ୍ପ୍ଲସ୍ ସୁରକ୍ଷା

■ ପ୍ରତ୍ୟାହାର କଲା ପଞ୍ଜାବ
■ ସୁରକ୍ଷା ଦେଲା କେନ୍ଦ୍ର

ଚଣ୍ଡିଗଡ଼/ନୂଆଦିଲ୍ଲୀ:୧୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଏବଂ ଏହାର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଡ୍ଢାଙ୍କ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି। ଦଳୀୟ ପଦବୀରୁ ହଟାଯିବାର ମାତ୍ର କିଛି ଦିନ ମଧ୍ୟରେ ଆଜି ପଞ୍ଜାବ ସରକାର ରାଘବଙ୍କୁ ପ୍ରଦାନ କରାଯାଇଥିବା ଜେଡ୍ ପ୍ଲସ୍ ଶ୍ରେଣୀର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିନେଇଛନ୍ତି। ପଞ୍ଜାବ ପୋଲିସର ଏହି ନିଷ୍ପତ୍ତି ପରେ ୩୭ ବର୍ଷୀୟ ଚଡ୍ଢାଙ୍କ ସୁରକ୍ଷାରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ମୁଖ୍ୟାଳୟକୁ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଘବ ଚଡ୍ଢା ଏବଂ ଆପ୍ ହାଇକମାଣ୍ଡଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏହି ଦୂରତା ପଛରେ କିଛି ପ୍ରମୁଖ କାରଣ ରହିଥିବା ଚର୍ଚ୍ଚା ହେଉଛି ଗତ ଏପ୍ରିଲ ୨ ତାରିଖରେ ରାଘବଙ୍କୁ ରାଜ୍ୟସଭାରେ ଦଳର ଉପନେତା ପଦରୁ ହଟାଇ ଦିଆଯାଇଥିଲା। ଦଳୀୟ ସୂତ୍ର ଅନୁଯାୟୀ, ସଂସଦରେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ସ୍ୱର ନ ଉଠାଇ କେବଳ ନିଜର 'ସଫ୍ଟ ପିଆର୍' ବା ବ୍ୟକ୍ତିଗତ ପ୍ରଚାରରେ ବ୍ୟସ୍ତ ରହୁଥିବା ନେଇ ଦଳ ତାଙ୍କ ଉପରେ କ୍ଷୁବ୍ଧ ରହିଛି। ଅନ୍ୟପଟେ ରାଘବ ଏହି ସମସ୍ତ ଅଭିଯୋଗକୁ ମିଥ୍ୟା ବୋଲି ଦର୍ଶାଇ କହିଛନ୍ତି ଯେ, ସେ ସଂସଦକୁ ଜନସାଧାରଣଙ୍କ ସମସ୍ୟା ଉଠାଇବା ପାଇଁ ଯାଆନ୍ତି, ହଟ୍ଟଗୋଳ କରିବା ପାଇଁ ନୁହେଁ। ପଞ୍ଜାବର ଆମ୍ ଆଦମୀ ପାର୍ଟି ସରକାରଙ୍କ ଏହି ପଦକ୍ଷେପକୁ ରାଜନୈତିକ ପ୍ରତିଶୋଧ ବୋଲି କେତେକ ମହଲରେ ସମାଲୋଚନା କରାଯାଉଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ରାଘବଙ୍କୁ ଆଜି ଜେଡ୍ ସୁରକ୍ଷା ପ୍ରଦାନ କରିଛନ୍ତି।

# ପବନ ଖେରାଙ୍କୁ ଝଟ୍କା

ନୂଆଦିଲ୍ଲୀ:୧୫।୪(ଏଜେନ୍ସି): କଂଗ୍ରେସର ବରିଷ୍ଠ ନେତା ତଥା ମିଡିଆ ବିଭାଗ ମୁଖ୍ୟ ପବନ ଖେରାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀଙ୍କ ବିରୋଧରେ ଆଣିଥିବା ଅଭିଯୋଗ ମାମଲାରେ ସୁପ୍ରିମକୋର୍ଟ ଆଜି ପବନ ଖେରାଙ୍କୁ ମିଳିଥିବା 'ଟ୍ରାଞ୍ଜିଟ୍ ଜାମିନ' ଉପରେ ରୋକ୍ ଲଗାଇଛନ୍ତି। ତେଲେଙ୍ଗାନା ହାଇକୋର୍ଟ ଦେଇଥିବା ଏହି ଏକ ସପ୍ତାହର ଜାମିନ ଆଦେଶକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିବା ସହ ଖେରାଙ୍କୁ ଆସାମର ସମ୍ବନ୍ଧିତ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ ଅତୁଲ ଏସ୍ ଚନ୍ଦୁରକରଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆସାମ ସରକାରଙ୍କ ଆବେଦନ ଉପରେ ଶୁଣାଣି କରି ଏହି ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ପବନ ଖେରାଙ୍କୁ ଆସାମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ଆଇନ ଅନୁଯାୟୀ ପ୍ରତିକାର ଖୋଜିବାକୁ ପଡ଼ିବ। ତେବେ ସେଠାରେ ଜାମିନ ଆବେଦନ କରିବା କ୍ଷେତ୍ରରେ ଆଜିର ଏହି ଆଦେଶ ବାଧା ସୃଷ୍ଟି କରିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ପବନ ଖେରାଙ୍କୁ ନୋଟିସ୍ ଜାରି କରି ତିନି ସପ୍ତାହ ମଧ୍ୟରେ ଜବାବ ମାଗିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀଙ୍କ ପାଖରେ ୩ଟି ପାସପୋର୍ଟ ରହିଛି ଏବଂ ଦୁବାଇ ତଥା ଆମେରିକାରେ ତାଙ୍କର ଅଘୋଷିତ ସମ୍ପତ୍ତି ରହିଛି ବୋଲି ଖେରା ଦାବି କରିଥିଲେ। ଶର୍ମା ପରିବାର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ ପାକିସ୍ତାନୀ ସୋସିଆଲ ମିଡିଆ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ଏଆଇ-ନିର୍ମିତ ଜାଲ୍ ଦସ୍ତାବିଜ ବୋଲି କହିଛନ୍ତି। ତେଲେଙ୍ଗାନା ହାଇକୋର୍ଟ ପବନ ଖେରାଙ୍କୁ ଗିରଫଦାରୀରୁ କିଛି ଦିନ ପାଇଁ ସୁରକ୍ଷା ପ୍ରଦାନ କରିଥିଲେ ହେଁ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କ ପାଇଁ ଅସୁବିଧା ବଢ଼ିଯାଇଛି। ବର୍ତ୍ତମାନ ତାଙ୍କୁ ଆସାମ ଯାଇ ଆଇନଗତ ଲଢେଇ ଲଢ଼ିବାକୁ ପଡ଼ିବ।

# ଆଣ୍ଡାମାନ ସାଗରରେ କାଳ ସାଜିଲା ସମୁଦ୍ର ଲହଡ଼ି

ଟେକନାଫ, ୧୫।୪(ଏଜେନ୍ସି): ମାନବିକତାର କରୁଣ ଚିତ୍କାର ଆଜି ଆଣ୍ଡାମାନ ସାଗରର ନୀଳ ଜଳରାଶିରେ ନିଶ୍ଚିହ୍ନ ହୋଇଯାଇଛି। ଭାଗ୍ୟ ଅନ୍ୱେଷଣରେ ସମୁଦ୍ରର ଅଥଳ ଗଭୀରତାକୁ ଆଦରି ନେଇଥିବା ଶତାଧିକ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ସ୍ୱପ୍ନ ଆଜି ଜଳସମାଧି ନେଇଛି। ବାଂଲାଦେଶରୁ ମାଲେସିଆ ଅଭିମୁଖେ ଯାଉଥିବା ଏକ ଯାନ୍ତ୍ରିକ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଶିଶୁ ଓ ମହିଳାଙ୍କ ସମେତ ପ୍ରାୟ ୨୫୦ ଜଣ ନିଖୋଜ ଅଛନ୍ତି। ମିଳିତ ଜାତିସଂଘର ଶରଣାର୍ଥୀ ସଂସ୍ଥା (ୟୁଏନ୍ଏସ୍ସିଆର) ଏବଂ ଅନ୍ତର୍ଜାତୀୟ ପ୍ରବାସୀ ସଂଗଠନ (ଆଇଓଏମ୍) ପକ୍ଷରୁ ଏହି ବିଭୀଷିକାମୟ ଖବର ନିଶ୍ଚିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦକ୍ଷିଣ ବାଂଲାଦେଶର ଟେକନାଫ ଉପକୂଳରୁ ପ୍ରାୟ ୨୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଏକ ମାଛଧରା ଟ୍ରଲର ମାଲେସିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ମାତ୍ର ପ୍ରକୃତିର ରୁଦ୍ର ରୂପ ଓ ସାମୁଦ୍ରିକ ଝଡ଼ ଆଗରେ ହାର ମାନିଥିଲା ମଣିଷର ଜୀବନ ସଂଗ୍ରାମ। ପ୍ରବଳ ପବନ ଏବଂ କ୍ଷମତାଠାରୁ ଅଧିକ ଭାର ଯୋଗୁଁ ଡଙ୍ଗାଟି ଆଣ୍ଡାମାନ ସାଗର ମଝିରେ ଓଲଟି ପଡ଼ିଥିଲା। ବାଂଲାଦେଶ କୋଷ୍ଟଗାର୍ଡର ଏକ ଜାହାଜ ମାତ୍ର ୯ ଜଣ ବ୍ୟକ୍ତିଙ୍କୁ ସମୁଦ୍ରର ଅତଳ ଗହ୍ୱରରୁ ଉଦ୍ଧାର କରିବାକୁ ସକ୍ଷମ ହୋଇଛି, ଯେଉଁମାନେ ପ୍ଲାଷ୍ଟିକ୍ ଡ୍ରମ୍ ଏବଂ କାଠଗଣ୍ଡି ସାହାଯ୍ୟରେ ଦୀର୍ଘ ୩୬ ଘଣ୍ଟା କାଳ ମୃତ୍ୟୁ ସହ ଲଢେଇ କରୁଥିଲେ। ଉଦ୍ଧାର ହୋଇଥିବା ଜଣେ ବ୍ୟକ୍ତି ରଫିକଲ୍ ଇସଲାମଙ୍କ ବୟାନ ଶୁଣିଲେ ମନ ଶିହରି ଉଠିବ। ସେ କହିଛନ୍ତି ଯେ, ମାଲେସିଆରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ମାନବ ଚାଲାଣକାରୀମାନେ ସେମାନଙ୍କୁ ଏହି ବିପଦପୂର୍ଣ୍ଣ ଯାତ୍ରାରେ ସାମିଲ କରିଥିଲେ। ଡଙ୍ଗାଟି ବୁଡ଼ିବା ପୂର୍ବରୁ ଅଣନିଶ୍ୱାସୀ ହୋଇ ପ୍ରାୟ ୨୫ରୁ ୩୦ ଜଣ ପ୍ରାଣ ହରାଇ ସାରିଥିଲେ। ବର୍ତ୍ତମାନ ସୁଦ୍ଧା ଅବଶିଷ୍ଟ ଯାତ୍ରୀଙ୍କ ସମ୍ପର୍କରେ କୌଣସି ପତ୍ତା ମିଳୁନାହିଁ, ଯାହା ଫଳରେ ସେମାନଙ୍କର ମୃତ୍ୟୁ ଆଶଙ୍କା ଘନୀଭୂତ ହେବାରେ ଲାଗିଛି।



# ପୁଣି ଆଶା ଦେଖାଇଲେ ଟ୍ରମ୍ପ

## ଖୁବ୍ଶୀଘ୍ର ଶେଷ ହେବ ଇରାନ ଯୁଦ୍ଧ

■ ଆମେରିକାର ବାର୍ତ୍ତା ନେଇ ଇରାନ ଗଲା ପାକିସ୍ତାନ ପ୍ରତିନିଧି ଦଳ
■ ଆମେରିକା ସହିତ ସଂପର୍କରେ ରହିଛି ତେହେରାନ୍

ଇସଲାମାବାଦ/ୱାସିଂଟନ, ୧୫।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧାବସ୍ଥାର ସମାଧାନ ପାଇଁ ଆମେରିକା ଓ ଇରାନ ମଧ୍ୟରେ ପୁନର୍ବାର ଆଲୋଚନା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପାକିସ୍ତାନର ଇସଲାମାବାଦଠାରେ ହେବାକୁ ଥିବା ଏହି ବୈଠକ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସକାରାତ୍ମକ ସଂକେତ ଦେଇଥିଲେ ହେଁ, ୱାସିଂଟନ ପକ୍ଷରୁ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ରଖାଯାଇଛି। ବୈଠକ ପୂର୍ବରୁ ଆମେରିକା ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ଦୁଇଟି ସର୍ତ୍ତ ପୂରଣ ହେଲେ ହିଁ ଆଲୋଚନା ସାର୍ଥକ ହେବ। ଆମେରିକା ଚାହୁଁଛି ଯେ ହରମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ସମ୍ପୂର୍ଣ୍ଣ ଅବାଧ ହେଉ। ଯଦି ଇରାନ ଅନ୍ୟ ଦେଶର ଟ୍ୟାଙ୍କରକୁ ଅଟକାଏ, ତେବେ ଇରାନର କୌଣସି ଜାହାଜକୁ ମଧ୍ୟ ସେହି ପଥ ଦେଇ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଆମେରିକା ଚେତାବନୀ ଦେଇଛି। ଆମେରିକା ଦ୍ୱିତୀୟ ସର୍ତ୍ତ ରଖିଛି ଯେ, ଇସଲାମାବାଦ ଆସୁଥିବା ଇରାନ ପ୍ରତିନିଧି ଦଳ ପାଖରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାର ସମ୍ପୂର୍ଣ୍ଣ ଅଧିକାର ରହିବା ଆବଶ୍ୟକ। ବିଶେଷ କରି ଇରାନର ଶକ୍ତିଶାଳୀ ସେନା ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍ଜିସି) ର ସମ୍ମତି ଏହି ଆଲୋଚନା ପାଇଁ ଅପରିହାର୍ଯ୍ୟ।

ଆମେରିକାର ଏହି ବାର୍ତ୍ତା ନେଇ ପାକିସ୍ତାନର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଇରାନ ଯାଉଥିବା ଜଣାପଡ଼ିଛି। ସେମାନେ ଆମେରିକାର ସର୍ତ୍ତ ଓ ଆଭିମୁଖ୍ୟ ବଇଷୟରେ ଇରାନ ସରକାରଙ୍କୁ ଅବଗତ କରାଇବେ। ଏହାପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଇତିମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ଆଜି କହିଛନ୍ତି ଯେ ଇରାନ ଓ ଆମେରିକା ମଧ୍ୟରେ ଖୁବଶୀଘ୍ର ଆଲୋଚନା ହେବାକୁ ଯାଉଛି। ତେଣୁ ଏହି ଯୁଦ୍ଧ ଆଉ ବେଶି ଦିନ ଚାଲିବ ନାହିଁ। ମଧ୍ୟସ୍ଥି ଜରିଆରେ କଥାବାର୍ତ୍ତା ଚାଲିଛି ଏବଂ ଏହା ସଫଳ ହେବ ବୋଲି ସେ ଆଶାବାଦୀ। ୭ ସପ୍ତାହ ଧରି ଚାଲିଥିବା ଏହି ଯୁଦ୍ଧରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଛି ବୋଲି ସେ ଦାବି କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଇରାନର ରାଜନୈତିକ ନେତୃତ୍ୱ ଏବଂ ସାମରିକ ନେତୃତ୍ୱ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଶୀଘ୍ର ଏକ ବୁଝାମଣା କରିବାକୁ ଚାହୁଁଥିବା ବେଳେ, କିଛି ବରିଷ୍ଠ ସାମରିକ ଅଧିକାରୀ ଏଥିରେ ବାଧା ସୃଷ୍ଟି କରୁଥିବା ଜଣାପଡ଼ିଛି। ଗତ ସପ୍ତାହରେ ହୋଇଥିବା ଆଲୋଚନାରେ କୌଣସି ସ୍ଥାୟୀ ସମାଧାନ ବାହାରି ପାରିନଥିଲା। ତେଣୁ ଚଳିତ ସପ୍ତାହ ଶେଷ ସୁଦ୍ଧା କିମ୍ବା ଆସନ୍ତା ସପ୍ତାହ ଆରମ୍ଭରେ ଉଭୟ ପକ୍ଷ ପୁଣି ଥରେ ମୁହାଁମୁହିଁ ବସିପାରନ୍ତି। ପାକିସ୍ତାନ ଏହି ଆଲୋଚନା ପାଇଁ ମଧ୍ୟସ୍ଥତା କରୁଥିବାବେଳେ ଦୁଇ ଦେଶରୁ ସକାରାତ୍ମକ ପ୍ରତିକ୍ରିୟା ମିଳୁଥିବା ସୂଚନା ମିଳିଛି। ଦୀର୍ଘ ୧୯୭୯ ପରଠାରୁ ଆମେରିକା ଓ ଇରାନ ମଧ୍ୟରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଆଲୋଚନା। ଯଦି ଆମେରିକାର ସର୍ତ୍ତ ଅନୁଯାୟୀ ଇରାନ ନିଜର ଆଭିମୁଖ୍ୟ ବଦଳାଏ, ତେବେ ବିଶ୍ୱ ବଜାରରେ ତୈଳ ସଙ୍କଟ ଦୂର ହେବା ସହ ଏକ ସମ୍ଭାବ୍ୟ ମହାଯୁଦ୍ଧର ଆଶଙ୍କା ଟଳିଯାଇପାରେ।

# ଇସ୍ରାଏଲ ଉପରକୁ ହିଜବୁଲ୍ଲାର ୩୦ ରକେଟ୍ ମାଡ଼

ଲେବାନନରେ ଇସ୍ରାଏଲ ନିର୍ମାଣ କରୁଛି ସ୍ଥାୟୀ ସାମରିକ ଘାଟି

ବେରୁଟ/ତେଲ୍ ଆଭିଭ, ୧୫।୪(ଏଜେନ୍ସି):ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଦୀର୍ଘଦଶନ୍ଧିପରେଅନୁଷ୍ଠିତହୋଇଥିବାପ୍ରତ୍ୟକ୍ଷଶାନ୍ତିଆଲୋଚନାରମାତ୍ରକିଛିଘଣ୍ଟା ମଧ୍ୟରେ ପୁଣି ଥରେ ରକ୍ତପାତର ଆଶଙ୍କା ଘନୀଭୂତ ହୋଇଛି। ବୁଧବାର ସକାଳେ ଇସ୍ରାଏଲର ଉତ୍ତର ସୀମାନ୍ତକୁ ଲକ୍ଷ୍ୟ କରି ଲେବାନନର ସଶସ୍ତ୍ର ଆତଙ୍କବାଦୀ ଗୋଷ୍ଠୀ ହିଜବୁଲ୍ଲା ପ୍ରାୟ ୩୦ଟି ରକେଟ୍ ନିକ୍ଷେପ କରିଛି। ୱାଶିଂଟନରେ ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ କଥାବାର୍ତ୍ତା ଚାଲିଥିବାବେଳେ ଏହି ଆକ୍ରମଣ ବିଶ୍ୱ ସମୁଦାୟକୁ ଚକିତ କରିଛି। ଇସ୍ରାଏଲ ସେନାବାହିନୀ (ଆଇଡିଏଫ୍) ର ସୂଚନା ଅନୁଯାୟୀ, ବୁଧବାର ଭୋରରୁ ଉତ୍ତର ଇସ୍ରାଏଲ ଅଞ୍ଚଳରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। ପ୍ରାୟ ୩୦ଟି ରକେଟ୍ ଲେବାନନ୍ ସୀମାପାର କରି ଇସ୍ରାଏଲ ଭୂଖଣ୍ଡରେ ମାଡ଼ ହୋଇଛି। ଆମେରିକା ମଧ୍ୟସ୍ଥତାରେ ଦୀର୍ଘ ବର୍ଷ ପରେ ପ୍ରଥମ ଥର ପାଇଁ ଇସ୍ରାଏଲ ଓ ଲେବାନନ୍ ପ୍ରତିନିଧିମାନେ ଆଲୋଚନା ପାଇଁ ଏକତ୍ରିତ ହୋଇଥିଲେ। ଏହାର ତୁରନ୍ତ ପରେ ଏହି ଆକ୍ରମଣ ଶାନ୍ତି ପ୍ରକ୍ରିୟାକୁ ଶକ୍ତ ଧକ୍କା ଦେଇଛି। ହିଜବୁଲ୍ଲାର ଏହି କାର୍ଯ୍ୟାନୁଷ୍ଠାନ ଇରାନ-ଇସ୍ରାଏଲ ଯୁଦ୍ଧ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି।

ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଆନ୍ତର୍ଜାତୀୟସ୍ତରରେ ଉଦ୍ୟମ ଜାରି ରହିଥିବାବେଳେ ଦକ୍ଷିଣ ଲେବାନନର ଚିତ୍ର ଏବେ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ଦକ୍ଷିଣ ଲେବାନନକୁ ଗାଜାରେ ପରିଣତ କରୁଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ୍ ସେନା ବୁଲଡୋଜର ସାହାଯ୍ୟରେ ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରି ସେଠାରେ ସ୍ଥାୟୀ ସାମରିକ ଆଉଟପୋଷ୍ଟ ବା ଘାଟି ନିର୍ମାଣ କରୁଛି। ଇସ୍ରାଏଲର ପ୍ରମୁଖ ସମ୍ବାଦପତ୍ର 'ହାରେଟ୍ଜ' ସହ ଆଲୋଚନା ବେଳେ କିଛି ସେନା ଅଧିକାରୀ ସ୍ୱୀକାର କରିଛନ୍ତି ଯେ, ସେମାନେ ଲେବାନନରେ ଠିକ୍ ସେହିଭଳି କାର୍ଯ୍ୟ କରୁଛନ୍ତି ଯେପରି ଗାଜାରେ କରିଥିଲେ। ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଘରଗୁଡ଼ିକୁ ଭାଙ୍ଗି ସଫା କରାଯାଉଛି। ଦିନକରେ କେତେ ଗୃହ ଧ୍ୱଂସ କରାଗଲା, ତାହାକୁ ନେଇ ସଫଳତାର ମାପକାଠି ନିର୍ଦ୍ଧାରଣ କରାଯାଉଛି। ସୈନିକମାନଙ୍କ କହିବା ଅନୁଯାୟୀ, ନୂଆ କରି ନିର୍ମାଣ ହେଉଥିବା ଘାଟିଗୁଡ଼ିକ କୌଣସି ଅସ୍ଥାୟୀ ବ୍ୟବସ୍ଥା ନୁହେଁ, ବରଂ ଏହା ଦୀର୍ଘକାଳୀନରହଣିପାଇଁଉଦ୍ଦିଷ୍ଟ।ଇସ୍ରାଏଲ୍ସେନାଲେବାନନରଲିଟାନିନଦୀଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଥିବା ଗ୍ରାମଗୁଡ଼ିକ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିସାରିଛନ୍ତି। ସେନା ଅଧିକାରୀଙ୍କ ମତରେ, ଗାଜା ତୁଳନାରେ ଲେବାନନରେ ଏହି ରଣନୀତି କଷ୍ଟକର ହୋଇପାରେ। ଗାଜା ସମତଳ ଭୂମି ହୋଇଥିବା ବେଳେ ଲେବାନନର ପାହାଡ଼ିଆ ଅଞ୍ଚଳ ହିଜବୁଲ୍ଲାକୁ ଅଧିକ ସୁବିଧା ପ୍ରଦାନ କରେ। ଏହି ଜଟିଳ ଭୂଗୋଳ ଯୋଗୁଁ ଇସ୍ରାଏଲ୍ ସୈନ୍ୟମାନେ ହିଜବୁଲ୍ଲାର ରକେଟ୍ ଏବଂ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ଆକ୍ରମଣର ସହଜ ଶିକାର ହେବାର ଆଶଙ୍କା ରହିଛି।



# ଟ୍ରମ୍ପଙ୍କୁ ଇରାନର ବ୍ୟଙ୍ଗ

ଦୁଶାନ୍ବେ (ତାଜିକିସ୍ତାନ), ୧୫।୪ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଏଆଇ- ନିର୍ମିତ ଚିତ୍ରକୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା କୂଟନୈତିକ ଯୁଦ୍ଧ ଏବେ ସୋସିଆଲ ମିଡିଆରେ ପହଞ୍ଚିଛି। ତାଜିକିସ୍ତାନସ୍ଥିତ ଇରାନ ଦୂତାବାସ ପକ୍ଷରୁ ଏକ ଭିଡିଓ ଶେୟାର କରାଯାଇଛି, ଯେଉଁଥିରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଆକ୍ରମଣ କରୁଥିବାର ଦର୍ଶାଯାଇଛି। କିଛିଦିନ ତଳେ ଡୋନାଲ୍ଡ ଟ୍ରମ୍ପ ନିଜର 'ଟ୍ରୁଥ୍ ସୋସିଆଲ୍' ଆକାଉଣ୍ଟରେ ଏକ ଏଆଇ ଚିତ୍ର ଶେୟାର କରିଥିଲେ। ସେଥିରେ ଟ୍ରମ୍ପ ଜଣେ ଯୀଶୁଙ୍କ ଭଳି ପୋଷାକ ପିନ୍ଧି ଜଣେ ରୋଗୀକୁ ସୁସ୍ଥ କରୁଥିବାର ଦେଖିବାକୁ ମିଳିଥିଲା। ଏହି ଚିତ୍ର ପ୍ରକାଶ ପାଇବା ପରେ ଆମେରିକାରେ ଥିବା ଖ୍ରୀଷ୍ଟିଆନ କର୍ମକର୍ତ୍ତା ଏବଂ ଧର୍ମଗୁରୁମାନେ ଏହାକୁ 'ଧର୍ମନିନ୍ଦା' (ବ୍ଲାସଫେମିସ) ବୋଲି କହି କଡ଼ା ସମାଲୋଚନା କରିଥିଲେ। ଟ୍ରମ୍ପ ନିଜକୁ ଭଗବାନଙ୍କ ସହ ତୁଳନା କରୁଥିବା ଅଭିଯୋଗ ହୋଇଥିଲା। ଆମେରିକା ସହ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଇରାନ ଏହି ସୁଯୋଗକୁ ହାତଛଡ଼ା କରିନାହିଁ। ଇରାନର ବିଭିନ୍ନ ଦୂତାବାସ ଏହି ଚିତ୍ରକୁ ନେଇ ଟ୍ରମ୍ପଙ୍କୁ ଥଟ୍ଟା କରିବାରେ ଲାଗିଛନ୍ତି। ଏପ୍ରିଲ ୧୫ରେ ତାଜିକିସ୍ତାନସ୍ଥିତ ଇରାନ ଦୂତାବାସ ଏକ ଏଡିଟେଡ୍ ଭିଡିଓ ଶେୟାର କରିଛି। ଏଥିରେ ଯୀଶୁ ଖ୍ରୀଷ୍ଟ ଅତ୍ୟନ୍ତ କ୍ରୋଧିତ ହୋଇ ଟ୍ରମ୍ପଙ୍କୁ ମୁଥା ମାରୁଥିବାର ଦର୍ଶାଯାଇଛି। ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଥିବା ଇରାନ ଦୂତାବାସ ଏହି ଚିତ୍ରକୁ ଶେୟାର କରି କଟାକ୍ଷ କରିଥିଲେ। ସେମାନେ ପ୍ରଶ୍ନ କରିଥିଲେ ଯେ, ଟ୍ରମ୍ପ ଯେଉଁ ବ୍ୟକ୍ତିଙ୍କୁ ସୁସ୍ଥ କରୁଛନ୍ତି ସେ କ'ଣ ଜେଫ୍ରି ଏପଷ୍ଟାଇନ୍? ବିବାଦ ବଢ଼ିବା ପରେ ଟ୍ରମ୍ପ ଶେଷରେ ପୋଷ୍ଟଟିକୁ ଡିଲିଟ୍ କରିଦେଇଥିଲେ।

# ଆମେରିକାରେ ଭାରତୀୟ ବଂଶୋଦ୍ଭବ ବିଚାରପତି ବରଖାସ୍ତ

ୱାଶିଂଟନ, ୧୫।୪(ଏଜେନ୍ସି): ଆମେରିକାରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଚାଲିଥିବା କଠୋର ଦେଶାନ୍ତରଣ ନୀତି ମଧ୍ୟରେ ଜଣେ ଭାରତୀୟ ବଂଶୋଦ୍ଭବ ବିଚାରପତି ବଳି ପଡ଼ିଛନ୍ତି। ଏକ ହାଇପ୍ରୋଫାଇଲ୍ 'ଡିପୋର୍ଟେସନ' ବା ଦେଶରୁ ବହିଷ୍କାର ମାମଲାରେ ରୋକ ଲଗାଇଥିବା ଯୋଗୁଁ ଇମିଗ୍ରେସନ ଜଜ୍ ରୂପଲ ପଟେଲଙ୍କୁ ତାଙ୍କ ପଦରୁ ବରଖାସ୍ତ କରାଯାଇଛି। ଶୁକ୍ରବାର ଦିନ ବରଖାସ୍ତ ହୋଇଥିବା ୬ ଜଣ ବିଚାରପତିଙ୍କ ମଧ୍ୟରେ ପଟେଲ ଅନ୍ୟତମ। ରୂପଲ ପଟେଲଙ୍କୁ ୨୦୨୪ ମସିହାରେ ନିଯୁକ୍ତି ଦିଆଯାଇଥିଲା ଏବଂ ତାଙ୍କର ପରୀକ୍ଷାମୂଳକ କାର୍ଯ୍ୟକାଳ (ପ୍ରୋବାବେସନ ପିରିୟଡ଼) ଶେଷ ହେବାକୁ ଯାଉଥିଲା। ତେବେ ଏକ ନିର୍ଦ୍ଦିଷ୍ଟ ମାମଲାକୁ ନେଇ ପ୍ରଶାସନ ସହ ତାଙ୍କର ମତଭେଦ ସୃଷ୍ଟି ହୋଇଥିଲା। ଜାନୁଆରୀ ମାସରେ ରୂପଲ ପଟେଲ ତୁର୍କୀର ଜଣେ ଛାତ୍ରୀ ରୁମେୟସା ଓଜତୁର୍କଙ୍କ ବହିଷ୍କାର ବିରୋଧରେ ରାୟ ଦେଇଥିଲେ। ପାଲେଷ୍ଟାଇନ ପ୍ରସଙ୍ଗରେ ଲେଖିବା ଯୋଗୁଁ ଛାତ୍ରୀଙ୍କ ଭିସା ରଦ୍ଦ କରାଯାଇଥିଲା, କିନ୍ତୁ ବିଚାରପତି ପଟେଲ ଏହାକୁ ରୋକି ଦେଇଥିଲେ। ଅଭିଯୋଗ ହେଉଛି ଯେ, ଟ୍ରମ୍ପ ପ୍ରଶାସନ ପକ୍ଷରୁ ବିଚାରପତିମାନଙ୍କ ଉପରେ କେବଳ ଦେଶରୁ ବହିଷ୍କାର ସପକ୍ଷରେ ରାୟ ଦେବା ପାଇଁ ଚାପ ପ୍ରୟୋଗ କରାଯାଉଛି। ପଦରୁ ହଟିବା ପରେ ରୂପଲ ପଟେଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆମେରିକାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିରପେକ୍ଷ ଶୁଣାଣିର ଅଧିକାର ରହିଛି।



# ବିହାରରେ ନୀତୀଶ ଯୁଗ ଶେଷ, 'ସମ୍ରାଟ' ଯୁଗ ଆରମ୍ଭ

■ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ ଚୌଧୁରୀ
■ ବିଜୟ ଚୌଧୁରୀ ଓ ବିଜେନ୍ଦ୍ର ଯାଦବଙ୍କୁ ଉପ-ମୁଖ୍ୟମନ୍ତ୍ରୀ ଦାୟିତ୍ୱ

ପାଟନା, ୧୫।୪(ଏଜେନ୍ସି): ବିହାର ରାଜନୀତିରେ ଏକ ବଡ଼ ଧରଣର ଓଲଟପାଲଟ ପରେ ଆଜି ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱରେ ନୂତନ ସରକାର ଗଠିତ ହୋଇଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଲୋକ ଭବନଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ସମ୍ରାଟ ଚୌଧୁରୀ ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବିହାର ଇତିହାସରେ ଏହା ପ୍ରଥମ ବିଜେପି ନେତୃତ୍ୱାଧୀନ ସରକାର। ସମ୍ରାଟଙ୍କ ସହ ଜେଡିୟୁ ନେତା ବିଜୟ ଚୌଧୁରୀ ଏବଂ ବିଜେନ୍ଦ୍ର ଯାଦବ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ଗ୍ରହଣ ପରେ ନୂତନ ସରକାରରେ ବିଭାଗ ବଣ୍ଟନ କରାଯାଇଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନିଜ ପାଖରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ ରଖିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ବିହାରର ମୁଖ୍ୟମନ୍ତ୍ରୀ ରହିବା ପରେ ନୀତୀଶ କୁମାର ଗତ ସୋମବାର ନିଜ ପଦରୁ ଇସ୍ତଫା ଦେଇଥିଲେ। ସେ ଏବେ ରାଜ୍ୟସଭା ସଦସ୍ୟ ଭାବେ ନିଜର ନୂତନ ଇନିଂସ ଆରମ୍ଭ କରିଛନ୍ତି। ମଙ୍ଗଳବାର ଏନଡିଏ ବିଧାୟକ ଦଳ ବୈଠକରେ ନୀତୀଶ ନିଜେ ସମ୍ରାଟ ଚୌଧୁରୀଙ୍କ ନାମ ପ୍ରସ୍ତାବ କରିଥିଲେ। ସେଠାରେ ସମ୍ରାଟ, ନୀତୀଶଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିବାର ଦୃଶ୍ୟ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଇସ୍ତଫା ଦେବା ପରେ ନୀତୀଶ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି, ବର୍ତ୍ତମାନ ନୂତନ ସରକାର ଏଠାକାର କାମକାର୍ଯ୍ୟ ବୁଝିବେ। ନୂଆ ସରକାରଙ୍କୁ ମୋର ପୂର୍ଣ୍ଣ ସମର୍ଥନ ରହିବ। ବିହାରର ବିକାଶ ଧାରା ଆଗକୁ ଜାରି ରହିବ। ଅନ୍ୟପଟେ ସମ୍ରାଟ ଚୌଧୁରୀ କହିଛନ୍ତି ଯେ, ସେ ନୀତୀଶଙ୍କଠାରୁ ରାଜନୀତି ଶିଖିଛନ୍ତି ଏବଂ ତାଙ୍କର ସମୃଦ୍ଧ ବିହାର ସ୍ୱପ୍ନକୁ ସେ ଆଗକୁ ନେଇଯିବେ। ବିହାରରେ ନୀତୀଶ ଯୁଗର ଅନ୍ତ ଏବଂ ବିଜେପି ନେତୃତ୍ୱରେ ସମ୍ରାଟ ଚୌଧୁରୀଙ୍କ ଅଭ୍ୟୁଦୟ ରାଜ୍ୟ ରାଜନୀତିକୁ ଏକ ନୂତନ ଦିଶା ଦେଇଛି। ଜେଡିୟୁ ଓ ବିଜେପି ମଧ୍ୟରେ ଥିବା ଏହି ନୂଆ ସମୀକରଣ ଆଗାମୀ ଦିନରେ ବିହାରର ପ୍ରଶାସନିକ ଓ ରାଜନୈତିକ ସ୍ଥିତିକୁ କିପରି ପ୍ରଭାବିତ କରୁଛି, ତାହା ଦେଖିବାକୁ ବାକି ରହିଲା।

**ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ (୨୯ ବିଭାଗ)**
ଗୃହ, କୃଷି, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କଳା ଓ ସଂସ୍କୃତି ଏବଂ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ରାଟଙ୍କ ନିୟନ୍ତ୍ରଣରେ ରହିବ।

**ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧୁରୀ (୧୦ ବିଭାଗ)**
ଜଳ ସମ୍ପଦ, ସଂଖ୍ୟାଲଘୁ କଲ୍ୟାଣ, ଶିକ୍ଷା, ପରିବହନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ତାଙ୍କୁ ପ୍ରଦାନ କରାଯାଇଛି।

**ଉପ-ମୁଖ୍ୟମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ (୮ ବିଭାଗ)**
ଶକ୍ତି ଏବଂ ଅର୍ଥ ଭଳି ପ୍ରମୁଖ ବିଭାଗର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି।

# ସୀମା ପୁନଃନିର୍ଦ୍ଧାରଣ ନେଇ ବ୍ୟାପିଲା ଅସନ୍ତୋଷର ନିଆଁ

■ ମହିଳା ବିଲ୍ ସହିତ ସୀମା ନିର୍ଦ୍ଧାରଣକୁ ଯୋଡ଼ାଯିବାକୁ ବିରୋଧ
■ ମହିଳା ବିଲ୍କୁ ସମର୍ଥନ; ସୀମା ବିଲ୍କୁ ବିରୋଧ
■ ଆନ୍ଦୋଳନ ଧମକ ଦେଲେ ଏମ୍କେ ଷ୍ଟାଲିନ୍



ନୂଆଦିଲ୍ଲୀ, ୧୫।୪(ଏଜେନ୍ସି): ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ ସଂପର୍କରେ କେନ୍ଦ୍ର ସରକାର ଚିଠାପ୍ରସ୍ତାବ ଜାରି କରିବା ପରେ ଏହାକୁ ନେଇ ସାରା ଦେଶରେ ଅସନ୍ତୋଷର ନିଆଁ ବ୍ୟାପିବାରେ ଲାଗିଛି। ଏହି ବିଲ ଉପରେ ଆଲୋଚନା ଓ ଅନୁମୋଦନ ପାଇଁ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ। ଏହି ଅଧିବେଶନ ପୂର୍ବରୁ ସରକାରଙ୍କ ଏହି ପ୍ରସ୍ତାବିତ ବିଲକୁ ନେଇ ବିରୋଧୀ ଦଳ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ସହିତ ସୀମା ନିର୍ଦ୍ଧାରଣ ବିଲକୁ ଯୋଡ଼ି ସରକାର ରାଜନୀତି କରୁଛନ୍ତି। ଏହା ସେମାନଙ୍କ ପାଇଁ ଗ୍ରହଣଯୋଗ୍ୟ ନୁହେଁ। ସେମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଥିବା ବେଳେ ସୀମା ପୁନଃନିର୍ଦ୍ଧାରଣ ବିଲକୁ ବିରୋଧ କରିବେ। ସରକାରୀ ବିଲ ଉପରେ ଆଲୋଚନା ପାଇଁ ଆଜି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବାସଭବନରେ ବିଭିନ୍ନ ବିରୋଧୀ ଦଳର ନେତା ଏକାଠି ହୋଇଥିଲେ। ମହିଳା ବିଲ୍ ଆଳରେ ସୀମା ପୁନଃନିର୍ଦ୍ଧାରଣ ପାଇଁ ସରକାର ଚଳାଇଥିବା ଉଦ୍ୟମକୁ ବିରୋଧ କରିବାକୁ ସେମାନେ ସ୍ଥିର କରିଛନ୍ତି। ବୈଠକ ପରେ ଖଡ଼ଗେ କହିଛନ୍ତି ଯେ ସେମାନେ ମହିଳା ବିଲକୁ ସମର୍ଥନ କରିବେ। କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲକୁ ବିରୋଧ କରାଯିବ। ବୈଠକରେ କଂଗ୍ରେସ ସମେତ ଡିଏମକେ, ଟିଏମସି, ଶିବସେନା (ଉଦ୍ଧବ), ଶରଦଙ୍କ ଏନସିପି, ସମାଜବାଦୀ ପାର୍ଟି, ନେସନାଲ କନଫେରେନ୍ସ, ଆରଜେଡି, ଆପ୍ ଏବଂ କମ୍ୟୁନିଷ୍ଟ ପାର୍ଟିର ନେତାମାନେ ସାମିଲ ହୋଇଥିଲେ।

ଇତିମଧ୍ୟରେ ସୀମା ପୁନଃନିର୍ଦ୍ଧାରଣ ବିଲ ବିରୋଧରେ ତାଙ୍କର ଆଭିମୁଖ୍ୟକୁ କଡ଼ା କରିଛନ୍ତି ଡିଏମକେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ। ସେ ଆଜି ଡିଏମକେର ବରିଷ୍ଠ ନେତାମାନଙ୍କ ବୈଠକ ଡାକି ସୀମା ପୁନଃନିର୍ଦ୍ଧାରଣ ବିଲକୁ ତୀବ୍ର ବିରୋଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣ ସଂପର୍କରେ କେନ୍ଦ୍ର ସରକାର ରାଜ୍ୟମାନଙ୍କ ସହିତ ଆଲୋଚନା କରି ନାହାନ୍ତି। ଏକପାଖିଆ ଭାବେ ସରକାର ସଂଖ୍ୟାବୃଦ୍ଧି କରିବାକୁ ଯାଉଛନ୍ତି। ଏଥିରେ ତାମିଲନାଡୁର ସ୍ୱାର୍ଥ ହାନୀ ହେଲେ ସମଗ୍ର ତାମିଲନାଡୁରେ ଆନ୍ଦୋଳନ କରାଯିବ।

ସୂଚନାଯୋଗ୍ୟ ଯେ ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି କରିବା ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ଲୋକସଭା ଓ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ପ୍ରସ୍ତାବ ମଧ୍ୟ ରହିଛି।

## ଶଙ୍ଖ ଭବନରେ 'ମହିଳା ସଶକ୍ତୀକରଣର ମହାନାୟକ ବିଜୁବାବୁ' ଶୀର୍ଷକ ଆଲୋଚନାଚକ୍ର

# ବିଜୁ ବାବୁଙ୍କ ସ୍ୱପ୍ନ ଓ ନବୀନ ବାବୁଙ୍କ ଉଦ୍ୟମ ଫଳପ୍ରଦ ହେବାକୁ ଯାଉଛି: ବିଜେଡି

ଭୁବନେଶ୍ୱର,୧୫।୪(ସମିସ): ଯେତେବେଳେ ମହିଳାଙ୍କ ସାମଗ୍ରିକ ଉନ୍ନତି କଥା କେହି ଚିନ୍ତା କରୁନଥିଲେ, ୯୦ ଦଶକରେ ମହିଳା ସଶକ୍ତିକରଣ ତଥା ଉନ୍ନତି ପାଇଁ ସ୍ୱପ୍ନ ଦେଖିବା ସହ ଅଭିଯାନ ଆରମ୍ଭ କରିଥିଲେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରି ବିଜୁ ବାବୁ ଐତିହାସିକ ପଦକ୍ଷେପ ନେଇଥିଲେ। ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ କରିଥିଲେ। କେବଳ ସଂରକ୍ଷଣ ନୁହେଁ; ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ପାଇଁ ବିଜୁ ବାବୁ ନିରନ୍ତର ଉଦ୍ୟମ କରିଥିଲେ ବୋଲି ବୁଧବାର ଶଙ୍ଖ ଭବନରେ 'ମହିଳା ସଶକ୍ତିକରଣର ମହାନାୟକ ବିଜୁବାବୁ' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। କେନ୍ଦ୍ର ସରକାର ସଂସଦରେ ମହିଳା ସଂରକ୍ଷଣ ବିଲ ଆଣିବାକୁ ଯାଉଥିବା ବେଳେ ବିଜୁ ବାବୁଙ୍କ ସେସେବେକାର ସ୍ୱପ୍ନ ଓ ନବୀନ ବାବୁଙ୍କ ଉଦ୍ୟମ ଫଳପ୍ରଦ ହେବାକୁ ଯାଉଛି ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି।

ମହିଳା ସଶକ୍ତିକରଣର ମହାନାୟକ, ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପୁଣ୍ୟ ତିଥି ଅବ୍ୟବହିତ ପୂର୍ବରୁ ବୁଧବାର ଶଙ୍ଖ ଭବନ ଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏହି ଆଲୋଚନାଚକ୍ରରେ ଉଦବୋଧନ ଦେଇ କହିଥିଲେ ଯେ ଆବାହମାନ କାଳରୁ ଓଡ଼ିଆ ସଂସ୍କୃତିରେ ମାତୃ ଉପାସନା ପରମ୍ପରା ରହିଆସିଛି। ସ୍ୱାଧୀନତା ସଂଗ୍ରାମରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରବାଦ ପୁରୁଷ ବିଜୁ




ବାବୁ କିଭଳି ମହିଳା ସଶକ୍ତିକରଣର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ, ଶ୍ରୀ ମିଶ୍ର ତାହାର ବର୍ଣ୍ଣନା କରିଥିଲେ। ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ଏପ୍ରିଲ ୧୭ ତାରିଖରେ ଦଳ ପକ୍ଷରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ରାଜ୍ୟବ୍ୟାପୀ ପାଳିତ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ, ଦଳର ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ୯୦ ଦଶକରେ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ ଭଳି ଐତିହାସିକ ପଦକ୍ଷେପ ନେଇଥିଲେ। ସମାଜର ନିମ୍ନ ବର୍ଗର ମହିଳାଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରୁଥିଲେ। ବର୍ତ୍ତମାନର ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ଅସମର୍ଥ ଥିବାବେଳେ ପ୍ରଚାର ସର୍ବସ୍ୱ ଅଭିଯାନରେ ବ୍ୟସ୍ତ ବୋଲି ଶ୍ରୀମତି ମଲ୍ଲିକ କ୍ଷୋଭ ପ୍ରକାଶ କରିଥିଲେ।

ଦଳର ଉପସଭାପତି (ଓବିସି ସେଲ୍) ତଥା ବିଧାୟକ ଡ. ଅରୁଣ କୁମାର ସାହୁ ସମାଜରେ ସଶକ୍ତ ମହିଳାଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହିଳା ସଶକ୍ତିକରଣ କ୍ଷେତ୍ରରେ ସାବିତ୍ରୀବାଇ ଫୁଲେଙ୍କ ଠାରୁ ଆରମ୍ଭ କରି ବିଜୁ ବାବୁଙ୍କ ପର୍ଯ୍ୟନ୍ତ ଅନେକ ମହାପୁରୁଷଙ୍କ ଅବଦାନ ସମ୍ପର୍କରେ କହିବା ସହ ପ୍ରବାଦ ପୁରୁଷ ବିଜୁ ବାବୁ କିଭଳି ଗ୍ରାମୀଣ ମହିଳାଙ୍କ ଉତ୍ଥାନ ପାଇଁ କାର୍ଯ୍ୟ କରୁଥିଲେ, ତାହାର ଅବତାରଣା କରିଥିଲେ। ଡ. ସାହୁ କହିଥିଲେ ଯେ ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ବିଜୁ ବାବୁଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଏହି ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରିବା ସହ ସ୍ୱତନ୍ତ୍ର ମିଶନ ଶକ୍ତି ବିଭାଗ ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିଥିଲେ। ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ବିକାଶ ପାଇଁ ନବୀନ ବାବୁଙ୍କ ଅବଦାନ ଅବିସ୍ମରଣୀୟ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ ମତ ରଖି ତରବରିଆ ଭାବେ ରାଜନୈତିକ ଉଦ୍ଦେଶ୍ୟ ରଖି ସରକାର ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି ବୋଲି କହିଥିଲେ। ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, କସ୍ତୁରୀ ମହାପାତ୍ର, ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ମୁଖପାତ୍ର ତୁମ୍ବନାଥ ପଣ୍ଡା, ଡ. ଗୀତା ବସ୍ତିଆ ପ୍ରମୁଖ ଏହି ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ।

ପରେ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ ଯେତେବେଳେ ମହିଳା ମାନଙ୍କୁ ସଶକ୍ତ କରିବା କଥା କେହି ଚିନ୍ତା କରିନଥିଲେ, ସେହି ସମୟରେ ପ୍ରବାଦ ପୁରୁଷ ବିଜୁ ବାବୁ ମହିଳାଙ୍କୁ ସଶକ୍ତ କରିବାକୁ ଅନେକ ପଦକ୍ଷେପ ନେଇଥିଲେ। ବିଜୁ ବାବୁଙ୍କ ଏହି ପଦକ୍ଷେପ, ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାପିତ କରିବା ସହିତ ସେମାନଙ୍କୁ ସଶକ୍ତିକରଣ କରିବାରେ ସମଗ୍ର ଦେଶରେ ଆଲୋକବର୍ତ୍ତିକା ସାଜିଥିଲା। ବିଜୁ ବାବୁଙ୍କ ଏହି ପଦକ୍ଷେପକୁ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ଆଉ ଗୋଟିଏ ପାଦ ଆଗକୁ ନେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ସଙ୍ଗକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଟୁକୁନି ସାହୁ କହିଥିଲେ ଯେ ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସ୍ଥାନିତ କରିବା ପାଇଁ ସମଗ୍ର ଦେଶରେ ବିଜୁ ବାବୁ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ। ଦେଶର ସମସ୍ତ ରାଜନୈତିକ ଦଳ ମଧ୍ୟରେ ଏହା ସପକ୍ଷରେ ଏକ ସହମତି ଆଣିବା ପାଇଁ ନବୀନ ପଟ୍ଟନାୟକ ଯେଉଁ ପ୍ରୟାସ କରିଥିଲେ, ତାହାରି ଫଳ ସ୍ୱରୂପ ମହିଳାଙ୍କ ପାଇଁ ସଂସଦ ଓ ବିଧାନସଭାରେ ସଂରକ୍ଷଣ ବିଲ୍ ପାଳିତ ପାଇଁ ବାଟ ଫିଟିଥିଲା। ବରିଷ୍ଠ ନେତ୍ରୀ ରାଜଶ୍ରୀ ମଲ୍ଲିକ କହିଥିଲେ ଯେ ମହିଳା ମାନଙ୍କୁ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ଉଦ୍ୟମର ମୂଳଦୁଆ ଦେଶରେ ବିଜୁ ବାବୁଙ୍କ ଦ୍ୱାରା ପଡିଥିଲା। ଏହି ଉଦ୍ୟମକୁ ତାଙ୍କ ସୁପୁତ୍ର ଆଉ ଗୋଟିଏ ପାଦ ଆଗକୁ ନେଇଥିଲେ। ମହିଳା ମାନଙ୍କୁ ସଂରକ୍ଷଣ ଦେବା ପାଇଁ ଆସିଥିବା ବିଲକୁ ଆମେ ସ୍ୱାଗତ କରୁଛୁ। କିନ୍ତୁ ତରବରିଆ ଭାବେ ରାଜନୈତିକ ପ୍ରଚାର ସର୍ବସ୍ୱ ଉଦ୍ଦେଶ୍ୟ ରଖି ଏହା କାର୍ଯ୍ୟକାରୀ କରାନଯାଉ ବୋଲି ସେ ଦାବି କରିଥିଲେ।

- ■ ୧୯୯୨ ମସିହାରେ ମହିଳା ପ୍ରତିନିଧିତ୍ୱ ପାଇଁ ଐତିହାସିକ ପଦକ୍ଷେପ ନେଇଥିଲେ ବିଜୁବାବୁ
- ■ ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ମହିଳାଙ୍କ ପାଇଁ ହୋଇଥିଲା ୩୩ ପ୍ରତିଶତ ଆସନ ସଂରକ୍ଷଣ
- ■ ୨୦୧୮ ରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତକ୍ରମେ ମହିଳା ସଂରକ୍ଷଣ ବିଲ୍ ହୋଇଥିଲା ପାରିତ
- ■ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ନେଇ ଅଭିଯାନ ଆରମ୍ଭ କରିଥିଲା ବିଜେଡି
- ■ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ମହିଳାଙ୍କୁ ସଶକ୍ତ କରିବା ପ୍ରଚାରସର୍ବସ୍ୱ ନ ହେଉ

## ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ

# ମୁନା ମହାନ୍ତିଙ୍କ ଅନ୍ତରୀଣ ଜାମିନ ବଳବତ୍ତର

କଟକ,୧୫।୪(ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି)ର ଏସଆଇ ନିଯୁକ୍ତି ପରୀକ୍ଷା କେଲେଙ୍କାରୀ ଘଟଣାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଅନ୍ତରୀଣ ଜାମିନକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ଆସନ୍ତା ୨୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି। ଆଜି ମାମଲା ଶୁଣାଣି ବେଳେ ସିବିଆଇ ପକ୍ଷରୁ ଅଭିଯୁକ୍ତ ମୁନା ମହାନ୍ତିଙ୍କ ଚିକିତ୍ସା ସମ୍ପର୍କିତ ତଥ୍ୟ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଲିଭର ଜନିତ ରୋଗରେ ପୀଡ଼ିତ ଅଭିଯୁକ୍ତଙ୍କ ପରବର୍ତ୍ତୀ ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ପର୍କରେ ସତ୍ୟପାଠ ଦାଖଲ ପାଇଁ ଆବେଦନକାରୀଙ୍କୁ ଜଷ୍ଟିସ ଗୌରୀଶଙ୍କର ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି, ମୁନା ମହାନ୍ତିଙ୍କ ସମେତ ପ୍ରିୟଦର୍ଶିନୀ ସାମଲ, ଟି.ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ସାଗର କୁମାର ଗୌଡ଼, ତଫିକ ଅହମ୍ମଦ ଖାନ, ସୁରେଶଚନ୍ଦ୍ର ନାୟକଙ୍କ ନିୟମିତ ଜାମିନ ହାଇକୋର୍ଟରେ ବିଚାରାଧୀନ ରହିଛି। ମାମଲାର ତଦନ୍ତ କରୁଥିବା ସିବିଆଇ ତରଫରୁ ଚାର୍ଜସିଟର କପି ହାଇକୋର୍ଟରେ ଦାଖଲ କରାଯାଇସାରିଛି। ଗତ ଫେବୃଆରୀ ୧୧ରେ ସ୍ୱାସ୍ଥ୍ୟଗତ କାରଣରୁ ଅଭିଯୁକ୍ତ ମୁନା ମହାନ୍ତିଙ୍କୁ ପ୍ରଥମେ ୧୫ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା ବେଳେ ଏହାକୁ ବିଭିନ୍ନ ସମୟରେ ବର୍ଦ୍ଧିତ କରାଯାଇଛି।

■ ପୀତବାସ ପଣ୍ଡା ହତ୍ୟା ମାମଲା

# ବିକ୍ରମଙ୍କ ଜାମିନ ଶୁଣାଣି ଶେଷ ଓ ରାୟ ସଂରକ୍ଷିତ

କଟକ,୧୫।୪(ସମିସ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ମାମଲାରେ ଅଭିଯୁକ୍ତ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ତରଫରୁ ରୁଜୁ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ତେବେ ଆସନ୍ତା ୧୭ତାରିଖ ସୁଦ୍ଧା ପକ୍ଷମାନେ ଲିଖିତ ଯୁକ୍ତି ଦାଖଲ କରି ପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠରେ ଆଜି ଶ୍ରୀ ପଣ୍ଡାଙ୍କ ଜାମିନ ଆବେଦନର ପୂର୍ଣ୍ଣାଙ୍ଗ ଶୁଣାଣି ହୋଇଥିଲା। ମାମଲାରେ ସମସ୍ତ ପକ୍ଷଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ବେଳେ ସରକାରଙ୍କ ତରଫରୁ କେସ ଡାଏରି ସହିତ ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ କରାଯାଇଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବ୍ରହ୍ମପୁର ଅତିରିକ୍ତ ଦେ?ରା ଜଜ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶ୍ରୀ ପଣ୍ଡାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁବିର ପାଲିତ, ସରକାରଙ୍କ ପକ୍ଷରୁ ଏଜିଏ ପାର୍ଥସାରଥୀ ନାୟକ, ଏତଲାକାରୀଙ୍କ ତରଫରୁ ଆଇନଜୀବୀ ବିଜୟ କୁମାର ରଗଡ ମାମଲା ପରିଚାଳନା କରୁଛନ୍ତି।

# ସରିଲା ସ୍ୱଗଣନା, ଆସନ୍ତାକାଲିଠାରୁ ଘରେ ଘରେ ସର୍ଭେ

ଭୁବନେଶ୍ୱର,୧୫।୪(ସମିସ): ରାଜ୍ୟରେ ଚାଲୁଥିବା ଡିଜିଟାଲ୍ ଜନଗଣନାର ସ୍ୱଗଣନା ପର୍ଯ୍ୟାୟ ବୁଧବାର ମଧ୍ୟରାତ୍ରୀରେ ଶେଷ ହୋଇଛି। ଏପ୍ରିଲ ୧ ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାରେ ଲୋକମାନେ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ନିଜ ଘରୋଇ ତଥ୍ୟ ଦାଖଲ କରିଛନ୍ତି। ଯେଉଁମାନେ ସ୍ୱଗଣନାରେ ନିଜ ତଥ୍ୟ ଦାଖଲ କରିନାହାନ୍ତି, ଆସନ୍ତାକାଲିଠାରୁ ସେମାନଙ୍କର ଘରକୁ ଘର ବୁଲି ସରକାରୀ କର୍ମଚାରୀମାନେ ସର୍ଭେ କରିବା ସହ ତଥ୍ୟ ହାସଲ କରିବେ। ଆସନ୍ତା ସମସ୍ତ ଜିଲ୍ଲାରେ ସରକାରୀ କର୍ମଚାରୀମାନେ ସର୍ଭେ କାମ କରିବେ। ଆସନ୍ତା ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ଆସନ୍ତାକାଲିଠାରୁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ହାଉସ୍ ଲିଷ୍ଟିଂ ଓ ହାଉସିଂ ସେନସସ୍ ଅଭିଯାନ ଆରମ୍ଭ ହେବ। ପ୍ରଶିକ୍ଷିତ ଏନ୍ୟୁମେରେଟରମାନେ ଘରେ ଘରେ ଯାଇ ତଥ୍ୟ ସଂଗ୍ରହ କରିବେ ଓ ସ୍ୱଗଣନାର ତଥ୍ୟକୁ ସତ୍ୟାପନ କରିବେ। ଏହି ସମୟରେ ଘରର ପରିସ୍ଥିତି, ପରିବାର ସଦସ୍ୟ, ସୁବିଧା, ଓ ସମ୍ପତ୍ତି ସମ୍ବନ୍ଧୀୟ ପ୍ରାୟ ୩୩ଟି ପ୍ରଶ୍ନର ତଥ୍ୟ ସଂଗ୍ରହ କରାଯିବ। ସରକାର ପକ୍ଷରୁ ଜଣାଯାଇଛି ଯେ ସ୍ୱଗଣନା କରିଥିବା ପରିବାରମାନେ ନିଜର ସ୍ୱଗଣନା ଆଇଡି ଏହି ସମୟରେ ଏନ୍ୟୁମେରେଟରଙ୍କୁ ଦେଖାଇବା ଆବଶ୍ୟକ।

# ଭୁବନେଶ୍ୱରରେ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି' ଲୋକାର୍ପିତ



ଭୁବନେଶ୍ୱର,୧୫।୪(ସମିସ): ରାଜଧାନୀର ପ୍ରଦର୍ଶନୀ ପଡ଼ିଆଠାରେ ଏକ ବୃହତ୍ ସମାବେଶ ମାଧ୍ୟମରେ ରାଜ୍ୟର ନୂତନ ଆଞ୍ଚଳିକ ଦଳ 'ଓଡ଼ିଶା ଜନତା କଂଗ୍ରେସ ପାର୍ଟି' ଜନ୍ମ ନେଇଛି। କଟକ ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଆନୁଷ୍ଠାନିକ ଭାବେ ଏହି ପାର୍ଟିର ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯଦିଓ ରାଜନୈତିକ ସ୍ତରରେ ପୁରୁଖା ବା କୌଣସି ବିଶେଷ ପରିଚିତ ମୁହଁ ଉପସ୍ଥିତ ନ ଥିଲେ, ହେଲେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଲୋକ ସମାବେଶରେ ଯୋଗ ଦେଇଥିବାରୁ, ମୋକିମ ନିଜର ପ୍ରଥମ ପର୍ଯ୍ୟାୟ ଶକ୍ତି ପ୍ରଦର୍ଶନରେ ଏକ ପ୍ରକାର ସଫଳ ହୋଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗ ଦେଇ ଦଳର ପ୍ରତିଷ୍ଠାତା ତଥା ସଭାପତି ମହମ୍ମଦ ମୋକିମ ପାର୍ଟିର ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସମ୍ପୂର୍ଣ୍ଣ ଭାବେ ଏକ ଯୁବ କୈନ୍ଦ୍ରିକ ଓ ଧର୍ମ ନିରପେକ୍ଷ ବିଚାରଧାରାକୁ ନେଇ କାର୍ଯ୍ୟ କରିବ। ବିଶେଷକରି ଓଡ଼ିଆ ଅସ୍ମିତା, ସ୍ୱାଭିମାନ, ଓଡ଼ିଆ ଭାଷା ଏବଂ ସଂସ୍କୃତିର ସଂରକ୍ଷଣ ପାଇଁ ଦଳ ସର୍ବଦା ପ୍ରତିବଦ୍ଧ ରହିବ। ଓଡ଼ିଶାର ଯୁବପିଢ଼ିଙ୍କୁ ଉପଯୁକ୍ତ ନେତୃତ୍ୱ ଶ୍ରେଣୀକୁ ଆଣିବା ସହ ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦଳର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ମହିଳା ସଶକ୍ତୀକରଣ, କୃଷକଙ୍କ ସର୍ବାଙ୍ଗୀନ ବିକାଶ ଏବଂ ଦଳିତ ଓ ପଛୁଆ ବର୍ଗଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ପାଇଁ ଦଳ ଏକ ସ୍ୱତନ୍ତ୍ର ରୋଡ୍ମ୍ୟାପ୍ ପ୍ରସ୍ତୁତ କରିଛି। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମ୍ପୂର୍ଣ୍ଣ ନିଶାମୁକ୍ତ ଓ ଘରୋଇ ହିଂସାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଦଳ ସଂକଳ୍ପବଦ୍ଧ। ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ପ୍ରଶାସନ ଓ ଗୁଣାତ୍ମକ ଶିକ୍ଷା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ପାର୍ଟି ନିଜର ପ୍ରତିଶ୍ରୁତି ଦୋହରାଇଛି। ଓଡ଼ିଶାର ଅମୂଲ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସୁବିନିଯୋଗ କରି ଏକ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦଳ ଆଗକୁ କାମ କରିବ। ଏହି ନୂତନ ପାର୍ଟି ଆଗାମୀ ଦିନରେ ଓଡ଼ିଶାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସଭାପତି ଶ୍ରୀ ମୋକିମ୍ କହିଛନ୍ତି।

ଅନ୍ୟପଟେ ଏହି କାର୍ଯ୍ୟକ୍ରମରେ ମୋକିମଙ୍କ ବିଧାୟିକା ଝିଅ ସୋଫିଆ ଫିରଦୋସ ଉପସ୍ଥିତ ରହି ପରୋକ୍ଷରେ ଆଗାମୀ ଦିନରେ ତାଙ୍କ ବାପାଙ୍କ ହାତମୁଠାକୁ ଟାଣ କରିବେ ବୋଲି ବାର୍ତ୍ତା ଦେଇଛନ୍ତି। ସଭାରେ ରାଜନୈତିକ ଭାଷଣବାଜିରୁ ସେ ଦୂରେଇ ରହିଥିଲେ ମଧ୍ୟ ପ୍ରଥମେ ମଞ୍ଚ ତଳେ ଓ ପରେ ମଞ୍ଚ ଉପରକୁ ଯାଇ ସମାବେଶ ସ୍ଥଳକୁ ଆସିଥିବା ଲୋକମାନଙ୍କୁ ସୋଫିଆ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ଅନ୍ୟପଟେ ଆଗାମୀ ଦିନରେ ତାଙ୍କ ଝିଅ ସୋଫିଆ ହିଁ ଦଳର ନେତୃତ୍ୱ ନେବେ ବୋଲି ମୋକିମ୍ ଇଶାରା ଦେଇଛନ୍ତି। ମୋକିମ୍ କହିଛନ୍ତି, ଅନ୍ୟ ଯୁବଗୋଷ୍ଠୀଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିଲେ ସେମାନେ ମଧ୍ୟ ନିଶ୍ଚୟ ଆଗକୁ ବଢ଼ିପାରିବେ। ହେଲେ କିଛି ବରିଷ୍ଠ ଯୁବକମାନଙ୍କୁ ବାଟ ଛାଡୁନାହାନ୍ତି। ସେହି ବରିଷ୍ଠମାନଙ୍କୁ ବାଟ କଡ଼େଇ ଆଗକୁ ବଢ଼ିବା ପାଇଁ ମୋକିମ୍ ଆହ୍ୱାନ ଦେଇଛନ୍ତି। ଏହି ସମାବେଶରେ ନିକଟରେ କଂଗ୍ରେସରୁ ବହିଷ୍କୃତ ହୋଇଥିବା କଟକର ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ମଧ୍ୟ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମଧୁ ମହାନ୍ତି, ବଦ୍ରି ମହାନ୍ତି, ନିକୁଞ୍ଜ ପଶାୟତ, ଅଶୋକ ପ୍ରତିହାରୀ, ଶୁଭେନ୍ଦୁ ଶେଖର ମଲ୍ଲିକ, ସଂଗ୍ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

- ■ ଓଡ଼ିଆ ଅସ୍ମିତା, ଯୁବ ନେତୃତ୍ୱ ହେବ ମୁଖ୍ୟ ଆଭିମୁଖ୍ୟ: ମୋକିମ୍
- ■ ମଞ୍ଚ ତଳେ ବସି ବାପାଙ୍କୁ ପରୋକ୍ଷ ସମର୍ଥନ ଦେଲେ ସୋଫିଆ

## ଭିସୁଟ୍‌ରେ 'ଜୋହୋ ସ୍କିଲ୍ ହବ୍' ଓ ପେଟିଏମ୍ "ଜ୍ଞାନ ବାହାନ' ଲୋକାର୍ପିତ

# ଜୋହୋ ସ୍କିଲ୍ ହବ୍' ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ ଓ ସମର୍ଥ କରିବ: ଧର୍ମେନ୍ଦ୍ର

ସମ୍ବଲପୁର, ୧୫।୪ (ସମିସ) : ବର୍ତ୍ତମାନର ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍ସ (ଜ୍ଞାନ ବାହାନ) ର ଶୁଭାରମ୍ଭ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'କୁ ଲୋକାର୍ପଣ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ। ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ। ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ନିପୁଣ କରିବ। ଯେଉଁମାନେ ନିଜର ଦକ୍ଷତା ପ୍ରମାଣିତ କରିବେ, ସେମାନଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଜୋହୋ ପକ୍ଷରୁ ରେସ୍-ଟୁ-କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର




ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ।

ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ୍ ଫାଉଣ୍ଡେସନ ଏବଂ ଭିସୁଟ୍‌ର ମିଳିତ ସହଯୋଗରେ 'ଜ୍ଞାନ ବାହନ' (ୱିଜଡମ୍ ଅନ୍ ହ୍ୱିଲ୍ସ)ର ଶୁଭାରମ୍ଭ ପ୍ରଶଂସନୀୟ। ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଏବଂ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଏହି ପଦକ୍ଷେପ ତୃଣମୂଳସ୍ତରରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ। ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି। ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ।

ଏହି ଅବସରରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ନୂତନ 'ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ' ଏବଂ 'ସ୍ପୋର୍ଟ୍ସ କମ୍ପ୍ଲେକ୍ସ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଶାରୀରିକ ବିକାଶ ଓ କ୍ରୀଡ଼ା ପ୍ରତିଭାକୁ ଉନ୍ନୀତ କରିବାରେ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଇନୋଭେଟରଙ୍କୁ ମଧ୍ୟ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜୋହୋ କର୍ପୋରେସନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣୀ, ପେଟିଏମ୍‌ର ପ୍ରତିନିଧି ଏବଂ ଭିସୁଟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ୨ ବର୍ଷ ହେଲାଣି ଖାଲି ପଡ଼ିଛି ଓବିସି କମିସନ ଅଧ୍ୟକ୍ଷ ଓ ସଦସ୍ୟ ପଦ

କଟକ,୧୫।୪(ସମିସ): ଓଡ଼ିଶା ରାଜ୍ୟ ପଛୁଆ ବା ଅନଗ୍ରସର ବର୍ଗ କମିସନ (ଓଏସସବିସି) ର ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଖାଲି ପଡିବା ପ୍ରସଂଗକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ



ଓ ଜଷ୍ଟିସ ଏମଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ତଥ୍ୟ ଦେବାକୁ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ରାଜ୍ୟ ଅନଗ୍ରସର ବା ପଛୁଆ ବର୍ଗ ଆୟୋଗ ଅଧିନିୟମ, ୧୯୯୩ର ଧାରା ୩(୨) ଅନୁସାରେ ଜଣେ ଅଧ୍ୟକ୍ଷ ଓ ତିନି ଜଣ ସଦସ୍ୟଙ୍କୁ ନେଇ ଏହି କମିସନ ଗଠିତ ହୋଇଛି। ଏହି କମିସନରେ ହାଇକୋର୍ଟର ବିଚାରପତି ପଦବିରେ କାର୍ଯ୍ୟ କରିଥିବା ଥିବା ଜଣେ ବ୍ୟକ୍ତି ଅଧ୍ୟକ୍ଷ ହେବା ଓ ଜଣେ ସମାଜବିଜ୍ଞାନୀ ତଥା ଅନଗ୍ରସର ଶ୍ରେଣୀ ବିଷୟରେ ବିଶେଷ ଜ୍ଞାନ ଥିବା ଦୁଇ ଜଣ ବ୍ୟକ୍ତି ସଦସ୍ୟ ହେବାର ପ୍ରାବଧାନ ଅଛି। ଏହି ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ ଗତ ୨୦୨୪ ଜାନୁଆରୀ ୧ ତାରିଖରେ ତାଙ୍କ ତିନିବର୍ଷିଆ କାର୍ଯ୍ୟକାଳ ପୂରଣ କରିଛନ୍ତି। ନୂତନ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ନ ଦେବାରୁ ରାଜ୍ୟର ଅନଗ୍ରସର ଶ୍ରେଣୀଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଷ୍ଠିତ ଏହି ବୈଧାନିକ ସଂସ୍ଥା ଅଚଳ ହୋଇଯାଇଛି। ରାଜ୍ୟରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଶ୍ରେଣୀ ଅନ୍ତର୍ଗତ ୨୧୬ଟି ସମୁଦାୟ ବାସ କରୁଛନ୍ତି। ସେମାନେ ରାଜ୍ୟର ଜନସଂଖ୍ୟାର ପ୍ରମୁଖ ଅଂଶ ଅଟନ୍ତି। ରାଜ୍ୟର ଅନଗ୍ରସର ଶ୍ରେଣୀ ତାଲିକାରେ ନୂତନ ଜାତିକୁ ଅନ୍ତର୍ଭୁକ୍ତ କରିବା, ଅଭିଯୋଗର ସମାଧାନ କରିବା ଓ ଅନଗ୍ରସର ଶ୍ରେଣୀ ବା ପଛୁଆ ବର୍ଗଙ୍କ ସମ୍ପର୍କରେ ସରକାରଙ୍କୁ ନୀତିଗତ ପରାମର୍ଶ ଦେବା ଏହି ଆୟୋଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଟେ। ଏହି ବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ କରିବାକୁ ମଧ୍ୟ ଏହି ଆୟୋଗକୁ ଦାୟିତ୍ୱ ଦିଆଯାଇଛି। ଆୟୋଗ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଉପରୋକ୍ତ ବର୍ଗର ଲୋକମାନେ ଶିକ୍ଷା, ନିଯୁକ୍ତି ଓ କଲ୍ୟାଣକାରୀ ଯୋଜନାର ସୁଫଳ ପାଇବାରେ ବହୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏଣୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

# ବଳିଆପଶି ଗ୍ରାମସଭାକୁ ବିରୋଧ; ବିଭିନ୍ନ ଗ୍ରାମକମିଟିର ସଭା




ତୁରୁମୁଙ୍ଗା, ୧୫।୪(ସମିସ): ବୁଧବାର ବଳିଆପଶି ଗ୍ରାମସଭାକୁ ଜିନ୍ଦଲ-ପେସ୍କୋ ପ୍ରତିରୋଧ ମଞ୍ଚ ବିରୋଧ କରିଛି। ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ଏନେଇ ପ୍ରତିବାଦ ସଭା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚେମଣା, ବରୁଡ଼ିପଶି, ଚିଲିଦା, ଗୋଡିପୋଖରୀ, ବରୁଡିପଶି ଆଦି ଗ୍ରାମରେ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ମଞ୍ଚ ପକ୍ଷରୁ ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ କମ୍ପାନୀ ବିରୋଧରେ ଲଢ଼େ ଚାଲିଥିବା କୁହାଯାଇଥିବା ବେଳେ ୧୩ ବର୍ଷ ପରେ ଉକ୍ତ ସ୍ଥାନରେ ରାଜ୍ୟ ସରକାର ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜିନ୍ଦଲ ଓ ପୋସ୍କୋ ସହ ବୁଝାମଣା ସ୍ୱାକ୍ଷର କରିଛନ୍ତି। ମଞ୍ଚ ପକ୍ଷରୁ ବାରମ୍ବାର ସରକାର ଓ ପ୍ରଶାସନକୁ ଜଣାଯାଇଛି ଯେ ଉର୍ବର ଚାଷ ଜମି ପରିବର୍ତ୍ତେ କେନ୍ଦୁଝର ଜିଲ୍ଲାରେ ଖଣି ସଂଲଗ୍ନ ଅଞ୍ଚଳରେ ଥିବା ସରକାରୀ ଜମିରେ କାରଖାନା ନିର୍ମାଣ କରାଯାଉ; ଯେଉଁଥିରେ ବିସ୍ଥାପିତ ସମସ୍ୟା ହେବ ନାହିଁ। ମଞ୍ଚର ଯମୁନାପଶି, କୋଡଖମଣ, ବରୁଡ଼ିପଶି, ଗୋଡ଼ିପୋଖରୀ, ଚିଲିଦା, ଚେମଣା ଆଦି ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ବେଣୁଧର ସର୍ଦ୍ଦାର, ଘନଶ୍ୟାମ ମହାନ୍ତ, ଶତ୍ରୁଘ୍ନ ନାଏକ, ଲକ୍ଷ୍ମଣ ମହାନ୍ତ, ଇନ୍ଦ୍ରମଣି ମହାନ୍ତ, ପଙ୍କଜ ଦେହୁରୀ ନେତୃତ୍ୱ ନେଇଥିଲେ।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ବଳିଆପଶି ୬ଷ୍ଠ ଗ୍ରାମସଭା

# ଏକର ପ୍ରତି ୨୦ କୋଟି ଟଙ୍କା ଦାବି

ତୁରୁମୁଙ୍ଗା, ୧୫।୪(ସମିସ): କେନ୍ଦୁଝରରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଚେମଣା ଗ୍ରାମପଞ୍ଚାୟତ ବଳିଆପଶି ଗ୍ରାମର ଦରବାର ଚତୁରୀ ନିକଟରେ ୬ଷ୍ଠ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୭୬.୮୯୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ୫ ଜଣ ୪୫ ଦଫା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୨୦ କୋଟି ଟଙ୍କା ଦାବି କରିଥିଲେ। ତେବେ ଗ୍ରାମସଭା ଚାଲିଥିବା ସମୟରେ ଜଣେ ମହିଳା କାନ୍ଦୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ମହିଳା ଜଣଙ୍କ ନିଜର ଦାବି ଉପସ୍ଥାପନ କରି ଗ୍ରାମସଭାରେ ବସିଥିଲେ, ହେଲେ ଜମି ହରାଉଥିବା ଦୁଃଖରେ ମହିଳା ଜଣଙ୍କ କୋହ ସମ୍ଭାଳି ପାରି ନଥିଲେ। ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବଳିଆପଶିଗ୍ରାମର ୧୧୫ଟି ଖାତାରୁ





୨୫୨ ପ୍ଲଟ ୭୬.୮୯୦ ଏକର ଜମି ସହ ୭୨.୦୫ ଏକର ସରକାରୀ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ସମିତିସଭ୍ୟ ମନୋଜ ମହାନ୍ତ, ଇଡ଼କୋ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡମେମ୍ବର ସରୋଜ କୁମାର ନାଏକ, ଯଦୁମଣି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ

### କୋହ ସମ୍ଭାଳି ନ ପାରି ଲୁହ ଝରାଇଲେ ମହିଳା

ପକ୍ଷରୁ ଶଶିଭୂଷଣ ନାଏକ, ଲକ୍ଷ୍ମୀପ୍ରିୟା ନାଏକ, ସୁଜାତା ନାଏକ, ଧ୍ରୁବ ନାଏକ, ସନାତନ ନାଏକ ୪୫ ସମ୍ବଳିତ ଦାବି ସର୍ତ୍ତ ରଖି ମତାମତ ଦେଇଥିଲେ। ବଳିଆପଶି ଗ୍ରାମଟି ଆଦିବାସୀ ବହୁଳ ହୋଇଥିବାରୁ ଏଠାରେ ପୂର୍ବରୁ ଜମି କିଣାବିକା ହୋଇନାହିଁ। କେନ୍ଦୁଝର ବଜାର ଉପରେ ଥିବା ଜମି ମୂଲ୍ୟ ଆଧାରରେ ଜମିର ଦରକୁ ବୃଦ୍ଧି କରିବାକୁ ଗ୍ରାମର ଧ୍ରୁବ ନାଏକ କହିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିତା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ, ପ୍ରଶାନ୍ତ ବେହେରା, ବିଜୟ ବିହାରୀ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କ ସହ ବଡ଼ବିଲ ଥାନାଧିକାରୀ ଅଶୋକ ନାଏକ, ବାରିଆ ଥାନାଧିକାରୀ ରଞ୍ଜୁହାସିନୀ କୁଲୁ, ଯୋଡ଼ା ଥାନାଧିକାରୀ ପ୍ରଶାନ୍ତ ସାମଲ, ପୁଲିସ ଫୋର୍ସ ମୁତୟନ ଥିଲେ। ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ।

### ● ସତ୍ୟଜିତ ପ୍ରଧାନଙ୍କ ଭଜନରେ ଝୁମିଲେ ଦର୍ଶକ

# ସାମନ୍ତରାୟପୁର ଗ୍ରାମଶ୍ରୀ ଠାକୁରାଣୀଙ୍କ ଚଇତି ପର୍ବ

କେନ୍ଦୁଝର, ୧୫।୪(ସମିସ): କେନ୍ଦୁଝର ସହରର ସାମନ୍ତରାୟପୁର ଶାସନ ଏବଂ ଆଖପାଖ ଅଞ୍ଚଳର ଗ୍ରାମଦେବତୀ ଗ୍ରାମଶ୍ରୀ ଠାକୁରାଣୀଙ୍କ ପୀଠରେ ଚୈତ୍ର ଶୁକ୍ଳ ପକ୍ଷ ସଂକ୍ରାନ୍ତିରେ ଚଇତି ପର୍ବ ବହୁ ଧୁମଧାମରେ ପାଳିତ ହେଉଛି। ମାଆଙ୍କ ପୀଠ ଓ ଏହାର ସନ୍ନିକଟ ସ୍ଥାନ ଆଲୋକ ମାଳାରେ ସଜ୍ଜିତ ହୋଇ ବେଶ ମନୋରମ ଦିଶୁଥିଲା ବେଳେ ୧୪ ତାରିଖ ପଣା ସଂକ୍ରାନ୍ତି ଅପରାହ୍ଣରେ ମାଆଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା ସହ ଶଙ୍ଖୁଡ଼ି ଭୋଗରେ ଖେଚୁଡ଼ି, ଡାଲି, ଘାଣ୍ଟ ତରକାରୀ ଓ ଖଟା ଲାଗି ହୋଇ ପ୍ରାୟ ୨ ହଜାର ଭକ୍ତଙ୍କୁ ବିତରଣ କରଯାଇଥିଲା। ସନ୍ଧ୍ୟାରେ ଓଡ଼ିଆ ସିନେ ଜଗତର ସୁନାମଧନ୍ୟ ଗାୟକ ସତ୍ୟଜିତ ପ୍ରଧାନ, ପ୍ରଭୁପ୍ରସାଦ ନନ୍ଦ, ଗାୟିକା ପ୍ରିୟଙ୍କା ପ୍ରଭୃତି ଭଜନ ପରିବେଷଣ କରିଥିଲେ। ହଜାର ହଜାର ଦର୍ଶକ ସତ୍ୟଜିତ ପ୍ରଧାନଙ୍କ ଭଜନକୁ ବେଶ ଉପଭୋଗ କରୁଥିବାର ପରିଲକ୍ଷିତ ହୋଇଥିଲା। ଏହି ଭଜନ ସମାରୋହ ଦୁଇ ଦିନ ଧରି ଚାଲିବ। ଗ୍ରାମଶ୍ରୀ ଠାକୁରାଣୀ କଳଚରାଲ କମିଟିର ନିତ୍ୟାନନ୍ଦ ଦାଶ, ଆଲୋକ ମିଶ୍ର, ସାତ ନମ୍ବର ୱାର୍ଡର କାଉନସିଲର ଅବିନାଶ ମିଶ୍ର, ଅବିନାଶ ଲୋହାନି, ଝୁନୁ ଭୂୟାଁ, ଅଜୟ ମିଶ୍ର, ମୋହିନୀ ମୋହନ ମିଶ୍ର, ନାରାୟଣ କର, ପର୍ଶୁରାମ କର, ଗୁରୁଚରଣ ନାଏକ, ଦୁର୍ଯ୍ୟୋଧନ ନାଏକ, ପ୍ରମୋଦ ନାଏକ, ସତ୍ୟାନନ୍ଦ ବିଶ୍ୱାଳ, ଭୁବନ ନାଏକ, ରବି ନାଏକ, ସୁଶାନ୍ତ ସାହୁ, ପୁପୁନ ପଟ୍ଟନାୟକ, ମନରଞ୍ଜନ ସାହୁ, ବିଶ୍ୱମ୍ବର ନାଏକ, ଜୁକୁଲୁ ନାଏକ, ବିକି ନାଏକ, ମଙ୍ଗୁଲୁ ନାଏକ ସହଯୋଗ କରିଥିଲେ।

### ● ଓଏଭିରେ ଆଇନ ସଚେତନତା

# ବାଲ୍ୟ ବିବାହ ଉପରେ କ୍ଷୁଦ୍ର ନାଟିକା 'ମିତାର ସଂଗ୍ରାମ' ମଞ୍ଚସ୍ଥ

କେନ୍ଦୁଝର, ୧୫।୪(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ବୋଦାପଳସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମନୁଷ୍ୟ ଓ ବନ୍ୟଜନ୍ତୁ ସଂଘର୍ଷ ଏବଂ ମାନସିକ ଅନଗ୍ରସରଙ୍କୁ ଆଇନ ସହାୟତା ସଂପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ବାଲ୍ୟ ବିବାହ ରୋକାଯିବା ଉପରେ ସମସ୍ତ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ ଓ ମାନସିକ ଅନଗ୍ରସର ପିଲାଙ୍କ ପାଇଁ ପ୍ରାଧିକରଣର ଭୂମିକା ଉପରେ ବିବରଣୀ ପ୍ରଦାନ କରି 'ମିତାର ସଂଗ୍ରାମ' ନାଟିକାକୁ ରାଜ୍ୟସ୍ତରରେ ପହଞ୍ଚାଇବାକୁ ମତ ଦେଇଥିଲେ। କେନ୍ଦୁଝର ବନଖଣ୍ଡର ସହକାରୀ ବନ ସଂରକ୍ଷକ ଅଶୋକ ଦାସ, ତଦାଶା ସଂପାଦକ ତଥା ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚକ୍ର, ଭାରପ୍ରାପ୍ତ ଅଧ୍ୟକ୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ ବିଶ୍ୱରଞ୍ଜନ ସାହୁ, ପିଏଲଭି ପୁଷ୍ପିତା ବାରିକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଶିକ୍ଷକ ଅମରେନ୍ଦ୍ର ମହାରଣାଙ୍କ ଦ୍ୱାରା ରଚିତ ଓ ଶିକ୍ଷକ ପଙ୍କଜ ସାହୁଙ୍କ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ରନାଟିକା ବାଲ୍ୟ ବିବାହ ରୋକିବା ଉପରେ 'ମିତାର ସଂଗ୍ରାମ' ମଞ୍ଚସ୍ଥ ହୋଇଥିଲା। ଲକ୍ଷ୍ମୀପ୍ରିୟା ବେହେରା, ଆଦ୍ୟାଶା ଦାସ, ଅଭିପ୍ସା ପତି, ପ୍ରୀତିପ୍ରଜ୍ଞା ରାଉତ, ରୋଜାଲିନ ମୁଦୁଲି, ଯଶୋବନ୍ତି ଗିରି, ଅଙ୍କିତା ଗିରି, ସାଇ ଆୟୁଷ ଜେନା, ସିଦ୍ଧି ମହାନ୍ତି, ରବି ଜେନା, ସାହିଲ ଟୁଟୁ, ପଙ୍କଜ ସାମଲ ଅଭିନୟ କରିଥିଲେ।

## କେନ୍ଦୁଖୁଣ୍ଟାରେ ମା'ତାରିଣୀଙ୍କ ବାର୍ଷିକ ମହାଯଜ୍ଞ

ଆନନ୍ଦପୁର,୧୫।୪(ସମିସ): ଆନନ୍ଦପୁର ଉପଖଣ୍ଡ କେନ୍ଦୁଖୁଣ୍ଟା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ତାରିଣୀଙ୍କ ମନ୍ଦିରରେ ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ୩୮ତମ ବାର୍ଷିକ ମହାଯଜ୍ଞ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। ମୁଖ୍ୟକର୍ତ୍ତା ଭାବେ ସତ୍ୟପ୍ରିୟ ବାରିକ ତାଙ୍କ ସହଧର୍ମିଣୀ ମାନିନୀ ବାରିକଙ୍କ ଦ୍ୱାରା ପୂଜା କଳସ ବୁଡ଼ାଇ ଯଜ୍ଞମଣ୍ଡପରେ ସ୍ଥାପନା କଲାପରେ ପୂଜା ଓ ଚଣ୍ଡୀପାଠ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଆଖପାଖର ବହୁ ଭକ୍ତଙ୍କ ସମାଗମ ହୋଇଥିଲା ବେଳେ ମନ୍ଦିର ପରିସରକୁ ସୁସଜ୍ଜିତ କରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାଜପୁର କଳାକାରଙ୍କ ଦ୍ୱାରା ଭଜନସଂଧ୍ୟା ଏବଂ ଷ୍ଟେପ ଆଣ୍ଡ ଷ୍ଟାଇଲ ଡ୍ୟାନ୍ସ ଏକାଡେମୀ ଯାଜପୁରରୋଡ଼ର କୁନିକୁନି କଳାକାର ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା। ପୂର୍ଣ୍ଣାହୁତି ପରେ ଅନୁଷ୍ଠାନ ତରଫରୁ ମଧ୍ୟାହ୍ନରେ ପଣା, ଟଙ୍କତୋରାଣୀ ସହ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସୁଶୀଲ ରାଉତ, ପ୍ରଭାତ ରାଉତ, ଦୀପକ ରାଉତ, ଶ୍ରୀକାନ୍ତ ରାଉତ, ପ୍ରକାଶ ରାଉତ, ଦିଲ୍ଲୀପ ରାଉତ, ପିଣ୍ଟୁଆ ରାଉତ, କାଳିଆ ରାଉତ, ସୌରଭ ରାଉତ, ସଚିନ ରାଉତ, ସିପି ରାଉତ, ରାକେଶ ରାଉତ, ସାନୁ ରାଉତ, ଡିଲୁ ରାଉତ, ଇଲା ରାଉତ, ବାଣ୍ଟିଆ ରାଉତ, କେଦାର ରାଉତ, ରଘୁ ସେଠୀ, ଗୁନିଆ ବେହେରା, ଚନ୍ଦନ ବାରିକ, ବାପି ବାରିକ, ଚିକୁ ଘଡେଇ, କାହ୍ନା ଘଡେଇ, ଦିପୁ ଘଡେଇ, ଶିବା ସେଠୀ, ବଣି ସେଠୀ, ବୁଲେଟ ସାହୁ ସହଯୋଗ କରିଥିଲେ।

## ଜୁଆଙ୍ଗ ସମାଜ ପକ୍ଷରୁ ଜଳଛତ୍ର ଲୋକାର୍ପିତ




ତେଲକୋଇ, ୧୫।୪(ସମିସ): ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ଚାରିଗଡ ପିଢ଼ ଜୁଆଙ୍ଗ ସମାଜ ତେଲକୋଇ ପକ୍ଷରୁ ମଧୁସୂଦନପୁର ଛକଠାରେ ଜଳଛତ୍ର ଉଦଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାରିଗଡ ମହାବିଦ୍ୟାଳୟ ଅଧ୍ୟାପକ ସୁରୀୟା ଜୁଆଙ୍ଗ ଯୋଗ ଦେଇଥିଲେ। ଜୁଆଙ୍ଗ ସମାଜର ସମ୍ପାଦକ ହରିବନ୍ଧୁ ଜୁଆଙ୍ଗ, କୋଷାଧ୍ୟକ୍ଷ ଶ୍ରୀଧର ଜୁଆଙ୍ଗ, ସମାଜସେବୀ ରମାକାନ୍ତ ଜୁଆଙ୍ଗ, ଜୁଆଙ୍ଗ ସର୍ଦ୍ଦାର ସୁଦାମ ଜୁଆଙ୍ଗ, ସକ୍ରିୟ ସଦସ୍ୟ ସୁଗ୍ରୀବ ଜୁଆଙ୍ଗ, ସଂଯୋଜକ ବୁଦ୍ଧଦେବ ଜୁଆଙ୍ଗ, ବଲ୍ଲଭ ଜୁଆଙ୍ଗ, ତପନ ଜୁଆଙ୍ଗଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଅପ୍ରେଲ ମାସ ଅଧା ହୋଇ ସାରିଥିବା ବେଳେ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଜଳଛତ୍ର ଖୋଲା ଯାଇ ନାହିଁ। ଏପରିସ୍ଥଳେ ଜୁଆଙ୍ଗ ସମାଜ ପକ୍ଷରୁ ଜଳଛତ୍ର ଖୋଲା ଯାଇ ଗଭୀର ନିଦ୍ରାରେ ଶୋଇଥିବା ପ୍ରଶାସନକୁ ନିଦରୁ ଉଠାଇବାକୁ ଏହା ଏକ ସୁନ୍ଦର ପ୍ରୟାସ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

## ସଂଘ ପ୍ରଚାରକ ପ୍ରଦୀପ ବାନପ୍ରସ୍ଥିଙ୍କ ପରଲୋକ



ଆନନ୍ଦପୁର, ୧୫।୪(ସମିସ): କେନ୍ଦୁଝର ଜିଲ୍ଲା ସଂଘ ପ୍ରଚାରକ ତ୍ରିଲୋଚନ ନାୟକ ଓରଫ ପ୍ରଦୀପ ବାନପ୍ରସ୍ଥି ଶାନ୍ତିକୁଞ୍ଜ, ହରିଦ୍ୱାରଠାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ବାବାଜୀ ନାମରେ ଅତି ଆଦରରେ ପରିଚିତ ଥିବା ପ୍ରଦୀପ ବାନପ୍ରସ୍ଥି ଜରୁରୀ ପରିସ୍ଥିତି ବିରୋଧରେ ଜନଆନ୍ଦୋଳନ କରି କାରାବରଣ କରିଥିଲେ। ପରେ ଶାନ୍ତିକୁଞ୍ଜଠାରେ ସନ୍ନ୍ୟାସ ବ୍ରତ ଅବଲମ୍ବନ କରିଥିଲେ। ମହାବିଷୁବ ସଂକ୍ରାନ୍ତି ଦିନ ଧ୍ୟାନ ଅବସ୍ଥାରେ ସେ ସ୍ୱର୍ଗାରୋହଣ କରିଛନ୍ତି। ଏହି ଅବସରରେ ଆନନ୍ଦପୁର ଲୋକତନ୍ତ୍ର ସେନାନୀ ସଙ୍ଘ ପକ୍ଷରୁ ସତ୍ୟାଗ୍ରହୀ ଅଧ୍ୟାପକ ଗଦାଧର ମିଶ୍ରଙ୍କ ବାସଭବନରେ ଆୟୋଜିତ ଏକ ଶୋକ ସଭାରେ ସତ୍ୟାଗ୍ରହୀ ଅରୁଣ ମିଶ୍ର, ରବୀନ୍ଦ୍ର ପ୍ରସାଦ ଚାନ୍ଦ, ନଗେନଚନ୍ଦ୍ର ଚାନ୍ଦ, ନିତ୍ୟାନନ୍ଦ ଦାସ ଓ ଗଦାଧର ମିଶ୍ର ସ୍ୱର୍ଗତ ବାବାଜୀଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଯୋଡ଼ା ଟ୍ରକ ମାଲିକ ସଂଘର ସହାୟତା



ଚମ୍ପୁଆ, ୧୫।୪(ସମିସ): ଗତ ଜାନୁଆରୀରେ ହୃଦଘାତରେ ପ୍ରାଣ ହରାଇଥିବା ଯୋଡ଼ା ଟ୍ରକ ମାଲିକ ସଂଘର ସଦସ୍ୟ ସର୍ଫରାଜ ଆଲାମଙ୍କ ପରିବାରକୁ ଆଜି ଯୋଡା ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ସହାୟତାର ହାତ ବଢାଇଛନ୍ତି। ଚମ୍ପୁଆ ମୌଲାନା ଗୋଡା ଅଞ୍ଚଳର ସର୍ଫରାଜ ଆଲାମ ଜଣେ ଟ୍ରକ ବ୍ୟବସାୟୀ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ସଭାପତି ମାତା ଜୟସ୍ୱାୱାଲ, ସଂପାଦକ ସୁଶାନ୍ତ ବାରିକ, ଉପସଭାପତି ବିଜୁ ଆପଟ, ସହସମ୍ପାଦକ ଅଶୋକ କାରୁଆ ଓ ରାଜେଶ ରୋଶନଙ୍କ ସହ ସ୍ଥାନୀୟ ଟ୍ରକ ମାଲିକ ଖୁର୍ସିଦ ଆଲାମ, ସୁର ସାହୁ, ଭୋଳା ପଣ୍ଡା, ରବିକାନ୍ତ ଗିରି, ଏମଡି ମୁସଲିମ ପ୍ରମୁଖଙ୍କ ଉପସ୍ଥିତିରେ ସର୍ଫରାଜଙ୍କ ପୁଅ ସାହାଜେବ ସାହିଲଙ୍କୁ ୧ ଲକ୍ଷ ଟଙ୍କାର ଚେକ ସହାୟତା ପ୍ରଦାନ କରାଯାଇଛି।

## ମା' ଟାଙ୍ଗରାଣୀ ପୀଠରେ ମହାବିଷୁବ ସଂକ୍ରାନ୍ତି

ତୁରୁମୁଙ୍ଗା, ୧୫।୪(ସମିସ): ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସର ରେ ମଙ୍ଗଳବାର ଖିରେଇଟାଙ୍ଗିରୀସ୍ଥିତ ମା' ଟାଙ୍ଗରାଣୀପାଟ ପୀଠରେ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ପୀଠର ସମ୍ପାଦକ ଗଣେଶ୍ୱର ନାୟକଙ୍କ ନେତୃତ୍ୱରେ ଦେହୁରୀ ଗୁରୁଚରଣ ନାୟକ ଏବଂ ତାଙ୍କ ସହଯୋଗୀ ପୂଜା ପରିଚାଳନା କରିଥିଲେ। ପାଟଣା ବିଧାୟକ ପାଟଣା ଅଖିଳଚନ୍ଦ୍ର ନାୟକଙ୍କ ସହ ପୂର୍ବତନ ବିଧାୟକ ଜଗନ୍ନାଥ ନାୟକ ଆଶୀର୍ବାଦ ଭିକ୍ଷା କରିଥିବା ବେଳେ ମା'ଟାଙ୍ଗରାଣୀ ପାଟ ଯୁବକ ସଂଘର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଉପକରଣ ବଣ୍ଟନ



ତୁରୁମୁଙ୍ଗା, ୧୫।୪(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ୍ ଏମବିବିଆର ଉଚ୍ଚବିଦ୍ୟାଳୟରେ ବୁଧବାର ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷା ଉପକରଣ ବଣ୍ଟନ କରାଯାଇଛି। ସଭାରେ ଉଚ୍ଚବିଦ୍ୟାଳୟର ପ୍ରଧାନମନ୍ତ୍ରୀ ଶିକ୍ଷକ ଧନୁର୍ଜୟ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଜୁକେସନ ଡେଭଲପମେଣ୍ଟ ସୋସାଇଟିର ସମ୍ପାଦକ ଶିରିଶ କୁମାର ନାୟକ ଛାତ୍ରଛାତ୍ରୀଙ୍କୁ ଦୃଢ ଇଚ୍ଛାଶକ୍ତି ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ଦ୍ୱାରିକାନାଥ ମହାନ୍ତ ସଭା ପରିଚାଳନା କରିଥିଲେ। କୃତୀ ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବଣ୍ଟନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ସଂଗଠନ ତରଫରୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସଂଗଠନର ସଦସ୍ୟା ସାଉଣୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ସଭାପତି ହେମାଞ୍ଜରୀ ନାଏକ, ଉପସଭାପତି ସୁଷମା ନାୟକ ଓ ସହସମ୍ପାଦକ ପଦ୍ମନାଭ ନାୟକଙ୍କ ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ଖଲଣା କଣ୍ଟାଫୋଡ଼ା ଯାତ୍ରା

# ଶୁଭ କଳସ ଗୋଟିଏ ବର୍ଷ ମାଟି ତଳେ ରହେ



ଆନନ୍ଦପୁର, ୧୫।୪ (ସମିସ):

ଘସିପୁରା ବ୍ଲକ ଖଲଣା ଗ୍ରାମରେ କଣ୍ଟାଫୋଡ଼ା ଯାତ୍ରା ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ। ପଣା ସଂକ୍ରାନ୍ତି ଅବସରରେ ମା' ମଙ୍ଗଳାଙ୍କ ପୀଠରେ ଏହି ପାରମ୍ପରିକ ଉତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ପୂର୍ବଦିନ ବିଷୁଣି ଓଷା ପାଳନ ପରେ ସଂକ୍ରାନ୍ତି ଦିନ ଶ୍ରଦ୍ଧାଳୁମାନେ ଉପବାସ ରଖି ପରିବାର ଓ ଅଞ୍ଚଳର ମଙ୍ଗଳ କାମନା କରିଥାନ୍ତି। ସକାଳୁ ଦେହୁରୀ କୈଳାଶ ପ୍ରଧାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଭକ୍ତମାନେ ମା'ଙ୍କ ଦର୍ଶନ କରି ଭୋଗ ଲଗାଇଥାନ୍ତି। ମା' କାଳିସୀ ରୂପରେ ଆବିର୍ଭାବ ହୋଇ ଭକ୍ତମାନଙ୍କ ସମସ୍ୟାର ସମାଧାନର ପଥ ପ୍ରଦର୍ଶନ କରୁଥିବା ବିଶ୍ୱାସ ରହିଛି। ଏହି ଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି କଣ୍ଟାଫୋଡ଼ା ପର୍ବ। ପାଟୁଆମାନେ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ଦିନବେଳେ ଜିଭରେ ଓ ରାତିରେ ପିଠିରେ କଣ୍ଟା ଫୋଡ଼ି ଗ୍ରାମ ପରିକ୍ରମା କରିଥାନ୍ତି, ଯାହା ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥାଏ। ଏଥିସହିତ ତିନି ଦିନ ଧରି ସନ୍ଧ୍ୟା ସମୟରେ ଭକ୍ତମାନେ କଳସ ଧରି ଗ୍ରାମ ପରିକ୍ରମା କରିଥାନ୍ତି। ସଂକ୍ରାନ୍ତି ରାତିରେ ଏହି କଳସକୁ ପୂଜାର୍ଚ୍ଚନା କରିବା ପରେ ମାଟି ତଳେ ପୋତି ଦିଆଯାଏ, ଯାହା ପୂରା ଗୋଟିଏ ବର୍ଷ ପର୍ଯ୍ୟନ୍ତ ସେହିଭଳି ରହିଥାଏ। ମା' ମଙ୍ଗଳାଙ୍କ ପ୍ରତି ଗ୍ରାମବାସୀଙ୍କ ଗଭୀର ବିଶ୍ୱାସ ଓ ଆସ୍ଥା ରହିଥିବା ବେଳେ ମାନସିକ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ମଧ ରହିଛି। ଏହି ପର୍ବ ଅବସରରେ ସମଗ୍ର ଗ୍ରାମରେ ଭକ୍ତିମୟ, ଶାନ୍ତିମୟ ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା।

## ଜ୍ୟୋତିପୁର ବାସୁଳି ପୀଠରେ ଫୋଡ଼ା ଯାତ୍ରା



ତୁରୁମୁଙ୍ଗା, ୧୫।୪(ସମିସ):

କେନ୍ଦୁଝର ଜିଲ୍ଲା ଜ୍ୟୋତିପୁର ଗ୍ରାମ ମଙ୍ଗଳବାର ପଣା ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଥିଲା। ମା ବାସୁଳିଙ୍କ ପୀଠରେ ଭକ୍ତିମୟ ପରିବେଶ ମଧ୍ୟରେ କଣ୍ଟାଫୋଡା ପର୍ବ ପାଳନ କରାଯାଇଛି। ମାନସିକଧାରୀମାନେ ନିକଟସ୍ଥ ବୈତରଣୀ ନଦୀରେ ବୁଡ଼ ପକାଇବା ପରେ ମା'ଙ୍କ ପଟି ପୂଜା କରି ଆଶୀର୍ବାଦ ନେଇ ଦେହରେ କଣ୍ଟା ଫୋଡାଇ ନିଜ ନିଜର ମାନସିକ ପୂରଣ କରିଛନ୍ତି। ପୂର୍ବରୁ ବଳି ଦିଆଯାଉଥିବା ପ୍ରଥା ରହିଥିବା ରହିଥିବା ବେଳେ ପର୍ଯ୍ୟାୟକ୍ରମେ ତାହା ବନ୍ଦ ହୋଇଯାଇଛି। ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ କାରାଯାଇଥିଲା। ପାରମ୍ପରିକ ଆସ୍ଥା ଓ ଭକ୍ତିର ଏହି ଅଦ୍ଭୁତ ଦୃଶ୍ୟ ଜ୍ୟୋତିପୁରରେ ପଣା ସଂକ୍ରାନ୍ତିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

ଶ୍ରଦ୍ଧାଞ୍ଜଳି

ଦଶମ ଶ୍ରାଦ୍ଧବାର୍ଷିକୀ



ସ୍ୱ ଶରତ କୁମାର ମହାନ୍ତି

ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ

ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬

ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# 'ଡେଥ୍ ଜୋନ୍' ପାଲଟିଛି ମୟୂରଭଞ୍ଜର ସ୍ୱାସ୍ଥ୍ୟ ସେବା

- ପିଆର୍‌ଏମ୍ ମେଡିକାଲ୍ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀ ଅଭାବ
- ତିନି ରାଜ୍ୟର ଜୀବନରେଖାରେ ଏବେ ସ୍ୱାସ୍ଥ୍ୟ ସଂକଟ

ବାରିପଦା,୧୫।୪(ସମିସ):

ଡେଥ୍ ଜୋନ୍' ପାଲଟିଛି ମୟୂରଭଞ୍ଜର ସ୍ୱାସ୍ଥ୍ୟ ସେବା। ପିଆରଏମ୍ ମେଡିକାଲ୍ କଲେଜ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଉଦଳା, ରାଇରଙ୍ଗପୁର ଓ କରଞ୍ଜିଆ ୩ଟି ଉପଖଣ୍ଡ ଓ ୩୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମ୍ପ୍ରତି ଡାକ୍ତର-କର୍ମଚାରୀ ପଦଖାଲି ଚିନ୍ତା ବଢ଼ାଇଛି। ତିନି ରାଜ୍ୟର ଜୀବନରେଖା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ପ୍ରତି ରେଫରାଲ କେନ୍ଦ୍ର ପାଲଟିଥିବାରୁ ଏବେ ସ୍ୱାସ୍ଥ୍ୟ ସଂକଟର ହଟ୍‌ସ୍ପଟ୍ ପାଲଟିଛି ମୟୂରଭଞ୍ଜ।

ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସଙ୍କ ସୂଚନା ଅନୁସାରେ, ସମଗ୍ର ଜିଲ୍ଲା ପାଇଁ ୧୦୨୪ଟି ମଞ୍ଜୁର ଡାକ୍ତର ପଦବୀରେ କେବଳ ୪୯୦ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ୫୩୪ ପଦ ଖାଲି ପଡ଼ିଛି। ଏହା ସହିତ ୨୦୦ରୁ ଅଧିକ ନର୍ସିଂ ପଦ, ୪୦ଟି ଫାର୍ମାସୀ ଅଧିକାରୀ ପଦ ଏବଂ ପ୍ରାୟ ୨୦ଟି ଲାବ୍ ଟେକ୍ନିସିଆନ୍ ପଦ ଖାଲି ରହିଛି।

ପଦବୀ ଖାଲି ପାଇଁ ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ଆଶ୍ରମ ସ୍କୁଲ ଘଟଣାରେ ସୋମବାର ସୃଷ୍ଟି ଜରୁରୀ ସ୍ୱାସ୍ଥ୍ୟ ସେବାର ମୁକାବିଲା ସଠିକ ଭାବେ ସମ୍ଭବ ହୋଇନଥିଲା।

ଆଶ୍ରମ ସ୍କୁଲ୍ ହଷ୍ଟେଲ୍‌ର ପ୍ରାୟ ୧୫୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ନିମ୍ନମାନର ଖାଦ୍ୟ ଖାଇ ଗୁରୁତର ହୋଇପଡ଼ିଥିଲେ। ଛାତ୍ରମାନଙ୍କୁ ତୀବ୍ର ଡାଇରିଆ ଓ ବାନ୍ତି ହେବାରୁ ରାସଗୋବିନ୍ଦପୁର ସିଏଚ୍‌ସିରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀ ଅଭାବରୁ ଏହି ଆକସ୍ମିକ ରୋଗୀ ସଂଖ୍ୟାକୁ ସମ୍ଭାଳିବା ଅସମ୍ଭବ ହୋଇପଡ଼ିଥିଲା। ଅନେକ ପଦ ଖାଲି ଥିବାରୁ ଛାତ୍ରମାନଙ୍କୁ ସମୟମତେ ଚିକିତ୍ସା




ପାଇନଥିଲେ। ଫଳରେ ବିଳମ୍ବିତ ଚିକିତ୍ସା ପାଇଁ ଜଣେ ଛାତ୍ରୀର ମୃତ୍ୟୁ ଘଟିବା ସହିତ ପ୍ରଶାସନ ଓ ସରକାର ସମାଲୋଚନାର ପାତ୍ର ସାଜିଥିଲେ।

ଜିଲ୍ଲାର ଏକମାତ୍ର ସେବା କେନ୍ଦ୍ର ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ମଧ୍ୟ ଗୁରୁତର କର୍ମଚାରୀ ସଂକଟରେ ପଡ଼ିଛି। କାର୍ଡିଓଲୋଜି, ନ୍ୟୁରୋଲୋଜି, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଓ ସ୍ପେଶାଲିଷ୍ଟ ଡାକ୍ତରଙ୍କ ଅଭାବ ରହିଛି। ପାରାମେଡିକାଲ୍ ଷ୍ଟାଫ୍ ଓ ଇକ୍ୱିପମେଣ୍ଟ୍ ରକ୍ଷଣାବେକ୍ଷଣ ପାଇଁ ଟେକ୍ନିସିଆନ୍ ମଧ୍ୟ ଯଥେଷ୍ଟ ନାହାନ୍ତି। ଫଳରେ ଗୁରୁତର ରୋଗୀମାନଙ୍କୁ ବାରମ୍ବାର କଟକ ଏସ୍‌ସିବି ମେଡିକାଲ୍ କଲେଜ୍‌କୁ ରେଫର୍ କରାଯାଉଛି। ଦୂର-ଦୂରାନ୍ତର ଆଦିବାସୀ ଅଞ୍ଚଳରୁ ଆସୁଥିବା ରୋଗୀଙ୍କ ପାଇଁ ଏହି ବିଳମ୍ବ ଅନେକ ସମୟରେ ଜୀବନ-ମୃତ୍ୟୁର ଖେଳ ହୋଇପଡୁଛି। ସ୍ଥାନୀୟ ଲୋକେ ଓ ପ୍ରଭାବିତ ପରିବାର ସରକାରକୁ ଖୋଲାଖୋଲି ସମାଲୋଚନା କରୁଛନ୍ତି। ସମସ୍ତ ଖାଲି ପଦ ପୂରଣ ନ ହେଲେ ଏଠି ଲୋକଙ୍କ ସ୍ୱାସ୍ଥ୍ୟ ସେବାରେ କୌଣସି ଉନ୍ନତି ହେବ ନାହିଁ ବୋଲି ରୋକଠୋକ୍ କହୁଛନ୍ତି। ଏହି ସଙ୍କଟ କେବଳ ସିଏଚ୍‌ସିସ୍ତରରେ ସୀମିତ ନୁହେଁ। ସମ୍ପ୍ରତି ଏକ ଗର୍ଭବତୀ ମହିଳାଙ୍କ ଅସ୍ତ୍ରୋପଚାର ସମୟରେ ମୃତ୍ୟୁ ହୋଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଶିଶୁଟିର ଗଳାରେ ସିଲାଇ ଲଗାଇ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଥିଲା।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ପ୍ରାୟତଃ ସରକାରୀ ସ୍ୱାସ୍ଥ୍ୟ ସେବା ଉପରେ ପୂରାପୂରି ନିର୍ଭର କରେ। କିନ୍ତୁ ଡାକ୍ତର, ନର୍ସ ଓ ପାରାମେଡିକାଲ୍ ପଦ ଖାଲି ରହିବା ଯୋଗୁଁ ମହିଳା, ପିଲା ଓ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ବିପନ୍ନ ହୋଇପଡ଼ିଛି। ପ୍ରଶାସନ ଏହି ଖାଦ୍ୟ ବିଷାକ୍ତ ଘଟଣାର ତଦନ୍ତ କରି ଆବଶ୍ୟକ ସହାୟତା ଦେବାର ପ୍ରତିଶ୍ରୁତି ଦେଇଛି, କିନ୍ତୁ ଲୋକେ ବିନା କାର୍ଯ୍ୟାନୁଷ୍ଠାନରେ ସନ୍ଦେହ ପ୍ରକାଶ କରୁଛନ୍ତି। ଏହି ଘଟଣା ପୁଣି ଥରେ ଓଡ଼ିଶା ସରକାରକୁ ପଛୁଆ ଜିଲ୍ଲାଗୁଡ଼ିକରେ ଡାକ୍ତର, ନର୍ସ ଓ ପାରାମେଡିକାଲ୍ ପଦ ଶୀଘ୍ର ପୂରଣ କରିବାକୁ ଆହ୍ୱାନ ଜଣାଇଛି। ଯେ ପର୍ଯ୍ୟନ୍ତ ଏହା ହେବ ନାହିଁ, ରାସଗୋବିନ୍ଦପୁର ଆଶ୍ରମ ସ୍କୁଲ୍ ହଷ୍ଟେଲ୍ ଭଳି ଘଟଣା ଜାରି ରହିବ ବୋଲି ଆଶଙ୍କା ପ୍ରକାଶ ପାଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଶିକ୍ଷା ପ୍ରତିନିଧି

- ୬୫୦ଜଣ ଶିକ୍ଷକ ୩ ବର୍ଷ ହେଲା ଆର୍ଥିକ ଅନୁଦାନରୁ ବଞ୍ଚିତ



ବାରିପଦା, ୧୫।୪(ସମିସ): କେନ୍ଦୁଝର ଜିଲ୍ଲାର ବଡ଼ବିଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଚ୍ଛିନ୍ନାଞ୍ଚଳ ସିଂହଭୂମର ଜିଲ୍ଲା ଶିକ୍ଷା ପରିଦର୍ଶକ ସରୋଜ କୁମାର ପ୍ରଧାନ, ଓଡ଼ିଆ ଶିକ୍ଷୟିତ୍ରୀ ରୀତା ରାଣୀ ନନ୍ଦ, ଲକ୍ଷ୍ମୀ ପ୍ରିୟା କର, ସୁଭଦ୍ରା ମିସ୍ତ୍ରୀ ଓ ବାସନ୍ତୀ ମହାନ୍ତୋ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବିଚ୍ଛିନ୍ନାଞ୍ଚଳର ୪ଟି ରାଜ୍ୟରେ ୬୫୦ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ୪୦ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ନିୟମିତ ଓଡ଼ିଆ ମାତୃଭାଷା ପଢ଼ାଉଛନ୍ତି। ଅଥଚ ସେମାନଙ୍କୁ ଓଡ଼ିଶା ସରକାର ଦୀର୍ଘ ୩ ବର୍ଷ ହେଲା ଆର୍ଥିକ ଅନୁଦାନ ଦେଇନାହାନ୍ତି। ଯାହା ଫଳରେ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ପଶ୍ଚିମବଙ୍ଗର ଜଣେ ଓଡ଼ିଆ ଶିକ୍ଷୟିତ୍ରୀ ତାଙ୍କ ସ୍ୱାମୀଙ୍କୁ ନିଜ କିଡ୍‌ନୀ ଦାନ କରି ଅର୍ଥ ଅଭାବରୁ ସ୍ୱାମୀଙ୍କୁ ହରାଇଛନ୍ତି ତ ଝାଡ଼ଖଣ୍ଡର ଜଣେ ଓଡ଼ିଆ ଶିକ୍ଷକ ନିଜ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ପ୍ରାଣ ହରାଇଛନ୍ତି। ବହୁ ଓଡ଼ିଆ ଶିକ୍ଷକ/ଶିକ୍ଷୟିତ୍ରୀ ନିଜ ଚିକିତ୍ସା ଓ ପାରିବାରିକ ଜୀବନରେ ଅର୍ଥ ଅଭାବରୁ କଷ୍ଟରେ ଚଳୁଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଷୟ ଅବଗତ ହେଲା ପରେ କହିଛନ୍ତି ଯେ, ଖୁବ୍‌ଶୀଘ୍ର ସରକାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଶିକ୍ଷାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେବେ। ପୂର୍ବରୁ ଘୋଷଣା କରିଥିବା କଥା ଯେପରିକି ଓଡ଼ିଆ ଶିକ୍ଷା କର୍ମୀଙ୍କୁ ମାସିକ ୩ ହଜାର ପରିବର୍ତ୍ତେ ମାସିକ ୬ହଜାର ଟଙ୍କା, ୧୦ମାସ ପରିବର୍ତ୍ତେ ୧୨ମାସର ଆର୍ଥିକ ଅନୁଦାନ ସହ ସମସ୍ତ ବକେୟା ଅନୁଦାନ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ପରେ ସେମାନେ ଧନ୍ୟବାଦ ଜଣାଇ ଫେରିଥିଲେ।

- ଇତିହାସ ବିଭାଗ ଦ୍ୱାରା ପାରମ୍ପରିକ ପଟ୍ଟଚିତ୍ର ଉପରେ ଆଲୋଚନାଚକ୍ର

## 'ପଟ୍ଟଚିତ୍ର ଧର୍ମ, ସଂସ୍କୃତି ଓ ଲୋକଜୀବନର ସମନ୍ୱୟ'




ବାରିପଦା, ୧୫।୪(ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜେମେଣ୍ଟର ଇତିହାସ ବିଭାଗ ପକ୍ଷରୁ 'ରଘୁରାଜପୁର: ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର କଳାର ଜୀବନ୍ତ କାନଭାସ' ବିଷୟରେ ଦିନିକିଆ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି କହିଥିଲେ ଯେ, ଓଡ଼ିଶାର ସାଂସ୍କୃତିକ ପରିଚୟକୁ ବିଶ୍ୱ ମଞ୍ଚରେ ପରିଚିତ କରାଇବାରେ ରଘୁରାଜପୁର ଗ୍ରାମର ଭୂମିକା ଅତ୍ୟନ୍ତ ଗୌରବଜନକ। ପଟ୍ଟଚିତ୍ର କଳା ଆମର ଐତିହ୍ୟ ଓ ପରମ୍ପରାର ଜୀବନ୍ତ ପ୍ରତିକ ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟଅତିଥି ଭାବେ କୁଣ୍ଡାବାଇ ଆରଡ଼ିଏସ କଲେଜର ଇତିହାସ ବିଭାଗ ମୁଖ୍ୟ ଡ଼ ଅନୁରାଧା ପାତ୍ର ଯୋଗଦେଇ ରଘୁରାଜପୁରକୁ ଓଡ଼ିଶାର ଏକ 'ହେରିଟେଜ୍ ଭିଲେଜ୍' ବୋଲି ବର୍ଣ୍ଣନା କରି କହିଥିଲେ ଯେ, ପଟ୍ଟଚିତ୍ର କଳା କେବଳ ଚିତ୍ରକଳା ନୁହେଁ, ଏହା ଧର୍ମ, ସଂସ୍କୃତି ଓ ଲୋକଜୀବନର ଏକ ସମନ୍ୱୟ। ଏହା ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ। ବିଶେଷ ଅତିଥି ଭାବେ କଲେଜର ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଉପସ୍ଥିତ ରହି ରଘୁରାଜପୁରର କଳାକାରମାନଙ୍କ ଜୀବନଶୈଳୀ ଓ ପଟ୍ଟଚିତ୍ରର ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରତିଭା ଦାସ ସ୍ୱାଗତ ଭାଷଣ ଓ ଆଜିର ବିଷୟ ବସ୍ତୁର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ କହିଥିଲେ ଯେ, ରଘୁରାଜପୁର କେବଳ ଏକ ଗ୍ରାମ ନୁହେଁ, ଏହା ଏକ ଖୋଲା ସଂଗ୍ରହାଳୟ ସଦୃଶ। କାର୍ଯ୍ୟକ୍ରମର ଶେଷ ଭାଗରେ ଷଷ୍ଠ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଅନ୍ୟତମ ଅଧ୍ୟାପିକା ଲକ୍ଷ୍ମୀ ଚାପିଆର ଧନ୍ୟବାଦ ଅର୍ପଣ କରିଥିଲେ।

## କାକବନ୍ଧ ଆଶ୍ରମ ସ୍କୁଲରେ କଂଗ୍ରେସ ଅନୁସନ୍ଧାନକାରୀ ଦଳ



ବାରିପଦା/ରାସଗୋବିନ୍ଦପୁର,୧୫।୪(ସମିସ): କାକବନ୍ଧ ଆଶ୍ରମ ସ୍କୁଲରେ ପହଞ୍ଚିଲା କଂଗ୍ରେସ ଅନୁସନ୍ଧାନ କାରୀ ଦଳ। ମୃତକ ଛାତ୍ରୀ ରୁପାଲୀ ବେସ୍ରାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ତଥା ଛାତ୍ରୀଙ୍କ ବାପା କିମ୍ବା ମା'ଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ସହିତ ସମସ୍ତ ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କ ସବୁ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ଦାବି କରିଛନ୍ତି। ସେହିପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଫିସର ଓ ସ୍କୁଲର ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସମସ୍ତ ଆଶ୍ରମ ସ୍କୁଲ ଗୁଡିକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଖାଦ୍ୟର ମାନ ଓ ସ୍କୁଲ ପରିଚାଳନା କ୍ଷେତ୍ରରେ ଚରମ ଅବହେଳା ଦେଖିବାକୁ ମିଳୁଛି। ଏହାର ତୁରନ୍ତ ପ୍ରତିକାର ଦାବି କରିଛି ଟିମ୍। ଏହି ୬ ଜଣିଆ ପ୍ରତିନିଧି ଦଳରେ କଂଗ୍ରେସର ବରିଷ୍ଠ ନେତା ସୁଦର୍ଶନ ଦାସ, ପୂର୍ବତନ ସାଂସଦ ତଥା ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମହିଳା କଂଗ୍ରେସ ନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ମନୀଷା ଦାସ ପଟ୍ଟନାୟକ ସାମିଲ ଥିଲେ। ସେମାନଙ୍କ ସହିତ ମୟୂରଭଞ୍ଜ ପଶ୍ଚିମ ଜିଲ୍ଲା ସଭାପତି ଭୁବନ ସାହୁ, ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସଂଯୋଜକ ମଧୁସୂଦନ ଦାସ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ମୀନକେତନ ବେହେରା, କ୍ଷୀରୋଦ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ସିଂହ, ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା, ସସ୍ମିତା ବେହେରା, ନାରାୟଣ ପଟ୍ଟନାୟକ, ପ୍ରଭାସ କର ମହାପାତ୍ର ପ୍ରମୁଖ ପ୍ରତିନିଧି ଦଳ ସହିତ ଯୋଗ ଦେଇଥିଲେ। ପ୍ରତିନିଧି ମଣ୍ଡଳୀ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ଛାତ୍ରୀ ମାନଙ୍କୁ ଦେଖା କରି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝି ଥିଲେ। ଲୁଣଚାଟି ଗାଁ କୁ ଯାଇ ରୁପାଲୀ ଙ୍କ ପରିବାର ବର୍ଗ ଓ ବାପା ମାଆ ଙ୍କୁ ଭେଟି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। କାକବନ୍ଧ ସ୍ଥିତ ଆଶ୍ରମ ସ୍କୁଲ କୁ ମଧ୍ୟ ପ୍ରତିନଧି ମଣ୍ଡଳୀ ଯାଇ ସ୍କୁଲର ଶିକ୍ଷକ ଓ ସ୍ଥାନୀୟ ଗ୍ରାମ ବାସୀ ଙ୍କ ସହିତ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ପୁଲିସ ସାଧାରଣ ଜନତାଙ୍କ ଉପରେ ଲାଠି ଚାର୍ଜ କରିବା ଓ ଅନେକ ଲୋକଙ୍କ ନାମରେ ମିଥ୍ୟା ମାମଲା ଦାୟର କରିଛି। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରିବା ସହିତ ସାଧାରଣ ଜନତାଙ୍କ ବିରୁଦ୍ଧରେ ସମସ୍ତ ମାମଲା ପ୍ରତ୍ୟାହାର କରିବାକୁ ଦାବି କରିଛି।

## ପାଣ୍ଡରାର ବାବା ପାଣ୍ଡବେଶ୍ୱରଙ୍କ ପୀଠରେ ଚୈତ୍ରପର୍ବ

ସାରସକଣା,୧୫।୪(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ ପାଣ୍ଡରା ଗ୍ରାମର ବାବା ପାଣ୍ଡବେଶ୍ୱର ମହାଦେବଙ୍କ ଚୈତ୍ର ପର୍ବରେ ପ୍ରବଳ ଜନ ସମାଗମ ହୋଇଛି। ରବିବାର ଠାରୁ ତିନିଦିନ ଧରି ଅନୁଷ୍ଠିତ ପର୍ବରେ ସୋମବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୁବର୍ଣ୍ଣରେଖା ନଦୀ କୂଳରେ ଥିବା ଏହି ମହାଦେବ ପଥର ଲିଙ୍ଗ ରୂପରେ ମହାଭାରତୀୟ ପାଣ୍ଡବ ମାତା କୁନ୍ତୀଙ୍କ ସହିତ ଅଜ୍ଞାତବାସରେ ଅବସ୍ଥାନ କାଳରେ ଆବିର୍ଭୂତ ହୋଇଥିବା କିମ୍ବଦନ୍ତୀ କହେ। ଏହି ପର୍ବରେ ଜିଭଫୋଡା, ଗରିଆ ଭାର, ଦର୍ଶନ, ନିଆଁପାଟ, କଣ୍ଟାପାଟ ଇତ୍ୟାଦି ଦେଖିବାକୁ ରାଜ୍ୟ ତଥା ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସୋମବାର ଜିଭ ଫୋଡରେ ୫ ଶହରୁ ଊର୍ଦ୍ଧ୍ୱ ଭକ୍ତ ସାମିଲ ହୋଇଥିଲେ। ଚଳିତ ବର୍ଷ ତୁଳସୀବଣି ଗ୍ରାମର ୯୦ବର୍ଷର ବୃଦ୍ଧ ରୋହିନ ମହାନ୍ତ ସ୍ତ୍ରୀ ପ୍ରମିଳା ମହାନ୍ତଙ୍କୁ ସାଙ୍ଗରେ ଧରି ଜିଭ ଫୋଡ଼ାରେ ସାମିଲ



**୯୦ ବର୍ଷର ବୃଦ୍ଧ ଜିଭ ଫୋଡ଼ାରେ ସାମିଲ ହେଲେ**

ହୋଇଥିଲେ। ଗ୍ରାମର ରାଖାଲ ଚନ୍ଦ୍ର ନାଏକ, ଅମର କୁମାର ଭଦ୍ର, ମୁଣ୍ଡାକଟାର ପବିତ୍ର କୁମାର ପଳେଇ, ଶୋଖେନ ଚନ୍ଦ୍ର ଦଣ୍ଡପାଟ, ମାନୁ ସିଂ ପ୍ରମୁଖ ଫୋଡ଼କ ଭାବେ ସମସ୍ତ କଣ୍ଟା ଫୋଡ଼ିଥିଲେ। ଭକ୍ତମାନେ ବାଜା ତାଳେ ତାଳେ ମହାଦେବଙ୍କ ଜୟଧ୍ୱନୀ ମଧ୍ୟରେ ନାଚି ନାଚି ମନ୍ଦିରକୁ ପ୍ରବେଶ କରିଥିଲେ।

ଦୁଇଦିନ ଧରି ୧୩ ପାଟ ଭୋକ୍ତା, ପୂଜକ, ଦଣ୍ଡୁଆଙ୍କ ସହିତ ଗ୍ରାମଦେବୀ ମାଆ ପାଟଶିଳାଙ୍କ ନିକଟରୁ ଆଜ୍ଞା ନେଇ ଗ୍ରାମ ପରିକ୍ରମା କରିଥିଲେ। ପଞ୍ଚଗ୍ରାମ ପରିକ୍ରମା କରୁଥିବା ବେଳେ ଶତାଧିକ ବୃଦ୍ଧ , ମହିଳା, ପୁରୁଷ ଘର ସମ୍ମୁଖରେ ମାନସିକ ରଖି ଅଧିଆ ପଡ଼ିଥିଲେ। ଚଳିତ ବର୍ଷ ଯାଜପୁର ଅଞ୍ଚଳର ଅଘୋରୀ ନୃତ୍ୟ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ନିଆଁପାଟ ଓ କଣ୍ଟାପାଟ ନୀତି ହୋଇଥିଲା। ବ୍ଲକର ପାଣ୍ଡାରା ଗ୍ରାମ ବାବା ପାଣ୍ଡବେଶ୍ୱରଙ୍କଠାରେ ଏହା ସ୍ୱତନ୍ତ୍ର ବୋଲି ଜଣାପଡ଼େ। ଅନ୍ୟପକ୍ଷରେ ସୋମ୍ବାର ଓ ମଙ୍ଗଳବାର ରାତ୍ରୀରେ ପରମ୍ପରା ମୁତାବକ ଗ୍ରାମ ସହିତ ଚିତ୍ରଡ଼ା ଓ ତିରିଙ୍ଗ ଅଞ୍ଚଳରୁ ନିମନ୍ତ୍ରିତ ହୋଇ ଆସିଥିବା କଳାକାରଙ୍କ ଦ୍ୱାରା ଛଉ ନୃତ୍ୟ ପରିବେଷିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ।

## ଉଡ଼ାପର୍ବରେ ଯୋଗ ଦେଲେ ହଜାର ହଜାର ଶ୍ରଦ୍ଧାଳୁ

ବେତନଟୀ,୧୫।୪(ସମିସ): ବେତନଟି ବ୍ଲକ ଅନ୍ତର୍ଗତ ପୂରିନ୍ଦା ଗ୍ରାମ ପଞ୍ଚାୟତ ଅଧୀନ ସଂସା ଗ୍ରାମରେ ଚୈତ୍ରପର୍ବ ଉପଲକ୍ଷେ ଉଡ଼ାପର୍ବ ଅନଷ୍ଠିତ ହୋଇଛି। ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉଡ଼ା କମିଟି ସମସ୍ତ ସଦସ୍ୟ ମୁଖ୍ୟଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। କମିଟି ସଭାପତି ରଣଜିତ ମହାନ୍ତ, ସମ୍ପାଦକ ସଭାକର ମହାନ୍ତ, ସଦସ୍ୟ ଆକାଶ ମହାନ୍ତ, ଲଳିତ ମହାନ୍ତ, ନୟନ ମହାନ୍ତ, ଭାଗିରଥି ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗଙ୍ଗାଧର ମହାନ୍ତ, ଦୀପକ ବେହେରା, ତପନ, ପିଣ୍ଟୁ ଆଦି ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଉକ୍ତ ଉଡ଼ା ପର୍ବକୁ ହଜାର ହଜାର ଦର୍ଶକ ବିଭିନ୍ନ ଅଞ୍ଚଳରୁ ଦେଖିବାକୁ ଆସିଥିଲେ। ସନ୍ଧ୍ୟାରେ ଦହି କୋଠି ଗାଁରେ ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବରେ ଅନୁଷ୍ଠିତ ମଧ୍ୟ ହୋଇଛି। କାର୍ଯ୍ୟକ୍ରମରେ ବାରିପଦା କୋର୍ଟ ସରକାରୀ ଓକିଲ ସନ୍ଦୀପ ମିଶ୍ର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



## ପ୍ରତୀକ ଅର୍ଗାନାଇଜେସନ୍ ପକ୍ଷରୁ ପଣା ବଣ୍ଟନ



ବାରିପଦା, ୧୫।୪(ସମିସ): ଓଡ଼ିଆ ନବବର୍ଷ ଓ ପବିତ୍ର ପଣା ସଂକ୍ରାନ୍ତି ଅବସରରେ ପ୍ରତୀକ ଅର୍ଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ ପକ୍ଷରୁ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ମନ୍ଦିର ନିକଟରେ ଥଣ୍ଡା ପାନୀୟ ଓ ପାରମ୍ପରିକ ଦହିପଣା ବଣ୍ଟନ କରାଯାଇଥିଲା। ପ୍ରତୀକ ପରିବାର ପକ୍ଷରୁ ପ୍ରଥମେ ମହାପ୍ରଭୁଙ୍କୁ ତୁଳସୀ ପଣା ଅର୍ପଣ କରାଯାଇ ପରେ ପଣା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ କରଞ୍ଜିଆ ଡ. ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଫିତା କାଟି ପଣା ଷ୍ଟଲର ଉଦ୍‌ଘାଟନ କରିଥିଲେ। ପରେ ସେ ନିଜେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରିଥିଲେ ଓ ମହାପ୍ରଭୁଙ୍କ ଦର୍ଶନ କରି ବେଢ଼ା ପରିକ୍ରମା କରିବା ପରେ ସେ ନିଜେ ପଣା ପାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୫ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ୨୭ନଂ ୱାର୍ଡ କାଉନସିଲର ଶିବଶଙ୍କର ପାତ୍ର, ପ୍ରତୀକର ଉପଦେଷ୍ଟା ବରିଷ୍ଠ ସମାଜସେବୀ ଅନାଦି ପଣ୍ଡିତ, ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ପ୍ରତୀକର ସକ୍ରିୟ ସଦସ୍ୟ ସ୍ନେହାଶିଷ ପାଲ, ଉପଦେଷ୍ଟା ସୋମନାଥ ସିଂହ, ସାମ୍ବାଦିକ ଅଜିତ ଦାସ, ଟାଉନ ସଭାପତି ରାଜୀବ ସାହୁ, ସମ୍ପାଦକ ପ୍ରବୀର ବାରିକ, ପ୍ରତିଷ୍ଠାତା ପ୍ରତିମା ବାରିକଙ୍କ ସମେତ ପ୍ରତୀକ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ; ୩ ଗୁରୁତର

ରାଇରଙ୍ଗପୁର,୧୫।୪(ସମିସ): ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକ ନିକଟସ୍ଥ ହୋଟେଲ ନିଶାମଣି ସମ୍ମୁଖରେ ୨ ବାଇକ୍ ମୁହାଁମୁହିଁ ହେବାରୁ ୩ଜଣ ଗୁରୁତର ହୋଇଥିବା ବେଳେ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନେ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ବଡସାହି ହରିହର ମହାନ୍ତ ଓ ବେତନଟୀ ଅଞ୍ଚଳର ଅର୍ଚ୍ଚନା ମହାନ୍ତ। ବିପରୀତ ଦିଗରୁ ଆସୁଥିବା ବେଳେ ଦୁଇ ବାଇକ୍ ମହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସକଟାପନ୍ନ ହେବାରୁ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି।

## ଅର୍ଥନୀତି ବିଭାଗର ଆଲୋଚନାଚକ୍ର

କୁଆମରା,୧୫।୪(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଆନୁକୂଲ୍ୟରେ "ଭାରତୀୟ ଅର୍ଥନୀତି ଉପରେ ମଧ୍ୟ ପ୍ରାଚ୍ୟ ଯୁଦ୍ଧର ପ୍ରଭାବ' ସମ୍ବନ୍ଧିତ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ତପନ କୁମାର ବାରିକ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସନ୍ଦର୍ଭ ଭିତ୍ତିକ ଗବେଷକ ଭାବରେ ମେଘାସନ ମହାବିଦ୍ୟାଳୟ, ନୁଦଡିହାର ଅର୍ଥନୀତି ବିଭାଗର ପ୍ରଫେସର ଡଃ ନିରଞ୍ଜନ ପାଠୀ ସାମିଲ ହୋଇ ମଧ୍ୟ ପ୍ରାଚ୍ୟ ଯୁଦ୍ଧର କାରଣ ତଥା ଭାରତୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ସହଯୋଗୀ ଅଧ୍ୟାପିକା ଡଃ ସୁଷମା ହାଁସଦା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ନାକ୍ ଇନ୍‌ଚାର୍ଜ ଅଶ୍ୱିନୀ ରଞ୍ଜନ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ବବିତା ଟୁଡ୍ଡୁ, ତୃତୀୟ ବର୍ଷର ଛାତ୍ର ଅଫିସର କିସ୍କୁ ଏବଂ ଛାତ୍ରୀ କାପୁରା ହେମ୍ବ୍ରମ୍ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ।

# ଠାକୁରମୁଣ୍ଡା ଉଡ଼ାଯାତ୍ରାରେ ୫୧ ଭକ୍ତା ଉଡ଼ିଲେ

ମହୁଲଡିହା/ଠାକୁରମୁଣ୍ଡା,୧୫।୪(ସମିସ):

ମୟୂରଭଞ୍ଜ ଜିଲ୍ଲା ପାଞ୍ଚପୀଢ଼ ଉପଖଣ୍ଡ ରତନପୁର ପ୍ରଗଣାର ଶହ ଶହ ବର୍ଷର ପୁରୁଣା ଉଡ଼ାଯାତ୍ରା ଚଳିତ ବର୍ଷ ମଙ୍ଗଳବାର ଶାନ୍ତି ଶୃଙ୍ଖଳାରେ ଠାକୁରମୁଣ୍ଡାର ଅଧିଷ୍ଠାତ୍ରୀ ଦେବୀ ମା' ବାସୁଳିଙ୍କ ପୀଠରେ ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ବାସୁଳି ପୀଠ ଉଡ଼ା ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ଭକ୍ତା ଏବଂ ଏହା ଏଠାରେ ଗଣପର୍ବରେ ପରିଣତ ହୋଇଛି। ପୁରାତନ ପ୍ରଥା ଅନୁଯାୟୀ ତଫସିଲଭୁକ୍ତ ଜାତି ଓ ଉପଜାତିର ବ୍ୟକ୍ତିମାନେ ହିଁ ଭକ୍ତା ହୋଇ ଉଡ଼ି ଆସୁଛନ୍ତି। ମା' ବାସୁଳି ମନ୍ଦିର ପକ୍ଷରୁ ଜଣେ ଓ ମାନସିକଧାରୀଙ୍କ ଭକ୍ତା ମିଶି ସମୁଦାୟ ୫୧ ଜଣ ଭକ୍ତା ଚଳିତ ବର୍ଷ ଖୁଣ୍ଟ ଦଣ୍ଡାରେ ପିଠିରେ ଅଙ୍କୁଶାକୃତି ଲୁହା କଣ୍ଟା ଫୋଡ଼ିହୋଇ ଉଡିଛନ୍ତି। ଏହି ବିରଳ ଦୃଶ୍ୟ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମରେ ଠାକୁରମୁଣ୍ଡା ଲୋକାରଣ୍ୟ ହେଇଥିଲା। ମାନସିକ ଧାରି ଭକ୍ତଙ୍କ ସିଦ୍ଧି ପରେ ମାଙ୍କ ମାନସିକ ପୂରଣ ପାଇଁ ପଣା ସଂକ୍ରାନ୍ତି ବା ବୈଶାଖ ମାସର ପ୍ରଥମ ଦିନ ରାତିର ଉଡାଯାତ୍ରାରେ ଉଡ଼ିବା ପାଇଁ ଭକ୍ତା ଦେଇଥାନ୍ତି। ଏହି ଭକ୍ତାମାନେ ମା'ଙ୍କର ପ୍ରଚଳିତ ସମସ୍ତ ନିତି ନିୟମ ପାଳନ କରି ପୂଜାର୍ଚ୍ଚନାରେ ଭାଗ ନେଇଥିଲେ। ଏଥିପାଇଁ ୧୧ ଦିନ ପୂର୍ବରୁ ଭକ୍ତାମାନେ ଘର ଛାଡ଼ି ବାସୁଳି ମା'ଙ୍କ ମନ୍ଦିରରେ ଶରଣାଗତ ହୋଇ ପୂଜାର୍ଚ୍ଚନା କରିଥିଲେ। କେବଳ ରାତିର ନିସ୍ତବ୍ଧ ସମୟରେ ଥରୁଟିଏ ଅନ୍ନ ଖାଇଥାନ୍ତି। ପ୍ରବାଦ ଅନୁଯାୟୀ ବାସୁଳି ମା ଙ୍କ ସାତ ଭଉଣୀଙ୍କ ପାଖରେ ଗୋଟିଏ ପରେ ଗୋଟିଏ ଦିନ ସ୍ୱତନ୍ତ୍ର ପୂଜା ବିଧି ଅନୁସାରେ ପୂଜା କରାଯାଇଛି। ଏହି ଭକ୍ତାମାନେ ନିମନ୍ତ୍ରଣ ପାଇଥିବା ଗାଁ ମାନଙ୍କୁ ଏହିଦିନ ଦିନବେଳେ ଯାଇ ପଣା ପିଉଥିବା ଦେଖିବାକୁ ମିଳିଥିଲା। ବାସୁଳି ମା'ଙ୍କ ଫଟୋଚିତ୍ର ନେଇ ଭକ୍ତା ମାନେ ଗାଁ ପ୍ରଦକ୍ଷିଣ କରିଛନ୍ତି ଏବଂ ଏହା ପ୍ରତି ବର୍ଷ ପରମ୍ପରାର ଏକ ଅଂଶବିଶେଷ। ପରି ଶେଷରେ ମଙ୍ଗଳବାର ରାତିରେ ବହୁ ପ୍ରତିକ୍ଷୀତ ପଣା ସଂକ୍ରାନ୍ତିରେ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ନୂଆ କମିଟି ଗଠିତ ହୋଇ ଉଡ଼ା ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ପ୍ରତି କ୍ଷେତ୍ରରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ନୂତନ କମିଟିର ଯୁବ ସଦସ୍ୟ ମାନେ ସମସ୍ତେ ନିଜ ନିଜ ଉଦ୍ୟମରେ ଶହ ଶହ ନୂଆ ଲୋକଙ୍କୁ ସଦସ୍ୟ ଭାବେ ଯୋଡ଼ିଛନ୍ତି।



ପୂର୍ବବର୍ଷ ମାନଙ୍କରେ ରାତି ପାହି ସକାଳର ସୂର୍ଯ୍ୟକିରଣରେ ଭକ୍ତା ଉଡୁଥିବା ବେଳେ ଏ ବର୍ଷ ମଧ୍ୟରାତ୍ର ପ୍ରାୟ ୧.୩୦ରେ ଉଡ଼ିବା ଆରମ୍ଭ ହୋଇ ଭୋର ୪.୩୦ରେ ଶେଷ ଭକ୍ତା ଉଡ଼ିଛି। ଅନ୍ୟବର୍ଷ ମାନଙ୍କରେ ବିଳମ୍ବର କାରଣ ହେଉଛି ମନ୍ଦିର ପରିସରରେ ଥିବା ଉଡା ଖୁଣ୍ଟ ଓ ଦଣ୍ଡା ଲାଗିବାରେ ବିଳମ୍ବ ହେଉଥିଲା। କଣ୍ଟାଫୁଡା ଶେଷରେ ମନ୍ଦିର ପରିସରକୁ ଫେରିବା ପରେ ପୂର୍ବ ପ୍ରସ୍ତୁତି ଖୁଣ୍ଟ ଉପରେ ଦଣ୍ଡାର ଗୋଟିଏ ପାଶ୍ୱର୍ରେ ଭକ୍ତା ପିଠିରେ ଫୋଡ଼ା ଯାଇଥିବା କଣ୍ଟା ଲାଗିଥିବା ଦଉଡ଼ି ବାନ୍ଧା ହୋଇ ଗୋଟିଏ ଘେରା ବୁଲି ଭକ୍ତଙ୍କ ଉପରକୁ ମା ଙ୍କ ଆଶୀର୍ବାଦ ସ୍ୱରୂପ ପୁଷ୍ପ ବୃଷ୍ଟି ହୋଇଥିଲା। ଏହି ଫୁଲକୁ ଆକାଶରୁ ଟୋକି ଧରିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଥିବା ଦେଖାଯାଇଛି। ଭକ୍ତାଙ୍କ ପିଠିରୁ କଣ୍ଟା ଖୋଲିବା ପରେ ମାଁ ଙ୍କର ସିନ୍ଦୂର ଦେଇ କପଡ଼ାରେ ପଟି ବାନ୍ଧି ଦିଆଯାଇଛି।

ତହସିଲଦାର ସମ୍ବିତ କୁମାର କର ଉଡ଼ା କମିଟି ସଭାପତି ତଥା ମାଜିଷ୍ଟ୍ରେଟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାୟକଙ୍କ ନେତୃତ୍ୱରେ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଓ ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ଶୃଙ୍ଖଳା ଦୃଷ୍ଟିରୁ ଏହି ଗୁରୁ ଦାୟିତ୍ୱ ନିର୍ବାହ କରିଛନ୍ତି। ଶୃଙ୍ଖଳାର ସହିତ ଉଡାଯାତ୍ରା ପାଳିତ ହୋଇଥିବାରୁ ଅନଭିଜ୍ଞ ନୂତନ କମିଟିର ଯୁବ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ପୁଲିସ ପ୍ରଶାସନ, ସ୍ଥାନୀୟ ବୁଦ୍ଧିଜୀବୀ, କମିଟିର ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟା ଓ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ମୀନା ବଜାର ଓ ମେଳା ଲାଗି ରହିବ।

ସକାଳ
THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ଯେକୌଣସି ସରକାରର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ନାଗରିକଙ୍କ ସାମ୍ବିଧାନିକ ସ୍ୱାଧୀନତାର ସୁରକ୍ଷା ପାଇଁ ମଧ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହେବା ଦରକାର।
- ଥେରେସା ମେ

## ସୀମା ନିର୍ଦ୍ଧାରଣ ଝଡ଼

୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସଂସଦର ସ୍ୱତନ୍ତ୍ର ଅଧିବେଶନ। ତିନି ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଣିବାକୁ ଯାଉଛନ୍ତି। ଲୋକସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସହିତ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ଏହି ଅଧିବେଶନରେ ଅନୁମୋଦନ ପ୍ରଦାନ କରିବାକୁ ସରକାର ଯୋଜନା କରିଛନ୍ତି। ମହିଳା ଆସନ ସଂରକ୍ଷଣ ବିଲ୍‌କୁ ପ୍ରାୟ ସବୁ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ନେଇ ଏବେଠାରୁ ବିଶାଳ ଜନଅସନ୍ତୋଷ ଦେଖାଦେଲାଣି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ହେଉଛି ଏକ ନିୟମିତ ପ୍ରକ୍ରିୟା, ଯାହାକି କିଛି ଦଶନ୍ଧି ବ୍ୟବଧାନରେ କରାଯାଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସଂଖ୍ୟା ବୃଦ୍ଧି ସହିତ ଲୋକସଭାରେ ରାଜ୍ୟମାନଙ୍କୁ ଯେପରି ଉଚିତ ପ୍ରତିନିଧିତ୍ୱ ମିଳିବ। ସ୍ୱାଧୀନ ଭାରତ ଇତିହାସରେ ପଞ୍ଚମ ଥର ଲାଗି ଏଭଳି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଦେଶରେ ପ୍ରଥମ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ୧୯୫୨ରେ ହୋଇଥିଲା। ୧୯୫୧ ଜନଗଣନାକୁ ଭିତ୍ତି କରି ଲୋକସଭା ସଭ୍ୟ ସଂଖ୍ୟା ୪୯୪ ଧାର୍ଯ୍ୟ ହୋଇଥିଲା। ପୁଣି ୧୯୬୩ ଏବଂ ୧୯୭୩ରେ ମଧ୍ୟ ଅନୁରୂପ ସୀମା ପୁନଃନିର୍ଦ୍ଧାରଣ କରାଯାଇଥିଲା। ୧୯୭୧ ଜନଗଣନାକୁ ଆଧାର କରି ୧୯୭୩ରେ କରାଯାଇଥିବା ସୀମା ପୁନଃନିର୍ଦ୍ଧାରଣ ବେଳେ ଲୋକସଭା ସଭ୍ୟ ସଂଖ୍ୟା ୫୪୩କୁ ଧାର୍ଯ୍ୟ କରାଯାଇଥିଲା, ଯାହା ଆଜି ବି ଅବ୍ୟାହତ ରହିଛି। ସେତେବେଳେ ଦେଶର ଲୋକସଂଖ୍ୟା ୫୪.୮ କୋଟି ଥିଲା। ୨୦୦୨ରେ ସୀମା ପୁନଃନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ଲୋକସଭା ସଭ୍ୟସଖ୍ୟା ଅପରିବର୍ତ୍ତିତ ରହିଥିଲା। କେବଳ ସୀମାପୁନର୍ଗଠନ କରାଯାଇଥିଲା। ୧୯୭୧ ତୁଳନାରେ ୨୦୧୧ରେ ଜନସଂଖ୍ୟା ଦୁଇ ଗୁଣା ବୃଦ୍ଧି ପାଇଥିବାରୁ ଏଥର ଲୋକସଭା ସଭ୍ୟସଂଖ୍ୟା ୮୫୦ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ସଂସଦରେ ଏ ସଂକ୍ରାନ୍ତ ବିଲ୍ ଆଗତ ହେବାପୂର୍ବରୁ ଝଡ଼ ଆରମ୍ଭ ହୋଇଗଲାଣି। ଆସାମ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଶେଷ ହୋଇଛି ଏବଂ ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଶୀର୍ଷରେ ପହଞ୍ଚିଥିବା ବେଳେ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ଏଭଳି ବିଲ୍ ଆଗତ କରାଇବାକୁ ନେଇ ଦେଶସାରା ପରିବେଶ ସରଗରମ ହୋଇଉଠିଛି। ବିରୋଧୀ ଦଳ ଏହି ଅଧିବେଶନର ସମୟକୁ ନେଇ ଆପତ୍ତି ଉଠାଇବା ସହିତ ଅଭିଯୋଗ କରିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ଆଳରେ ସରକାର କ୍ଷମତାସୀନ ଦଳର ସ୍ୱାର୍ଥ ପାଇଁ ଲୋକସଭା ଆସନ ସଂଖ୍ୟା ବଢ଼ାଇବାକୁ ଚାହୁଁଛନ୍ତି। ଏହା କେବଳ ଯେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ବିବାଦ ସୃଷ୍ଟି କରିବ ତାହା ନୁହେଁ; ଏହା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ବିପର୍ଯ୍ୟସ୍ତ କରିପକାଇବ।

ଦକ୍ଷିଣ ଭାରତ ରାଜ୍ୟର ଅନେକ ନେତା ଅଭିଯୋଗ କରିଛନ୍ତି ଯେ ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବଢ଼ିଲେ, ଏହାର ସବୁଠାରୁ ବେଶି ଫାଇଦା ଉତ୍ତର ଏବଂ ମଧ୍ୟ ଭାରତର ରାଜ୍ୟମାନଙ୍କୁ ମିଳିବ। କାରଣ ଜନସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟମାନେ ଅଧିକ ଆସନ ପାଇବେ। ଅନ୍ୟପକ୍ଷରେ ପରିବାର ନିୟୋଜନ ନୀତିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିଥିବା ଦକ୍ଷିଣ ଭାରତର ଅନେକ ରାଜ୍ୟଙ୍କ ଭାଗରେ କମ୍ ଆସନ ପଡ଼ିବ। ଏହା ହେଲେ କେନ୍ଦ୍ରରେ ସରକାର ଗଠନରେ ଦକ୍ଷିଣ ଅପେକ୍ଷା ଉତ୍ତର ଭାରତ ରାଜ୍ୟମାନଙ୍କର ଅଧିକ ଦବ୍‌ଦବା ରହିବ। ସରକାର ଗଠନ ଏବଂ ନୀତି ନିର୍ଦ୍ଧାରଣରେ ଛୋଟ ଛୋଟ ରାଜ୍ୟ ଏବଂ ବିଶେଷକରି ଦକ୍ଷିଣାଞ୍ଚଳ ରାଜ୍ୟମାନଙ୍କର ବିଶେଷ ଭୂମିକା ରହିବ ନାହିଁ। ସେମାନଙ୍କର ସ୍ୱାର୍ଥର କୌଣସି ମହତ୍ୱ ରହିବ ନାହିଁ। କଂଗ୍ରେସ ନେତା ଶଶୀ ଥରୁରଙ୍କ ମତରେ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା କେରଳ, ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶ ଭଳି ରାଜ୍ୟମାନଙ୍କ ପ୍ରଭାବ ଜାତୀୟ ରାଜନୀତିରେ ହ୍ରାସ ପାଇବ।

୨୦୧୧ ଜନସଂଖ୍ୟା ଆଧାରରେ ଲୋକସଭା ଆସନ ବଢ଼ିଲେ ଉତ୍ତର ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ହିନ୍ଦୀ ଭାଷାଭାଷୀ ରାଜ୍ୟମାନେ ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିବେ। ଏହି ରାଜ୍ୟମାନଙ୍କ ଅନୁସାରେ ଦେଶର ଶାସନ ଚାଲିବ। ସରକାର ଗଠନ ଏବଂ ଜାତୀୟ ନୀତି ନିର୍ଦ୍ଧାରଣରେ ଏମାନଙ୍କର ବିଶେଷ ଭୂମିକା ରହିବ। ପରିବାର ନିୟୋଜନ ନୀତି କାର୍ଯ୍ୟକାରୀ କରିଥିବାରୁ ଦକ୍ଷିଣାଞ୍ଚଳ ରାଜ୍ୟମାନଙ୍କ ପାଇଁ ଏହା ଦଣ୍ଡ ସଦୃଶ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଲୋକସଭା ଆସନ ସଂଖ୍ୟା ବଣ୍ଟନରେ ଏଭଳି ତାରତମ୍ୟ ରହିଲେ ଦେଶର ସଂଘୀୟ ଢାଞ୍ଚା ଭୁଶୁଡ଼ି ପଡ଼ିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଡିଏମ୍‌କେ ସୁପ୍ରିମୋ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡୀ, ଟିଏମ୍‌ସି ନେତା ଡେରେକ ଓବ୍ରଏନ ଏବଂ କପିଲ ଶିବଲ ମଧ୍ୟ ସମାନ ଆଶଙ୍କା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ବିଲ୍‌କୁ କେହି ବିରୋଧ କରୁନାହାନ୍ତି। କିନ୍ତୁ ଏହାରି ଆଳରେ ଲୋକସଭା ଆସନ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିବାର କୌଣସି ଆବଶ୍ୟକତା ନାହିଁ। ୨୦୨୯ ନିର୍ବାଚନରେ ବିଜେପିକୁ ଫାଇଦା ପହଞ୍ଚାଇବା ଲାଗି ସରକାର ତରବର ହୋଇ ଏଭଳି ବିଲ୍ ଆଣିଥିବା ସେମାନେ କହିଛନ୍ତି। ରାଜ୍ୟମାନଙ୍କ ସହ ବିନା ପରାମର୍ଶରେ ସରକାର ଏକପାଖିଆ ଭାବେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଣିଲେ ୧୯୫୦ ଏବଂ ୧୯୬୦ ଦଶକ ଭଳି ତାମିଲନାଡୁରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେ ଚେତାବନୀ ଶୁଣାଇଛନ୍ତି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି ଯେ ସମଗ୍ର ବିରୋଧୀ ଦଳ ମହିଳା ଆସନ ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଛି। କିନ୍ତୁ ମହିଳା ବିଲ୍ ଆଳରେ ସରକାର ଯେଉଁଭଳି ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ କରିବାକୁ ଯାଉଛନ୍ତି, ତାହାକୁ ଗ୍ରହଣ କରାଯିବ ନାହିଁ। ଏହା ବିରୋଧରେ ଇଣ୍ଡିଆ ମେଣ୍ଟ ମତଦାନ କରିବ ସେ ବୋଲି କହିଛନ୍ତି। ●

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

## ଇ ୨୦ ପେଟ୍ରୋଲ

ଇଂ ମାୟାଧର ସ୍ୱାଇଁ

ଏହି ବର୍ଷ ଅପ୍ରେଲ ୧ ତାରିଖରୁ ଦେଶର ସମସ୍ତ ପେଟ୍ରୋଲ ପମ୍ପରେ ଇ୨୦ ପେଟ୍ରୋଲ ଦେବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ବାଧ୍ୟତାମୂଳକ କରାଯାଇଛି। ଇ ୨୦ ପେଟ୍ରୋଲ ହେଉଛି ସାଧାରଣ ପେଟ୍ରୋଲ ଓ ଇଥାନଲର ମିଶ୍ରଣ। ଏହି ଇନ୍ଧନରେ ୮୦ ପ୍ରତିଶତ ହେଉଛି ପେଟ୍ରୋଲ ଏବଂ ୨୦ ପ୍ରତିଶତ ଇଥାନଲ। ଯାନବାହାନ ଇନ୍ଧନରେ ପେଟ୍ରୋଲ ପରିମାଣ ହ୍ରାସ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତ ଏହାର ଆବଶ୍ୟକ ପେଟ୍ରୋଲିୟମର ୭୦ ପ୍ରତିଶତରୁ ଅଧିକ ଆମଦାନୀ କରିଥାଏ। ଏଥିପାଇଁ ବୈଦେଶିକ ପୁଞ୍ଜି ବ୍ୟୟ ହେବା ସହିତ ଅନେକ ଭୂରାଜନୈତିକ କାରଣରୁ ପେଟ୍ରୋଲ ଆଣିବା ବେଳେ ଆମେରିକା କଟକଣା ଜାରି କଲା। ଏବେ ଇରାନ ଏବଂ ଅମେରିକା – ଇସ୍ରାଏଲ ଯୁଦ୍ଧ ଯୋଗୁଁ ଇରାନ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳରେ ପ୍ରତିରୋଧ କରିବାରୁ ତୈଳ ଆସିବାରେ ବାଧା ପହଞ୍ଚିଛି। ବର୍ତ୍ତମାନର ଉପସାଗରୀୟ ଯୁଦ୍ଧ ଯୋଗୁଁ ଦେଶକୁ ପେଟ୍ରୋଲିୟମ ତୈଳ ଆମଦାନୀରେ ହ୍ରାସ ଘଟିଛି।

ଭାରତ ସରକାର ଅପ୍ରେଲ ୧ ରୁ ଇ୨୦ ପେଟ୍ରୋଲ ପ୍ରଚଳନ କରିଥିଲେ ସୁଦ୍ଧା ଏହି ବିଷୟରେ ବହୁ ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ପେଟ୍ରୋଲ ଓ ଡିଜେଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ପାଇଁ କେନ୍ଦ୍ର ସରକାର ୨୦୨୩ ମସିହାରେ ବିଲ୍ ଆଣିଥିଲେ ଏବଂ ୨୦୩୦ ମସିହା ସୁଦ୍ଧା ଇନ୍ଧନରେ ଇଥାନଲର ପରିମାଣକୁ ୩୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ କହିଥିଲେ। ଅନେକ ଜାଣି ନ ଥିବେ ଯେ ଆମେ ଅପ୍ରେଲ ମାସ ପୂର୍ବରୁ ଇ ୧୦ ପେଟ୍ରୋଲ ବ୍ୟବହାର କରୁଥିଲେ, ଅର୍ଥାତ୍ ଇନ୍ଧନରେ ୧୦ ପ୍ରତିଶତ ଇଥାନଲ ଥିଲା ଏବଂ ଏହା ବର୍ତ୍ତମାନ ୨୦ ପ୍ରତିଶତକୁ ବୃଦ୍ଧି ପାଇଛି।

ଇ ୨୦ ପେଟ୍ରୋଲ ବ୍ୟବହାର ଦେଶ ପାଇଁ ଅନେକ ଉପକାର କରିବ। ଅର୍ଥନୀତି ଦୃଷ୍ଟିରୁ ଦେଖିଲେ ଏହାଦ୍ୱାରା ଅଶୋଧିତ ପେଟ୍ରୋଲିୟମ ରପ୍ତାନୀ ହ୍ରାସ ପାଇବ ଏବଂ ଦେଶର ବୈଦେଶିକ ପୁଞ୍ଜି ସଞ୍ଚୟ ହୋଇପାରିବ। ଦ୍ୱିତୀୟରେ ପୃଥିବୀର ଭୂରାଜନୈତିକ ଦୃଷ୍ଟିରୁ ଆମକୁ ଅନ୍ୟ ଦେଶ ଉପରେ ଥିବା ନିର୍ଭରଶୀଳତା ହ୍ରାସ ପାଇବ। ଏହାର ଅନ୍ୟ ଏକ ଉପକାର ହେଉଛି ପରିବେଶଗତ। ପେଟ୍ରୋଲ ଦହନ ଅପେକ୍ଷା ଇଥାନଲ ଦହନରେ କମ୍ ପରିମାଣର କାର୍ବନ ମନୋକ୍ସାଇଡ ଓ ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ। ପ୍ୟାରିସ ରାଜିନାମା ଅନୁଯାୟୀ ଭାରତ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ୨୦୭୦ ମସିହା ସୁଦ୍ଧା ନେଟ୍ ଶୂନ୍ କାର୍ବନ ରାଷ୍ଟ୍ରରେ ପରିଣତ ହେବା ପାଇଁ ଘୋଷଣା କରିଛି। ଏପ୍ରିଲରୁ ଇ ୨୦ ପେଟ୍ରୋଲ ବ୍ୟବହାର ଏଥିରେ ଆମର ସହାୟତା ହେବ। ଇ ୨୦ ପେଟ୍ରୋଲ ବ୍ୟବହାରର ଅନ୍ୟ ଏକ ଉପକାର ହେଉଛି ଯେ ଏହାଦ୍ୱାରା ଦେଶର କୃଷକ ସମାଜ ଲାଭବାନ ହେବେ। ସାଧାରଣତଃ ଆଖୁ ଓ ମକାରୁ ଇଥାନଲ ଉତ୍ପାଦନ କରାଯାଏ। ଏଣୁ ଏହାକୁ ଚାଷ କରି ଚାଷୀମାନେ ଉପକୃତ ହୋଇପାରିବେ। ଇଥାନଲ ହେଉଛି ଗୋଟିଏ ଜୈବ ଇନ୍ଧନ. ଯାହା କୃଷି ଜାତ ପଦାର୍ଥରୁ ଉତ୍ପାଦନ କରାଯାଇଥାଏ। ଗାଡ଼ିର ଇଞ୍ଜିନର କାର୍ଯ୍ୟ ପାଇଁ ଇ ୨୦ ପେଟ୍ରୋଲ ହେଉଛି ଉତ୍କୃଷ୍ଟ। ଇ ୨୦ ପେଟ୍ରୋଲର ଅକ୍ଟେନ ସଂଖ୍ୟା ୯୫ ଥିବା ବେଳେ ସାଧାରଣ ପେଟ୍ରୋଲ ଏହା ହେଉଛି ୯୧ ରୁ ୯୨ ମଧ୍ୟରେ। ଅକ୍ଟେନ ସଂଖ୍ୟା ଅଧିକ ହେଲେ ଇଞ୍ଜିନରେ ପେଟ୍ରୋଲର ଦହନ ଉତ୍ତମ ହେବ।




ଅନେକ ଉପକାର ସତ୍ତ୍ୱେ ଇ ୨୦ ପେଟ୍ରୋଲର ମଧ୍ୟ କେତେକ ଅସୁବିଧା ଅଛି। ସାଧାରଣ ପେଟ୍ରୋଲ ଅପେକ୍ଷା ଏହାର ଶକ୍ତି ସାନ୍ଦ୍ରତା ହେଉଛି କମ୍। କାରଣ ଇଥାନଲର କ୍ୟାଲୋରୀୟ ମୂଲ୍ୟ ହେଉଛି ପେଟ୍ରୋଲଠାରୁ କମ୍। ଏଣୁ ଗାଡ଼ିର ମାଇଲେଜ ଦୁଇରୁ ସାତ ପ୍ରତିଶତ ହ୍ରାସ ପାଇପାରେ। ପୁନଶ୍ଚ ଇ ୨୦ ପେଟ୍ରୋଲ ବ୍ୟବହାର କଲେ ପୁରୁଣା ଗାଡିଗୁଡିକର ରବର ଅଂଶ ଓ ଗାସ୍କେଟଗୁଡିକ ଶୀଘ୍ର କ୍ଷୟ ହେବ। ୨୦୨୩ ମସିହା ପରେ ନିର୍ମିତ ଗାଡ଼ିଗୁଡ଼ିକ ଇ ୨୦ ପେଟ୍ରୋଲ ପାଇଁ ଡିଜାଇନ ହୋଇଛି ଏବଂ ଏଗୁଡିକ ଉପରେ ଇ ୨୦ ପେଟ୍ରୋଲର ଏହି ପ୍ରଭାବ ପଡିବ ନାହିଁ। ମାତ୍ର ଏହା ପୂର୍ବରୁ ନିର୍ମିତ ଗାଡିଗୁଡିକ ଅଧିକ ମରାମତି ଆବଶ୍ୟକ କରିପାରେ। ଇଥାନଲ ଅଧିକ ମାତ୍ରାରେ ଆର୍ଦ୍ରତାଗ୍ରାହୀ ହୋଇଥିବାରୁ ଏହା ପରିବେଶରୁ ଜଳୀୟବାଷ୍ପ ଗ୍ରହଣ କରିଥାଏ ଏବଂ ଏକ ଦୃଢ଼ ଦ୍ରାବକ ଭାବେ କାର୍ଯ୍ୟ କରେ। ଏହା ଫଳରେ ଲୁହା ଇନ୍ଧନ ପାଇପ, ଇନ୍ଧନ ଟାଙ୍କି ଓ କାର୍ବୁରେଟର୍‌ରେ ସଂକ୍ଷାରଣ ଘଟିଥାଏ। କିନ୍ତୁ ନୂଆ ଗାଡ଼ିର ଡିଜାଇନରେ ଏଥିପ୍ରତି ଧ୍ୟାନ ଦିଆଯାଇ ଥିବାରୁ ଏହି ଅସୁବିଧା ହେବ ନାହିଁ।

ଇଥାନଲ ଦହନରେ କାର୍ବନ ମନୋକସାଇଡ, ଅଣ-ମିଥେନ ହାଇଡ୍ରୋକାର୍ବନ ଏବଂ ସୂକ୍ଷ୍ମ କଣିକା ଉତ୍ସର୍ଜନ ହ୍ରାସ ପାଉଥିବା ବେଳେ ନାଇଟ୍ରୋଜେନ ଅକ୍ସାଇଡ୍ ଓ କାର୍ବୋନିଲ୍ ଉତ୍ସର୍ଜନ ବୃଦ୍ଧି ପାଇଥାଏ। ଶେଷ ଦୁଇ ପଦାର୍ଥ ହେଉଛି ବିଷାକ୍ତ। ବ୍ରାଜିଲ ଆଖୁରୁ ପ୍ରଚୁର ପରିମାଣର ଇଥାନଲ ଉତ୍ପାଦନ କରୁଛି ଏବଂ ଏହାକୁ ବ୍ୟବହାର କରୁଛି। ଏହା ଏହି ଦୁଇ ପଦାର୍ଥର ଉତ୍ସର୍ଜନକୁ ନିୟନ୍ତ୍ରଣ କରିବା ପାଇଁ ଏକ ଆଇନ୍ ପ୍ରଣୟନ କରିଛି। କିନ୍ତୁ ଭାରତରେ ସେପରି ଆଇନ୍ ନାହିଁ।

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ହେଲେ ଦେଶରେ ଏହାର ଉତ୍ପାଦନକୁ ବଢ଼ାଇବାକୁ ପଡ଼ିବ। ରାସାୟନିକ ଔଷଧ ଓ ପାନୀୟ ଶିଳ୍ପ ଗୁଡିକରେ ଇଥାନଲ କଞ୍ଚାମାଲ ହିସାବରେ ବ୍ୟବହୃତ ହୁଏ। ଏହି ଶିଳ୍ପ ଗୁଡିକୁ ଇଥାନଲ ଯୋଗଣ ପାଇଁ ଭାରତ ବାହାରୁ ମକା ଆମଦାନୀ କରୁଛି। ବର୍ତ୍ତମାନ ଏହାକୁ ମଧ୍ୟ ଅଧିକ ପରିମାଣର ଇଥାନଲ ଆମଦାନୀ କରିବାକୁ ପଡିବ।

ଦେଶର ଅର୍ଥନୀତି, ପର୍ଯ୍ୟାବରଣ ଓ ଆତ୍ମନିର୍ଭରଶୀଳତା ପାଇଁ ଗାଡି ମୋଟରରେ ଇ ୨୦ ପେଟ୍ରୋଲ ବ୍ୟବହାର ହେଉଛି ଏକ ଉଚିତ୍ ପଦକ୍ଷେପ। ଇ ୨୦ କୁ ବଢ଼ାଇ ଇ ୩୦ କିମ୍ବା ଇ ୫୦ ପେଟ୍ରୋଲ ବ୍ୟବହାର ପାଇଁ ଗାଡ଼ିଗୁଡ଼ିକୁ ମଧ୍ୟ ଡିଜାଇନ କରାଯାଉଛି। ଏପରିକି କେବେଳ ଇଥାନଲ (ଇ ୧୦୦ ଇନ୍ଧନ) ରେ ଚାଲିବା ପାଇଁ ପରୀକ୍ଷାମୂଳକ ଭାବରେ ଗାଡ଼ି ନିର୍ମିତ ହୋଇଛି।

ବ୍ରାଜିଲରେ ପ୍ରଚୁର ଆଖୁ ଚାଷ ଓ ଆମେରିକାରରେ ପ୍ରଚୁର ମକା ଚାଷ ହେଉଥିବାରୁ ସେଠାରେ ସେଥିରୁ ଇଥାନଲ ଉତ୍ପାଦନ କରାଯାଉଛି। ଆମ ଦେଶରେ ଏହା ଆଖୁ ଓ ବିଭିନ୍ନ ଶସ୍ୟରୁ ଉତ୍ପାଦିତ ହେଉଛି। ୨୦୨୪ ମସିହାରେ ଦେଶରେ ୧୬୨୩ କୋଟି ଲିଟର ଇଥାନଲ ଉତ୍ପାଦିତ ହୋଇଥିବା ବେଳେ ୨୦୨୫ ମସିହାରେ ଏହା ୧୭୦୪ କୋଟି ଲିଟର ଥିଲା। ସମଗ୍ର ଦେଶରେ ଇ ୨୦ ପେଟ୍ରୋଲ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ପରେ ଏହାର ଚାହିଦା ବଢ଼ିବ। ଏଥିପାଇଁ ଏହାକୁ ବାହାର ଦେଶରୁ ଆମଦାନୀ କଲେ ଏହାର ଖର୍ଚ୍ଚ ପେଟ୍ରୋଲିୟମ ଆମଦାନୀ ହ୍ରାସ ଲାଭ ସହିତ ସମାନ ହେଲେ ଆମେ ବିଶେଷ ଲାଭବାନ ହୋଇପାରିବା ନାହିଁ। ଅନ୍ୟ ଉତ୍ସ ଯଥା ଶସ୍ୟ ଅବଶେଷ ଏବଂ ମ୍ୟୁନିସିପାଲିଟି ଅବଶେଷରୁ ଇଥାନଲ ଉତ୍ପାଦନ କରିବାକୁ ଚେଷ୍ଟା ଚାଲିଛି। ଏଥିପାଇଁ ଅଣ-ଖାଦ୍ୟ ଶସ୍ୟରୁ ଜୈବ ଇଥାନଲ ଉତ୍ପାଦନ ପାଇଁ 'ପିଏମ୍ – ଜୀବନ' ଯୋଜନାରେ କାର୍ଯ୍ୟକ୍ରମ ରଖାଯାଇଛି। ●

୭୦, ଲକ୍ଷ୍ମୀବିହାର ଫେଜ୍–୧
ଭୁବନେଶ୍ୱର–୭୫୧୦୧୮
ମୋ- ୯୪୩୮ ୬୯୩୭୨୪

## ଡାକରା ଅପେକ୍ଷାରେ

ନାଟ୍ୟକାର ଜଗନ୍ନାଥ ବେହେରା

ଈଶ୍ୱରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଯେ ମୋ ଠାରୁ ସ୍ମରଣ ବା ସ୍ମୃତି ଶକ୍ତି ହରଣ କରିନେଇଛନ୍ତି, ଶ୍ରବଣ ଶକ୍ତି ନେଇଛନ୍ତି ଦୃଷ୍ଟି ଶକ୍ତି ମଧ୍ୟ କମେଇ ଦେଇଛନ୍ତି। ଅଣ୍ଟା ଭାଙ୍ଗିଦେଇ ଗୋଡ଼ ହାତ ଦୁର୍ବଳ କରିଦେଇ ଛନ୍ତି। ନଚେତ ସବୁ ପୁରୁଣା ସ୍ମୃତି ଆତ୍ମହତ୍ୟା କରିବାକୁ ବାଧ କରିଥା'ନ୍ତେ। ହାତରେ ବାଡ଼ିଟିଏ ଧରି ଶୂନ୍ୟ ଆକାଶକୁ ଚାହିଁ ବାରଣ୍ଡାରେ ଚୁପ୍‌ଚାପ୍ ବସିଥିବା ସାରଦା ମଉସାଙ୍କୁ କିଛି ପଚାରିବା ପୂର୍ବରୁ ତାଙ୍କ ହୃଦୟ ସନ୍ଧିରୁ ଉଦ୍‌ଗୀରଣ ହୋଇଗଲା ବହୁଦିନରୁ କହିବ କହିବ ହେଉଥିବା ଅକୁହା କଥାଗୁଡାକ। ଦୁଇ ଟୋପା ଲୁହ ପୋଛୁ ପୋଛୁ ଦୀର୍ଘଶ୍ୱାସ ନେଇ ବିରକ୍ତ ଭାବ ପ୍ରକାଶ ପୂର୍ବକ କହିଲେ, ଏ ଘର ପାଇଁ ମୁଁ କ'ଣ କରି ନ ଥିଲି; ହେଲେ ଏ ଘର ମୋତେ କ'ଣ ଦେଲା ? ତାଡ଼ନା, ଯାତନା ଆଉ ଗାଳିଗୁଲଜ। ନିରୁପାୟ ହୋଇ କେବଳ ଉପର ବାଲାର ଗୋଟିଏ ଡାକରାକୁ ଅପେକ୍ଷା କରିଛି। ଥରେ ଉପରୁ ଡାକରା ଆସିଗଲେ ଏମାନେ କିଏ ମୁଁ କିଏ?

ମଉସା କାହିଁକି ଏମିତି ଅଶୁଭ କଥାଗୁଡାକ ପାଟିରେ ଧରୁଛନ୍ତି। ଆପଣାର ବୁଝିବା ଶୁଝିବା ଲୋକ। ସାରଦା ମଉସା କ୍ଷୋଭ ବ୍ୟକ୍ତ କରି କହିଲେ, ବୁଝିଲ ପୁଅ ତମକୁ କ'ଣ ଲୁଚେଇବି। ଘର କଥା ବାହାରେ କହି ହେଉନାହିଁ। ୨୩ ବର୍ଷ ବୟସରେ ହଠାତ୍ ବାପା ମୋର ବାହାଘର କରିଦେଲେ। ସେଦିନଠାରୁ ଆଜି ପର୍ଯ୍ୟନ୍ତ କେବଳ ଅନୁତାପ, ପଶ୍ଚାତାପ। ସାଂସାରିକ ଘୂର୍ଣ୍ଣିଝଡ଼ରେ ମା'ଙ୍କୁ ବୁଝେଇଲେ ସ୍ତ୍ରୀ ଅଭିମାନ କରୁଥିଲେ। ସ୍ତ୍ରୀ ପକ୍ଷରେ କିଛି କହିଲେ ମା' କିଛି କହି ନ ପାରି କାନ୍ଦୁଥିଲେ। ଶାଶୂ-ବୋହୂଙ୍କୁ ବୁଝେଇ ନ ପାରି ନିଜେ ଲୁଚି ଲୁଚି କାନ୍ଦୁଥିଲି। ଭାଗ୍ୟ ଆଉ ଭଗବାନଙ୍କୁ ନିନ୍ଦୁଥିଲି। ବାପାମାଆଙ୍କ ଦାୟିତ୍ୱ ବାଦେ ମୋର ଦୁଇଟି ପୁଅ ଝିଅ ପାଇଁ ସ୍କୁଲ ଖୋଜି ପାଠ ପଢ଼ାଇବା ଦାୟିତ୍ୱ ପୁଣି ମୋ ଉପରେ ଥିଲା। ଜଣେ ମଣିଷ ପକ୍ଷେ ଚବିଶି ଘଣ୍ଟା ଚିନ୍ତାରେ ରହିବା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ଡାକ୍ତର ହିଁ କହି ପାରିବେ। ବାପା ମାଆଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଚିନ୍ତାରେ ପିଲାଙ୍କ ଶିକ୍ଷା ବ୍ୟବସ୍ଥାକୁ ବୁଝିବାକୁ ପଡୁଥିଲା। ଚାଷ ପରେ ବାସ ନିମନ୍ତେ ଭଲ ଘର ଖଣ୍ଡେ କରିବା ଚିନ୍ତାରେ ମଣିଷକୁ ବାର ଦୁଆର ହେବାକୁ ପଡୁଥିଲା। ଘର କାମ ସମୟରେ କୁଲି ମିସ୍ତ୍ରିଙ୍କ ନିୟମିତ କାମ ଅଭାବ ଚିନ୍ତାରେ ରକ୍ତଚାପ(ବିପି) ବାହାରି ପଡ଼ିଲା। ସେମାନଙ୍କ ଅବହେଳା ଯୋଗୁଁ ଗୁଡ଼ାଏ ଇଟା ଗୋଡ଼ି ସିମେଣ୍ଟ କ୍ଷତି ହେଲା। ଉନ୍ନତ ପାଠ ଚିନ୍ତାରେ ବେସରକାରୀ ସ୍କୁଲରେ ପିଲାଙ୍କ ପାଠପଢ଼ାରେ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ବୋହି ଚାଲିଲା। ସ୍କୁଲ ପରେ କଲେଜ ଲାଇନ ବଡ ଅସୁବିଧା ଥିଲା। କେଉଁ ଲାଇନ ଧରିଲେ ପିଲାଙ୍କ ଭବିଷ୍ୟତ ସହଜରେ ହେବ ତା' ପାଇଁ ଟେନସନ୍। ପାଠ ସରୁ ସରୁ ପିଲାଙ୍କ ଚାକିରି ଚିନ୍ତାରେ ଚାରି ପାଞ୍ଚ ବରଷ ଅଫିସରୁ ଅଫିସ କୁକୁର ପରି ବୁଲିବାକୁ ପଡ଼େ ଏ ମଣିଷକୁ। ଆଜିକାଲି ଚାକିରି କେଉଁଠି ମିଳୁଛି। ମୋ ଜେଜେ ବାପାଙ୍କୁ ଘରୁ ଉଠେଇ ନେଇ ସରକାର ଚାକିରି ଖଣ୍ଡେ ଦେଇଥିଲେ। ବାପା ଙ୍କ ବେଳ କୁ ଅବଶ୍ୟ ଲେଟରେ ହେଲେ ବି ମିଳି ଯାଉଥିଲା। ଆମ ବେଳକୁ ଆଉ ନାହିଁ। ଆଜି ସରକାରୀ ଚାକିରି ତ ସପନ ହୋଇଗଲା। ଚାକିରି ଗୋଟିଏ, ହେଲେ ପିଲା ଲକ୍ଷେ ଲକ୍ଷେ। ସପ୍ତମ ପାସ ପୋଷ୍ଟକୁ ଏମ୍‌ଟେକ୍, ବିଟେକ, ଇଞ୍ଜିନିୟରିଂ ପିଲା ସବୁ ଆବେଦନ କରୁଛନ୍ତି। ସେଥିରେ ପୁଣି ଲାଞ୍ଚ ମିଛର କାରବାର। କାହାକୁ କେଉଁ ଗ୍ୟାରେଣ୍ଟିରେ ଲକ୍ଷ ଲକ୍ଷ ଟଙ୍କା ଦେଇଦେବ। ଯେମିତି ସେମିତି ପୁଅଙ୍କ ଚାକିରିଟେ ଯୋଗାଡ କରିବା ପରେ ଆରମ୍ଭ ହେଲା ପୁଣି ଟେନସନ୍। ପୁଅ ପାଇଁ ବୋହୂ ଖୋଜା ଝିଅ ପାଇଁ ବର ଖୋଜା। ବର ଠିକ୍ ବେଳେ ଘର ଠିକ୍ ନ ଥିବ। ଘର ଦେଖିବା ବେଳେ ବର ନିଶାଡି ଥିବ। ସମସ୍କନ୍ଦ ବନ୍ଧୁ ଖୋଜିବା ବେଳେ ନାଡ଼ି ନକ୍ଷତ୍ର ମେଳ ଖାଉ ନ ଥିବା। ରାଶି ମେଳ ହେଉଥିବା ବେଳେ ରାଜ ଯୋଟକ ନଥିବ। ରାଜ ଯୋଟକ ଥିବା ବେଳେ ପୁଅର ଆଉ କେଉଁ ଝିଅ ସହିତ ଚକ୍କର ଚାଲିଥିବ। ସବୁ ଠିକ୍ ଥିବା ବେଳେ ଦାଣ୍ଡ ସୁନ୍ଦର୍ ଯୌତୁକ ଦେବା କୁ ଆମ ନିକଟରେ ବଳ ନଥିବ। ଶିକ୍ଷିତ ସମାଜରେ ଯୌତୁକ ଜୁଇରେ ଜଳୁଥିବା କଥା ଶୁଣିଲେ ନିଜକୁ ଭୟ ଲାଗୁଥିଲା। ଚାକିରି ଅନୁଯାଇ ଯୌତୁକ। ଆମ ସମୟରେ ସାଇକଲ, ହାତଘଣ୍ଟା, ରେଡିଓ ଥିଲା। ବର୍ତ୍ତମାନ ଦୁଇ ଚକିଆ ଏବଂ ଚାରି ଚକିଆ। ଏମିତି ଏକ ଭଲ ଘର ଆଉ ବଡ ଘର ଦେଖି ଝିଅ ଦେବା ପାଇଁ ସ୍ଥିର କରୁ କରୁ ଯୌତୁକ ଚିନ୍ତାରେ ସୁଗର, ଗ୍ୟାଷ୍ଟିକ ଦେହକୁ ଆକ୍ରମଣ କରନ୍ତି। ଯୌଥ ପରିବାରକୁ ଆଜିକାଲି ଝିଅ ପସନ୍ଦ କରୁ ନାହାନ୍ତି। ଝିଅର ଜିଦ୍ ଆଗରେ ବାପା ମା କେତେ ଅଧିକ କହିଲେ ଘର ଛାଡ଼ିବେ ନଚେତ ଆତ୍ମହତ୍ୟା ଧମକ। ବାହାଘର ସରିଲା ପରେ ବୋହୁଙ୍କ କଥା ଗୁଡାକ ହାର୍ଟକୁ ଏତେ ବାଧିବ ଯେ ହାର୍ଟ ଷ୍ଟକ୍ ଦେବ। ଏତେ ସବୁ କରିଲା ପରେ ମଧ୍ୟ ପିଲାଙ୍କ ସେହି ପ୍ରଶ୍ନ ତୁମେ ଆମ ପାଇଁ କଣ କରିଛ। ନା ଏକର ଏକର ଜମି ନା କୋଟି କୋଟି ଟଙ୍କା ନା ସାତ ଆଠ ମହଲା କୋଠା। କ'ଣ ରଖିଛ ? ଆଜିକାଲି ବୋହୁଗୁଡାକ ଶାଶୂ-ଶଶୁର ପ୍ରତି ଭକ୍ତି ଭାବ ନାହିଁ। ଜାତି କୂଳ ଆଚାର ବିଚାରକୁ ଖାତିରି ନାହିଁ। ଶାଶୂ ବୋହୂ ଝଗଡ଼ା ମଧ୍ୟରେ ଭଦ୍ରଲୋକ ହୋଇ ପୁଣି ଗୁଡ଼ାଏ ଦିନ ହଟହଟା ହେବାକୁ ପଡୁଛି। ସ୍ତ୍ରୀ ସପକ୍ଷରେ କହିଲେ ବୋହୂ କଥା ହେଉ ନଥିଲା। ଭାତ ଗଣ୍ଡେ ବାଢ଼ି ଦମ୍ ଦମ୍ ହୋଇ ଚାଲି ଯାଉଥିଲେ। ପୁଅ, ମୋ ଅଯୋଗ୍ୟ ପଣିଆ କୁ ଧିକ୍କାର କରିଲା। ବୋହୁ ସପକ୍ଷରେ ପଦେ କହିଲେ ସ୍ତ୍ରୀ କହିଲେ ଜୀବନ ସାରା କିଏ ଖାଇବାକୁ ଦେଉଥିଲା। ଦେହ ଅସୁସ୍ଥ ହେଲେ କିଏ ଦେଖୁଥିଲା। ବୁଢୀ ହୋଇ ବି ବାରମ୍ବାର ବାପା ଘର ଧମକ ଦେବାରେ ଲାଗିଲେ। ଜୋଇଁ ପୁଅଟି ମଦୁଆ ହୋଇଗଲା। ଝିଅ ଆଖିର ଲୁହ ଦେଖି ପାରିଲି ନାହିଁ। ଜୋଇଁ ପୁଅ ପ୍ରତିଦିନ ଝଗଡ଼ା କରୁଥିଲେ। ଥାନା ପର୍ଯ୍ୟନ୍ତ କଥା ଗଲା। ରାତିରେ ନିଦ ହେଲାନାହିଁ କି ପେଟକୁ ଭୋକ ଆସିଲା ନାହିଁ। ସମାଜରେ ଥିବା ମାନ-ସମ୍ମାନ ମାଟିରେ ମିଶିଗଲା। ପାଞ୍ଚ ଲୋକ ନିକଟରେ ଠିଆ ହେବାକୁ ନିଜକୁ ଦୋଷୀ ଲାଗିଲା। ଅନିଦ୍ରା, ଅନାହାର ଆଉ ଅସମ୍ମାନ ଚିନ୍ତାରେ ଦେହଟା ମୋର ଅଧିକରୁ ଅଧିକ ବିଗିଡ଼ି ଗଲା। ଔଷଧ ଖାଇ ଖାଇ ସାଇଡ ଇଫେକ୍ଟରେ ରୋଗ ଅଧିକ ହେଲା। ଝିଅର ମଙ୍ଗଳ ପାଇଁ ଯୌତୁକ ଦେଇ ଦେଇ ଶେଷରେ ପୁଅର ବିରୋଧୀ ହୋଇଗଲି। ପୁଅ ବୋହୂ ଆମଠାରୁ ଅଲଗା ହୋଇଗଲେ। ବାହାରେ ଘର ଭଡ଼ା କରି ରହିଲେ। ଦିନେ ସମାଜକୁ ଶିକ୍ଷା ଦେଉଥିଲି; ଆଜି ଅଶିକ୍ଷିତ ପରି ନିଜେ ହୋଇଗଲି। ବୁଢ଼ା ବୁଢ଼ୀ ଦି'ଟା ଏହି ବୟସରେ ନିଜେ ରାନ୍ଧି ବାଢ଼ି ଖାଇଲୁ। କେବେ ଅସିଝା, ଅଫୁଟା, କେବେ ପୋଡ଼ା, କେବେ ଲୁଣ ଧରି ଖାଇବାକୁ ପଡ଼ିଲା। ଏମିତି ଜୀବନ ଜିଉଁ ଜିଉଁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ତ୍ରୀ ମୋ ହାତ ଛାଡି ହଠାତ୍ ଚାଲିଗଲେ ହାର୍ଟ ଆଟାକରେ। ଏତେ ବଡ ଦୁନିଆରେ ମୁଁ ଆଜି ଏକା ହୋଇଗଲି। ମୋ ସ୍ତ୍ରୀ ଆମ ବାପା ପୁଅ ମଧ୍ୟରେ ବାର୍ତ୍ତା ବାହକ ଥିଲେ। ପୁଅକୁ ବାପାର ଅର୍ଥ ଏବଂ ମୋତେ ବୁଝାଉ ଥିଲେ ଯେତେ ହେଲେ ପରା ସିଏ ଆମ ପୁଅ। ମୋତେ ବାରମ୍ବାର ବୁଝାଇବାକୁ ଚେଷ୍ଟା କରୁଥିଲେ ଯେ ଆମ ଭାଗ୍ୟରେ ଯାହା ଅଛି ତାହା ଭୋଗିବାକୁ ହେବ। ଭଗବାନଙ୍କୁ ଡାକ ସବୁ ଠିକ୍ ହୋଇଯିବ। ଭଗବାନଙ୍କ ପ୍ରତି ଗଭୀର ବିଶ୍ୱାସ ଥିଲା। ବୋଧହୁଏ ସେଥିପାଇଁ ତାଙ୍କୁ ଭଗବାନ ମୋ ଆଗରୁ ଡାକରା ଦେଲେ।



ମୁଁ ଜଣେ ସ୍ୱାଭିମାନୀ ଏବଂ ଅଭିମାନୀ ଲୋକ। ଭାଙ୍ଗିଯିବି ପଛେ; କାହା ନିକଟରେ ନୁଆଁଇବି ନାହିଁ। ଜୀବନରେ କାହା ଆଗରେ ହାତ ଯୋଡ଼ି ନାହିଁ କି ଗୋଡ ଭାଙ୍ଗି ଠିଆ ହୋଇ ନାହିଁ; ବରଂ ଆବଶ୍ୟକ ସ୍ଥଳେ ଅଧିକ ଆଠ ଘଣ୍ଟା ପରିଶ୍ରମ କରିଛି। ରକ୍ତକୁ ପାଣି କରି ଖରା, ବର୍ଷାରେ କଷ୍ଟ କରିଛି। ପୁଅ ଝିଅ ସ୍ତ୍ରୀ ମୁହଁରେ ଟିକିଏ ଖୁସି ପାଇଁ ସବୁ ହସି ହସି ସହି ଯାଇଛି। କଷ୍ଟ କରି ବୁଢ଼ା ବାପା ମା ଏବଂ ଆମ ଚାରି ପ୍ରାଣୀ କୁଟୁମ୍ବକୁ ବଞ୍ଚାଇ ଥିଲି। ମୋ ଜୀବନ କାଳ ମଧ୍ୟରେ କେହି ମୋତେ ଆଙ୍ଗୁଠି ଦେଖାଇ ନ ଥିଲେ। ଗାଁ, ସାହି, ପଡିଶା, ଜାତି କୂଳରେ ସମସ୍ୟା ଦେଖାଦେଲେ ମୁଁ ସମାଧାନ କରୁଥିଲି। ମୋ ନ୍ୟାୟକୁ ଅମାନ୍ୟ କରିବାର ସାହାସ କିଏ କରୁ ନ ଥିଲେ। ବଡ ସାନ ସମସ୍ତେ ସମ୍ମାନ ଦେଉଥିଲେ। କିନ୍ତୁ ଆଜି ଏତିକି ଦୁଃଖ। ମୋ ସାମାଜିକ ମୁଲିବୋଧ କୁ ମୋ ପିଲା ପଢ଼ି ପାରିଲା ନାହିଁ। ଆମ ଘରର ସଂସ୍କାର, ପ୍ରଥା, ପରମ୍ପରାକୁ ଭୁଲିଗଲା। ପରମ୍ପରାକୁ ଅତୀତ ଭାବି ଆଧୁନିକ ଦ୍ୱାହି ଦେଇ ଆଧୁନିକ ହୋଇଗଲା। ସ୍ତ୍ରୀ କଥାରେ ଉଠବସ୍ ହେଲା। ଆଜି ଭାବୁଛି ମୋର ଦୋଷ କେଉଁଠି ରହିଗଲା। ମଣିଷ ପିଲାକୁ ମୁଁ ନୈତିକ ଶିକ୍ଷା ଦେଇ ମଣିଷ କରି ପାରିଲି ନାହିଁ। ମୋ ପରି ଆଜି ଏହି ସମାଜରେ ଆହୁରି ଅନେକ ଏମିତି ଜୀବନ ବିତାଉଛନ୍ତି। ଅସହାୟ ଅବସ୍ଥାରେ ଜୀବନ ଜିଉଁଛନ୍ତି। ଜୀବନ ଉପରୁ ସ୍ପୃହା ତୁଟାଇ କେବଳ ଉପର ଡାକରା ଅପେକ୍ଷାରେ ରହିଛନ୍ତି।

ଆଜି ମୁଁ ଭାବୁଚି ସମାଜ ପାଇଁ ଉଚ୍ଚ ଶିକ୍ଷା, ବଡ ବଡ ସାର୍ଟିଫିକେଟ ଅପେକ୍ଷା ଛୋଟ ଛୋଟ ସଂସ୍କାରର ଆବଶ୍ୟକତା ଅଧିକ ରହିଛି। ବଡ ବଡ ୟୁନିଭରସିଟି ଅପେକ୍ଷା ଗୋପବନ୍ଧୁଙ୍କ ବନବିଦ୍ୟାଳୟ ଦରକାର। ଆଜିର ପିଲାଙ୍କୁ ଦାୟିତ୍ୱ ଆଉ କର୍ତ୍ତବ୍ୟ ମଧ୍ୟରେ ତାରତମ୍ୟ ବୁଝାଇବା ଉଚିତ। ବାର୍ଦ୍ଧକ୍ୟ ଜନିତ ଯନ୍ତ୍ରଣା ଏବଂ ପରିବାର ଅବହେଳା ଜନିତ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ବୟସ୍କମାନଙ୍କୁ ସମ୍ମାନର ସହିତ ଶେଷ ଜୀବନ ଜିଇଁବା ପାଇଁ ଆବଶ୍ୟକତା ବିଷୟରେ ଧାରଣ ଦେବା ଦରକାର। ବାପାମା' ଜୀବନ ସାରା କାର୍ଯ୍ୟ ବ୍ୟସ୍ତତା ଭିତରେ ଗଧ ପରି ଯାହା ମିଳିଲା ଖାଇଲେ, ଶ୍ୱାନ ପରି ଟିକିଏ ଶୋଇ ଅଧିକ ଅନିଦ୍ରା ହେଲେ, କାକ ପରି ଆଞ୍ଜୁଳାଏ ପାଣିରେ ଗାଧୋଇଲେ,ବଳଦ ପରି ମୁହଁରେ ତୁଣ୍ଡି ଦେଇ ପିଲାଙ୍କ ପାଇଁ ପରିଶ୍ରମ କରି ଚାଲିଲେ; ତଥାପି ପୁଅ ଝିଅ ବୁଝିଲେ ନାହିଁ। ଏବେ କେବଳ ଡାକରାକୁ ଅପେକ୍ଷା। ସମସ୍ତ ସାମାଜିକ ପ୍ରାଣୀ ଅସ୍ତମିତ ସୂର୍ଯ୍ୟଙ୍କର ସୁନେଲି କିରଣ ଆମକୁ ଯେ ସ୍ୱାସ୍ଥ୍ୟବାନ କରି ରଖିଥାଏ, ଏ କଥା ଭୁଲିଯିବା ଉଚିତ୍ ନୁହଁ। ●

ଗାୟତ୍ରୀ ନଗର, ନବରଙ୍ଗପୁର,
ମୋ- ୯୪୩୭୬୭୮ ୫୧୫୮



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସମ୍ବଲପୁରରେ 'ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଲୋକାର୍ପଣ

# ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ:ଧର୍ମେନ୍ଦ୍ର

ସମ୍ବଲପୁର, ୧୫।୪ (ସମିସ): ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ହେଉଛନ୍ତି ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମର ପ୍ରତୀକ। ସମ୍ବଲପୁର ଦଲାଇପଡ଼ାଠାରେ ଲୋକାର୍ପିତ ହୋଇଥିବା "ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦୁଇଦିନିଆ ସମ୍ବଲପୁର ଗସ୍ତ ଅବସରରେ ଶ୍ରୀ ପ୍ରଧାନ ଆଜି ସଂଗ୍ରହାଳୟକୁ ଉଦ୍‌ଘାଟନ କରି ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ସଂଗ୍ରହାଳୟର ଉଦ୍‌ଘାଟନ ଆମର ସ୍ୱାଭିମାନ ଓ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବାର ଏକ ଅନନ୍ୟ ପ୍ରୟାସ। ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ "ଇନ୍‌ଟାକ୍'ର ମିଳିତ ପ୍ରୟାସରେ ଏହି ସଂଗ୍ରହାଳୟ ନବୀକରଣ ହୋଇଛି। ଏଠାରେ ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅନେକ ଦୁର୍ଲଭ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ଏଥିସହ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ ଏବଂ ଅଞ୍ଚଳର ବରେଣ୍ୟ ମହାପୁରୁଷଙ୍କ ଜୀବନ୍ତ କଳାଚିତ୍ର ସ୍ଥାନ ପାଇଛି। ଏହି କଳାକୃତିଗୁଡ଼ିକ ମାଧ୍ୟମରେ ସମ୍ବଲପୁରର ବୀରତ୍ୱ ଗାଥା ଓ ସାଂସ୍କୃତିକ ବିଭବକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି।

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅନୁଯାୟୀ, ସମ୍ବଲପୁରର ଇତିହାସ ପ୍ରାୟ ୧୦ହଜାର ବର୍ଷରୁ ଅଧିକ ପୁରୁଣା, ଯାହାର ପ୍ରମାଣ ଏଠାକାର ଗୁମ୍ଫା ଚିତ୍ରକଳା ତଥା ରକ୍ ଆର୍ଟରୁ ମିଳିଥାଏ।



ମା' ସମଲେଶ୍ୱରୀଙ୍କ ପୀଠ ଏବଂ ମହାନଦୀ ଅବବାହିକାରେ ଥିବା ଏହି ଅଞ୍ଚଳ ଜଙ୍ଗଲ, ଚାଷ ଓ ଲୋକ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରେ। ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମର ଆଞ୍ଚଳିକ ସଂଗ୍ରାମୀମାନଙ୍କ ଗାଥାକୁ ସାରା ଦେଶରେ ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ସମ୍ବଲପୁରବାସୀ ଏବଂ ବିଶେଷ କରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସଂଗ୍ରହାଳୟ ପରିଦର୍ଶନ କରିବାକୁ ନିମନ୍ତ୍ରଣ କରିଛନ୍ତି। ଏହାବ୍ୟତୀତ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ସମ୍ବଲପୁରରେ ଏକ ନୂତନ "ଆର୍ଟ, ମ୍ୟୁଜିକ୍ ଏବଂ କ୍ରାଫ୍ଟ କଲେଜ' ପ୍ରତିଷ୍ଠା ପାଇଁ ଚର୍ଚ୍ଚା ହୋଇଥିବା ସେ କହିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ପ୍ରସିଦ୍ଧ ପଞ୍ଚବାଦ୍ୟ, ଡାଲଖାଇ ଓ ରଙ୍ଗବତୀ ପରି ସାଂସ୍କୃତିକ ଐତିହ୍ୟକୁ ଆହୁରି ଭବ୍ୟ କରିବା ଏବଂ କଳାକାରମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଆମର ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଜଳଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ସୁରକ୍ଷାବଳ-ନକ୍ସଲ ଗୁଳି ବିନିମୟ

# ଜଣେ ଇନ୍ସପେକ୍ଟରଙ୍କ ସହ ୫ ଯବାନ ଆହତ

ରାଉରକେଲା,୧୫।୪(ସମିସ): ଓଡିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମ ସିଂହଭୂମ ଜିଲ୍ଲାର ଛୋଟାନାଗରା ଥାନା ସରଣ୍ଡାର ବାଲିବା ଜଙ୍ଗଲରେ ବୁଧବାର ସୁରକ୍ଷା ବଳ ଓ ନକ୍ସଲଙ୍କ ମଧ୍ୟରେ ଭୟାବହ ଗୁଳି ବିନିମୟ ହୋଇଛି। ସରଣ୍ଡାର ଚାରାଡେରା ଓ ଡୋଲାଇଗଡ଼ା ଜଙ୍ଗଲ ମଧ୍ୟରେ ଚାଲିଥିବା ସର୍ଚ୍ଚ ଅଭିଯାନ ସମୟରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଇନ୍ସପେକ୍ଟରଙ୍କ ସହ ୫ ଜଣ ଯବାନ ଆହତ ହୋଇଛନ୍ତି। ମୁକାବିଲା ସମୟରେ ନକ୍ସଲିମାନେ ଲଗାଇ ଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଯବାନମାନେ ଆହତ ହୋଇଥିଲେ। ଏଥିରେ କୋବ୍ରା ୨୦୫ ବଟାଲିଅନର ଇନ୍ସପେକ୍ଟର ସତ୍ୟ ପ୍ରକାଶଙ୍କ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ଯବାନ ଶୈଳେଶ କୁମାର ଦୁବେଙ୍କ ବେକ ପାଖରେ ଗୁଳି ଲାଗିଥିବା ବେଳେ ଯବାନ ଉତ୍ତମ ସେନାପତିଙ୍କ ହାତ, ଯବାନ ଜିତେନ୍ଦ୍ର କୁମାର ରାୟ ଏବଂ ଯବାନ ପ୍ରେମ କୁମାରଙ୍କ ପାଦରେ ଗୁଳି ବାଜି ଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ବୁଧବାର ସନ୍ଧ୍ୟାରେ ବାଲିବା ଗାଁରୁ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରାଯାଇ ଉତ୍ତମ ଚିକିତ୍ସା ପାଇଁ ରାଞ୍ଚିକୁ ପଠାଯାଇଛି। ଆହତମାନଙ୍କ ମଧ୍ୟରୁ ଜଣେ ଯବାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାଲିବାର ଚାରାଡେରା ଡୋଲାଇଗଡ଼ା ଜଙ୍ଗଲ ଅଞ୍ଚଳରେ ପ୍ରାୟ ୧୫ ଜଣ ନକ୍ସଲ ଲୁଚି ରହିଥିବା ସୂଚନାପାଇ ଆଜି ଭୋର ୪ଟାରୁ ସିଆରପିଏଫ ପକ୍ଷରୁ ସର୍ଚ୍ଚ ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଏହି ଗୁଳି ବିନିମୟରେ ୩ ରୁ ୪ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଓ କିଛି ଆହତ ହୋଇଥିବା କୁହାଯାଉଛି। କିନ୍ତୁ ଏହାକୁ ଅଧିକାରିକ ଭାବେ ସ୍ୱୀକାର କରାଯାଇନାହିଁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ସୁରକ୍ଷା ବଳ ଦ୍ୱାରା ସର୍ଚ୍ଚ ଅଭିଯାନକୁ ଅଧିକ ଜୋର୍‌ଦାର୍ କରାଯାଇଛି। ଏଥିସହ ଉଭୟ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାରେ ହାଇଆଲର୍ଟ ଜାରି କରାଯାଇଛି।

## ■ ଗଜପତିରେ ଦୁଇ ଛାତ୍ରୀଙ୍କ ମୃତ୍ୟୁ

# ୩ ଲକ୍ଷ ଲେଖାଏଁ ସହାୟତା ଘୋଷଣା

**ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ**

ଭୁବନେଶ୍ୱର,୧୫।୪(ସମିସ): ଗଜପତି ଜିଲ୍ଲା ନୂଆଗଡ ବ୍ଲକ ସ୍ଥିତ ରୁବିଡିସିଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍କୁଲ ଫାଟକ ଭାଙ୍ଗି ଦୁଇ ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ତାହାର ସବିଶେଷ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍‌ଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏହି ଘଟଣାର ତଦନ୍ତ କରିବେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

## ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

# ଭାରୀ ଯାନ ଚାଳକଙ୍କ ଡିଏଲ୍ ଯାଞ୍ଚ କଡ଼ାକଡ଼ି

କଟକ, ୧୫।୪(ସମିସ): ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଚେତନତା ଓ ନିୟମ ଉଲ୍ଲଙ୍ଘନକାରୀଙ୍କୁ ନିୟନ୍ତ୍ରଣ ପାଇଁ ପରିବହନ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟକୁ ପ୍ରାଧାନ୍ୟ ଦିଆଯାଇଛି। ଏହିକ୍ରମରେ ଆଜିଠୁ ଏପ୍ରିଲ ୨୦ତାରିଖ ଯାଏଁ ବିନା ଡ୍ରାଇଭିଂ ଲାଇସେନ୍ସ କିମ୍ବା ଅନୁପଯୁକ୍ତ ଡିଏଲ୍ ବିରୋଧରେ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଆରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ବିଶେଷ ଭାବରେ ଟ୍ରାକ୍ଟର, ଟ୍ରେଲର, ହାଇୱା, ଡମ୍ପର ଓ ଟିପ୍ପରଗୁଡ଼ିକୁ ଯାଞ୍ଚ କରାଯାଉଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଅବଗତ କରାଯାଇଛି। ଅନେକ ସଂଖ୍ୟାରେ ଗାଡ଼ି ଚାଳକ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଉଛନ୍ତି। ସେହିଭଳି ଅନେକ ହାଲୁକା ଯାନ ଲାଇସେନ୍ସରେ ଭାରୀ ଯାନ ଚଳାଉଛନ୍ତି। ଏଭଳି ଗାଡ଼ି ଚାଳନା ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ସାଜିଛି। ପୂର୍ବରୁ ରାଜ୍ୟବ୍ୟାପୀ ଚାଲିଥିବା ସଡ଼କ ସୁରକ୍ଷା ବିଶେଷ ଅଭିଯାନ ବେଳେ ଏଭଳି ଦେଖିବାକୁ ମିଳିଥିଲା। ଏହି ପରିସଂଖ୍ୟାନକୁ ଦୃଷ୍ଟିରେ ରଖି ପୁଣିଥରେ ସ୍ୱତନ୍ତ୍ର ଅଭିଯାନ ହାତକୁ ନିଆଯାଇଛି। ବିନା ଡ୍ରାଇଭିଂ ଲାଇସେନ୍ସ କିମ୍ବା ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଇବା ମୋଟର ଯାନ ଆଇନ୍ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଯଦି କୌଣସି ସ୍ଥାନରେ ମୋଟର ଯାନ ଆଇନ ଉଲ୍ଲଙ୍ଘନ ପରିଲକ୍ଷିତ ହୁଏ, ତେବେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କମିବ ଓଡ଼ିଶାର...

ଯୋଜନା କରାଯାଇଥିବାବେଳେ ଓଡ଼ିଶା ଓ ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ବୃଦ୍ଧି ୨୫%ରୁ ୪୦% ମଧ୍ୟରେ ସୀମିତ ରଖାଯାଇଛି।

ବର୍ତ୍ତମାନ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ ଓ ବିଧାନସଭା ଆସନ ସଂଖ୍ୟା ୧୪୭ ରହିଛି। ୫୦% ଆସନ ବୃଦ୍ଧି ପରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୩୨ ଓ ବିଧାନସଭା ଆସନ ସଂଖ୍ୟା ୨୨୪ ହେବ ବୋଲି ଆକଳନ କରାଯାଉଥିଲା। ମାତ୍ର ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ଲୋକସଭା ଆସନ ୨୯ ଓ ବିଧାନସଭା ଆସନ ସଂଖ୍ୟା ୧୯୬ରେ ସୀମିତ ରଖିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଫଳରେ ଓଡ଼ିଶାରେ ଅନ୍ୟୂନ ୩ଟି ଲୋକସଭା ଆସନ ଓ ୨୮ଟି ବିଧାନସଭା ଆସନ କମ୍ ସୃଷ୍ଟି ହେବ। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉତ୍ତରପ୍ରଦେଶର ଲୋକସଭା ଆସନ ସଂଖ୍ୟା ୮୦ରୁ ୧୪୦ (୭୫%), ବିହାରରେ ୪୦ରୁ ୭୩ (୮୧%), ରାଜସ୍ଥାନରେ ୨୫ରୁ (୮୭%), ମଧ୍ୟପ୍ରଦେଶରେ ୨୦ରୁ ୫୧( ୭୦%), ମହାରାଷ୍ଟ୍ରରେ ୪୮ରୁ ୭୯ (୬୮%) ବୃଦ୍ଧି ପାଇବ। ଅପରପକ୍ଷରେ ତାମିଲନାଡୁରେ ଏହି ଆସନ ସଂଖ୍ୟା ୩୯ରୁ ୫୧ ( ୩୦%), କେରଳରେ ୨୦ରୁ ୨୩ ( ୧୯%), ଆନ୍ଧ୍ର ଓ ତେଲଙ୍ଗାନାରେ ୪୨ରୁ ୫୯ (୩୮%), ଓଡ଼ିଶାରେ ୨୧ରୁ ୨୯ ( ୩୫%) ଓ ପଶ୍ଚିମବଙ୍ଗରେ ୪୨ରୁ ୬୪ ( ୫୧%) ଆସନ ବୃଦ୍ଧିର ସମ୍ଭାବନା ରହିଛି। ଜନସଂଖ୍ୟା ନିୟନ୍ତ୍ରଣରେ ବିଫଳ ହୋଇଥିବା ଉତ୍ତରଭାରତୀୟ ରାଜ୍ୟଗୁଡ଼ିକ ସୀମା ନିର୍ଦ୍ଧାରଣରେ ଅଧିକ ଆସନ ପାଇବେ, ମାତ୍ର ସଫଳତାର ସହ ଜନସଂଖ୍ୟା ନିୟନ୍ତ୍ରଣ କରିଥିବା ଓଡ଼ିଶା ପରି ରାଜ୍ୟଗୁଡ଼ିକ ଏହାଦ୍ୱାରା ପ୍ରଭୁତ କ୍ଷତିଗ୍ରସ୍ତ ହେବେ।

୧୯୭୬ ଓ ପୁନର୍ବାର ୨୦୦୧ ମସିହାରେ ୨୫ ବର୍ଷ ପାଇଁ ଡିଲିମିଟେସନକୁ ସ୍ଥଗିତ କରାଯାଇଥିଲା, ଯାହାର ପ୍ରମୁଖ କାରଣ ଥିଲା ଜନସଂଖ୍ୟା ନିୟନ୍ତ୍ରଣ। ଜନସଂଖ୍ୟା ବୃଦ୍ଧି ଆଧାରରେ ଆସନ ବୃଦ୍ଧି କରିବା ଦକ୍ଷିଣ ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ବୋଲି ସେତେବେଳେ କୁହାଯାଇଥିଲା। ୧୯୫୧ ମସିହାର ଜନଗଣନା ଅନୁସାରେ ପ୍ରତି ୭.୩୮ ଲକ୍ଷ ଜନସଂଖ୍ୟା ପାଇଁ ଜଣେ ସାଂସଦ ଥିଲେ, କିନ୍ତୁ ୧୯୭୧ ରେ ଏହା ୧୦.୫୮ ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୧୧ ମସିହାର ଜନଗଣନା ଆଧାରରେ ପ୍ରତି ୧୦ ଲକ୍ଷ ଲୋକ ପାଇଁ ଗୋଟିଏ ସାଂସଦ ଧରାଯାଇଥିଲେ, ତେବେ କମରେ କମ ୧,୨୧୧ଟି ଲୋକସଭା ଓ ବର୍ତ୍ତମାନର ଜନସଂଖ୍ୟା ଆଧାରରେ ଲୋକସଭା ଆସନ ସଂଖ୍ୟା ୧,୪୦୦ ହେବ। ମାତ୍ର ନୂତନ ସଂସଦ ଭବନରେ ୮୮୮ ସଂସଦଙ୍କ ପାଇଁ ସ୍ଥାନ ଥିବାରୁ କେନ୍ଦ୍ର ସରକାର ଲୋକସଭା ସଦସ୍ୟ ସଂଖ୍ୟା ୮୫୦ ମଧ୍ୟରେ ସୀମିତ ରଖିବାକୁ ଯୋଜନା କରିଛନ୍ତି। ସମ୍ପ୍ରତି କେରଳରେ ପ୍ରତି ପ୍ରତି ୧୭.୫ ଲକ୍ଷଙ୍କୁ ଲୋକଙ୍କୁ ଜଣେ ସାଂସଦ ପ୍ରତିନିଧିତ୍ୱ କରୁଥିବାବେଳେ ଓଡ଼ିଶାରେ ୨୨ ଲକ୍ଷ ଓ ଉତ୍ତରପ୍ରଦେଶରେ ୩୦ ଲକ୍ଷ ଲୋକଙ୍କ ପାଇଁ ଜଣେ ସାଂସଦ ନିର୍ବାଚିତ ହେଉଛନ୍ତି। ତେଣୁ ଜନସଂଖ୍ୟା ଆଧାରରେ ସଂସଦୀୟ କ୍ଷେତ୍ର ପୁନର୍ନିର୍ଦ୍ଧାରଣ ଦ୍ୱାରା ଓଡ଼ିଶା ସହ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ବିପୁଳ ଭାବରେ କ୍ଷତିଗ୍ରସ୍ତ ହେବା ଆଶଙ୍କା ସୃଷ୍ଟି କରିଛି।

### ୪୮ ଘଣ୍ଟାରେ ଡାକନ୍ତୁ...

ରାଜନୈତିକ ଅଧିକାର କ୍ଷତି ହେବ ନାହିଁ ଏବଂ ଅନ୍ୟ କୌଣସି ରାଜ୍ୟକୁ ହସ୍ତାନ୍ତର ହେବ ନାହିଁ ବୋଲି ନବୀନ ଦାବି କରିଛନ୍ତି।

ନବୀନ କହିଛନ୍ତି ଯେ ଓଡ଼ିଶା ୧ ଏପ୍ରିଲ ୧୯୩୬ ତାରିଖରେ ସରକାରୀଭାବେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହୋଇଥିଲା। ଏହା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଇତିହାସରେ ସ୍ଥାନ ଅଧିକାର କରିଥିଲା ଏବଂ ଓଡ଼ିଆ ଭାଷାଭାଷୀ ଜନସମୁଦାୟଙ୍କୁ ଏକତ୍ର କରିଥିଲା। ଏହି ଐତିହାସିକ ସଫଳତା ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ସାଧାରଣ ଜନତାଙ୍କ ଦୀର୍ଘ ସଂଘର୍ଷ, ତ୍ୟାଗ ଓ ଅପରିମିତ ପ୍ରୟାସର ଫଳଶ୍ରୁତି। ଓଡ଼ିଆ ପରିଚୟର ସୁରକ୍ଷା ପାଇଁ ସେମାନେ ନିଜ ସ୍ୱେଦ ଓ ରକ୍ତ ଦେଇ ଯେଉଁ ତ୍ୟାଗ କରିଥିଲେ, ତାହା ଆମ ସାଂସ୍କୃତିକ ଅସ୍ତିତ୍ୱକୁ ଅମର କରିଛି। ସେମାନଙ୍କ ଅବିରତ ସଂଘର୍ଷ ଆଶାକୁ ଆଧାର କରି ଏକ ପ୍ରଦେଶର ଗଠନ କରିଥିଲା, ଯାହା ଭାଷା ଓ ଆଶାରେ ଏକତାର ପ୍ରତୀକ। ୧୮୧୭ ମସିହାର ପାଇକ ବିଦ୍ରୋହରୁ ଆରମ୍ଭ କରି ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଭଳି ବିଶିଷ୍ଟ ବ୍ୟକ୍ତିତ୍ୱମାନେ ସ୍ୱାଧୀନତାର ପବିତ୍ର ଲକ୍ଷ୍ୟ ପାଇଁ ଅମୂଲ୍ୟ ଅବଦାନ ରଖିଥିଲେ। ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ଦେଶ ପାଇଁ ନିଜ ଜୀବନ କରିଥିଲେ। ଜଗନ୍ନାଥ ସଂସ୍କୃତି ଭାରତର ସମାବେଶୀ ପରମ୍ପରାକୁ ସଦା ଶକ୍ତିଶାଳୀ କରିଆସିଛି ଏବଂ ଭାରତୀୟ ଚେତନାକୁ ନୈତିକ ଓ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କରିଛି। ଏହା ସମତା, ଭ୍ରାତୃତ୍ୱ ଓ କରୁଣାର ମୂଲ୍ୟବୋଧକୁ ପ୍ରତିପାଦନ କରେ, ଯାହା ଆମ ଗଣତନ୍ତ୍ରର ମୂଳ ଆଧାର। ଓଡ଼ିଶା କେବଳ ଏକ ସମୃଦ୍ଧ ଐତିହ୍ୟର ଭୂମି ନୁହେଁ, ବରଂ ଆଧୁନିକ ଉନ୍ନତିରେ ଏକ ଉଦୟମାନ ଶକ୍ତିକେନ୍ଦ୍ର।

ତେବେ ବର୍ତ୍ତମାନ ଆମେ ଏକ ସମ୍ବେଦନଶୀଳ ସଙ୍କଟପୂର୍ଣ୍ଣ ସମୟରେ ଉପନୀତ। ଆମେ ମହିଳା ସଂରକ୍ଷଣ ବିଲ୍‌କୁ ସ୍ୱାଗତ କରୁଛୁ। ବିଜୁ ପଟ୍ଟନାୟକ ମହିଳା ସଶକ୍ତିକରଣର ଦୃଢ଼ ପକ୍ଷପାତି ଥିଲେ ଏବଂ ବିଧାନମଣ୍ଡଳରେ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଚଳିତ କରିଥିଲେ। ବିଜୁ ଜନତା ଦଳ ସଦା ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରିଆସିଛି ଏବଂ ସଂସଦ ଓ ବିଧାନସଭାରେ ସେମାନଙ୍କ ସକ୍ରିୟ ଭୂମିକାକୁ ସୁନିଶ୍ଚିତ କରିଛି। ଓଡ଼ିଶା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକରେ ୫୦ ପ୍ରତିଶତ ସଂରକ୍ଷଣକୁ ସଫଳତାର ସହ କାର୍ଯ୍ୟକାରୀ କରିଛି ଏବଂ ଆମେ ଜାତୀୟ ସ୍ତରରେ ମହିଳା ସଶକ୍ତିକରଣ ପାଇଁ ପୂର୍ଣ୍ଣ ସମର୍ଥନ ଜଣାଉଛୁ। ତେବେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ଆମେ ସେତେବେଳେ ମାତ୍ର ସ୍ୱାଗତ କରିପାରିବୁ, ଯେତେବେଳେ ଓଡ଼ିଶାର ରାଜନୈତିକ ଅଧିକାର ସମ୍ପୂର୍ଣ୍ଣ ଭାବେ ଅକ୍ଷୁଣ୍ଣ ରହିବ। ଏହା କେବଳ ସଂଖ୍ୟାତ୍ମକ ପ୍ରସଙ୍ଗ ନୁହେଁ; ଏହା ସମ୍ବିଧାନରେ ସ୍ଥାପିତ ସହଯୋଗୀ ସଂଘୀୟତାର ଆତ୍ମା ସହ ସମ୍ପୃକ୍ତ। ତେଣୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ ଆପଣ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଢ଼ତା ସହ ଉଠାଇ ଯଥାଯଥ ପଦକ୍ଷେପ ଗ୍ରହଣ କରନ୍ତୁ। ଏହା କରିବା ପାଇଁ ଆପଣଙ୍କ ପାଖରେ ନୈତିକ ଓ ବୈଧ ଅଧିକାର ରହିଛି। ଯଦି ଆମେ ନିରବ ରହିବାକୁ ବାଛିବା, ତେବେ ଆଗାମୀ ପିଢ଼ି ଆମକୁ କେବେ କ୍ଷମା କରିବେ ନାହିଁ। ବିଷୟର ତାତ୍କାଳିକତାକୁ ଦୃଷ୍ଟିରେ ରଖି ଆଗାମୀ ୪୮ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡ଼କାଯାଉ। ବିଜେଡି ଏହି ନ୍ୟାୟସଙ୍ଗତ ଆନ୍ଦୋଳନରେ ଆପଣଙ୍କ ସହ ଦୃଢ଼ତାର ସହ ରହିବ। ଏକ ଗର୍ବିତ ଓଡ଼ିଆ ଭାବେ ମୁଁ ପୁନର୍ବାର ଆପଣଙ୍କୁ ଏହି ବିଷୟରେ ଦୃଢ଼ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଜଣାଉଛି। କାରଣ ଏହା ଆମ ପ୍ରିୟ ରାଜ୍ୟ ଓ ମାତୃଭୂମି ଓଡ଼ିଶାର ଭାଗ୍ୟ ଓ ଭବିଷ୍ୟତ ସହ ଗଭୀର ଭାବେ ସମ୍ପୃକ୍ତ ବୋଲି ମୋହନଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି।

### ହର୍ମୁଜରେ ଆମେରିକାର...

ଟ୍ୟାଙ୍କରଗୁଡ଼ିକ ମଧ୍ୟରେ ଚୀନ୍‌ର ଶାଙ୍ଘାଇ ସୁଆନରୁନ୍ ସିପିଂ କମ୍ପାନୀର 'ରିଚ୍ ଷ୍ଟାରୀ' ନାମକ ଏକ ପ୍ରମୁଖ ଟ୍ୟାଙ୍କର ମଧ୍ୟ ସାମିଲ ଅଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ମାତ୍ର ୩୬ ଘଣ୍ଟା ମଧ୍ୟରେ ଇରାନର ସାମୁଦ୍ରିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯାଇଛି। ଇରାନ ଅର୍ଥନୀତିର ୯୦ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ ଉପରେ ନିର୍ଭରଶୀଳ ହୋଇଥିବାରୁ ଏହା ଏକ ଶକ୍ତ ଆଘାତ ବୋଲି କୁହାଯାଉଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ଇରାନ ପୂର୍ବରୁ ହରମୁଜ ପ୍ରଣାଳୀରେ ଯେଉଁ ବିସ୍ଫୋରକ ମାଇନ୍ସ ବିଛାଇଥିଲା, ତାହାକୁ ଏବେ ଆମେରିକା ସଫା କରିବାରେ ଲାଗିଛି। ନ୍ୟୁୟର୍କ ଟାଇମ୍ସ ଦାବି କରିଛି ଯେ, ଇରାନ ନିଜେ ବିଛାଇଥିବା ମାଇନ୍ସଗୁଡ଼ିକୁ ଖୋଜି ପାଉନାହିଁ କିମ୍ବା ତାକୁ ହଟାଇବାକୁ ସେମାନଙ୍କ ପାଖରେ ସାମର୍ଥ୍ୟ ନାହିଁ। ଏହି କାରଣରୁ ଆମେରିକାର ଦୁଇଟି ଶକ୍ତିଶାଳୀ ଯୁଦ୍ଧ ଜାହାଜ ସେହି ଅଞ୍ଚଳରେ ମାଇନ୍ସ କ୍ଲିୟରିଂ ଅପରେସନ ଜାରି ରଖିଛନ୍ତି।

ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ରପ୍ତାନି ହୋଇଥାଏ। ଏହି ପଥ ଅବରୋଧ ହେବା ଫଳରେ ବିଶ୍ୱ ବଜାରରେ ଇନ୍ଧନ ଦର ଆକାଶଛୁଆଁ ହୋଇଛି, ଯାହା ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ବଡ଼ ଶକ୍ତି ସଙ୍କଟ ସୃଷ୍ଟି କରିଛି। ତୈଳ ଦର ବଢ଼ିବା ଯୋଗୁଁ ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ମଧ୍ୟ ରାଜନୈତିକ ଚାପ ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିବା ଆମେରିକାର ମୁଖ୍ୟ ଦାବି। କିନ୍ତୁ ଇରାନର ପୋର୍ଟଗୁଡ଼ିକୁ ସମ୍ପୂର୍ଣ୍ଣ ଅବରୋଧ କରିବା ଦ୍ୱାରା ଉତ୍ତେଜନା ଆହୁରି ବଢ଼ିବା ଆଶଙ୍କା ରହିଛି। ଯଦି ଆଗାମୀ ଦିନରେ କୌଣସି ଶାନ୍ତି ବୁଝାମଣା ନହୁଏ, ତେବେ ଏହି ସାମୁଦ୍ରିକ ସଂଘର୍ଷ ଏକ ପୂର୍ଣ୍ଣାଙ୍ଗ ମହାଯୁଦ୍ଧର ରୂପ ନେଇପାରେ।

### ବଢ଼ିଲା ତାତି...

ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ତାତି ସାଙ୍ଗକୁ ଆର୍ଦ୍ରତା ଅଧିକ ରହିବା ହେତୁ ଏଠାରେ ଭୀଷଣ ଗୁଳୁଗୁଳି ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଅପରାହ୍ନ କିମ୍ବା ସନ୍ଧ୍ୟାରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାର କିଛି ଅଞ୍ଚଳରେ କାଳବୈଶାଖୀ ଜନିତ ସ୍ଥିତି ସୃଷ୍ଟି ହୋଇପାରେ। ଏହି ସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦-୪୦ କିମି ବେଗରେ ପବନ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ସିବିଏସ୍‌ଇ ଦଶମ...

୯୪.୯୯ ପ୍ରତିଶତ ରହିଛି। ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟର ପାସ୍ ହାର ସର୍ବାଧିକ ୯୯.୫୭ ପ୍ରତିଶତ ରହିଥିବାବେଳେ ଜବାହାରଲାଲ୍ ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି)ର ୯୯.୪୨ ଏବଂ ଏସ୍‌ଟିଏସ୍‌ଏସ୍ ବିଦ୍ୟାଳୟର ୯୭.୪୨ ପ୍ରତିଶତ ରହିଛି। ତ୍ରିଭେନ୍ଦ୍ରମ୍ ଓ ବିଜୟୱାଡ଼ା ରିଜିଅନ୍‌ରେ ସର୍ବାଧିକ ୯୯.୭୯ ପ୍ରତିଶତ ପିଲା ପାସ୍ କରିଛନ୍ତି। ସେହିପରି ଭୁବନେଶ୍ୱର ରିଜିଅନ୍ ଅର୍ଥାତ୍ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ମୋଟ୍ ୨ଲକ୍ଷ ୧୯ ହଜାର ୮୮୨ ଜଣ ପଞ୍ଜୀକରଣ କରିଥିବାବେଳେ ୨ଲକ୍ଷ ୧୮ ହଜାର ୬୦୭ ଜଣ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ୯୪.୬୭ ପ୍ରତିଶତ ପିଲା କୃତକାର୍ଯ୍ୟ ହୋଇଛନ୍ତି।

କେବଳ ଓଡ଼ିଶାରୁ ସମୁଦାୟ ୬୫,୨୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୬୪,୯୦୦ ଜଣ ପରୀକ୍ଷା ଦେଇଥିବାବେଳେ ୬୦,୭୮୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ଓଡ଼ିଶାର ସମୁଦାୟ ପାସ୍ ହାର ୯୩.୬୬% ରହିଛି। ତନ୍ମଧ୍ୟରେ ୯୨.୬୦% ପୁଅ ଓ ୯୪.୮୩% ଝିଅ ରହିଛନ୍ତି। ରାଜ୍ୟରେ ଅନ୍ୟ ସମସ୍ତ ବିଦ୍ୟାଳୟ ତୁଳନାରେ କେଭିର ୯୯.୬୯% ପିଲା ପାସ୍ କରି ଆଗରେଥିବାବେଳେ ଜବାହାରଲାଲ୍ ନବୋଦୟ ବିଦ୍ୟାଳୟର ୯୮.୮୮% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।


**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL** — 34001/67/2627
Email – eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No. SE DKL (R&B). 02/ 2026-27
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 2 Nos Civil works |
| 3. | No. of work | : | 02 Nos. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | "B', 'C' & "D" License |
| 6. | Availability of Bid Documents in the website | : | From 10.00 AM of 22.04.2026 to 5.00 PM of 07.05.2026 |
| 7. | Date of Opening of Bid | : | Dt. 08.05.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34001/34016/1/26-27/0002
Superintending Engineer
Dhenkanal (R&B) Division

**OFFICE OF THE SR. GENERAL MANAGER (ELECTRICAL)** — 32001/59/2627
OHPC
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
**NOTICE INVITING TENDER No. UIHEP-04/2026-27 DATE 13.04.2026**
Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from reputed original equipment manufacturers / channel partners / reputed firm / service provider having similar works experience for the work as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply, Erection, Testing & Commissioning of Exhaust fans of UIHEP, Mukhiguda. | 7,080/- (inclusive of GST) | 29,014/- | From 21.04.2026 to 04.05.2026 up to 11.00 Hrs | 04.05.2026 (up to 11:30 Hrs) | 04.05.2026 at 12:30 Hrs |

For details of the tender documents, terms and conditions please visit our website www.ohpcltd.com
C&P Head
UIHEP, Mukhiguda
OIPR-32001/32136/1/26-27/0002

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର — 13001/183/2627
Housing & Urban Development Department, Govt. of Odisha
**ଜଟଣୀ ପୌର ପରିଷଦ, ଜଟଣୀ**
**OFFICE OF THE MUNICIPAL COUNCIL: JATANI**
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail-municipalityjatni@gmail.com, Phone. No. 0674-2490826
**ବିଜ୍ଞାପନ**
**ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)**
ସଂଖ୍ୟା ୨୦୩୩ — ତାରିଖ: ୧୩.୦୪.୨୦୨୬
ଜଟଣୀ ପୌର ପରିଷଦ, ଜଟଣୀ ୨୦୨୬ - ୨୦୨୮ ବର୍ଷ ନିମନ୍ତେ (SHGs/TGs/WPGs) ଗୋଷ୍ଠୀ ଦ୍ୱାରା ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରୁଛନ୍ତି। ଏହି ମୁଦା ଲଫାଫାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଜଟଣୀ ପୌର ପରିଷଦ, ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୨୦୫୦ ଠିକଣାରେ ରେଜିଷ୍ଟର୍ଡ଼/ ସ୍ପିଡ଼ ପୋଷ୍ଟ ଜରିଆରେ କିମ୍ବା ଜଟଣୀ ପୌର ପରିଷଦ କାର୍ଯ୍ୟାଳୟରେ ତା ୨୨/ ୦୪/ ୨୦୨୬ ରିଖ, ପୂର୍ବାହ୍ନ ୧୧.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ।
ଟେକ୍ନିକାଲ୍ ବିଡ୍ କୁ ଜଟଣୀ ପୌର ପରିଷଦ ସଭାଗୃହରେ ତା ୨୩/ ୦୪/ ୨୦୨୬ ରିଖ, ପୂର୍ବାହ୍ନ ୧୧.୦୦ ଘଟିକାରେ ଖୋଲାଯିବ। ମୁଦା ଲଫାଫା ଉପରେ "୨ ବର୍ଷ ନିମନ୍ତେ (SHGs/TGs/WPGs) ଗୋଷ୍ଠୀ ସମ୍ପଦ କେନ୍ଦ୍ର (MRF-II) ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ। ଏହି ଅଭିବ୍ୟକ୍ତି ପ୍ରକାଶନର ବିସ୍ତୃତ ସୂଚନା ନିମ୍ନୋକ୍ତ ୱେବ୍‌ସାଇଟରେ ମିଳିପାରିବ।
ୱେବ୍‌ସାଇଟ - www.jatnimunicipality.in
ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ
OIPR-13001/13041/1/26-27/0007

**AFFIDAVIT**
By virtue of an Affidavit sworn before the Notary Public, Rourkela (Sl.No. AF22 dated 20.03.2026), I, Madhuchhanda Barpanda, W/o-Subhranshu Shekhar Barpanda, resident of B-160, Sector-20, Rourkela, Odisha 769005, declare that my correct name is Madhuchhanda Barpanda. In my son Amritanshu Barpanda's passport (No. N6835632), my name is recorded as"Madhuchhanda". Both names refer to one and the same person i.e. myself **MADHUCHHANDA BARPANDA.**

**DOCUMENT LOST**
I ADITYA KUMAR MOHAPATRA, S/o Rabindra Kumar Mohapatra residing At - Harachandi Sahi, Old Town, PS- Shree Lingaraj, Bhubaneswar Dist - Khordha , Odisha- Pin- 751002 declare that the Original Sale Deed in the name of RABINDRA KUMAR MOHAPATRA bearing No 10431500874 dt. 31/03/2015 Mutation R.O.R. under Mouza Kairapari Khata No. 25 & 417/252 have been LOST / MISPLACED in between my residence to Lingaraj Temple Area and inspite of my best efforts I could not trace it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority.

**AFFIDAVIT**
By virtue of an affidavit sworn before The Notary Public, Bhubaneswar, on dated-15/04/2026. I, **Rinki Routray** (name name), W/o Bikram Routray, resident of At/Po: Jujhagada, Daruthenga, PS: Chandaka, Dist: Khorda, PIN: 754005, State: Odisha declare that I have changed my name from **Rasmita Pradhan** (old name) to **Rinki Routray** (new name). Henceforth, I shall be known as **Rinki Routray** (new name) for all future purposes.
**(RINKI ROUTRAY)**

**AFFIDAVIT**
I, Santosh Kumar Das, aged about 43 years, S/o- Kailash Chandra Das, resident of AT- Gondia, PO- Gondia, Dist- Dhenkanal, State- Odisha, PIN- 759016 declared by this affidavit No. 87AA 928993, dtd- 02/04/2026 that now onwards I shall be known as **Santosh Kumar Das,** son of Kailash Chandra Das for all future purposes.

**AFFIDAVIT**
I, Pravati Kumari Behera, aged about 55 years, W/o- Jaladhar Behera, resident of Flat No-302, Balabhadra Tower-1, Vaisnomata Vihar, Po-Sundarpada, Bhubaneswar, Dist- Khurda, PIN- 751002, Odisha declared by this affidavit No. CF No-52, dtd- 16/11/2023 that now onwards I shall be known as **PRAVATI BEHERA** for all future purposes.

**ପୂର୍ବ ତଟ ରେଳପଥ**
**ସାମଗ୍ରୀଗୁଡ଼ିକର ଯୋଗାଣ**
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : **www.ireps.gov.in** ରେ ଅପଲୋଡ କରାଯାଇଛି।
ଟେଣ୍ଡର ବିଜ୍ଞପ୍ତି ସଂ.**Sr.DMM/KUR/EP/2026-27/01**,ତା.**09.04.2026**ରିଖ
**କ୍ରମ ସଂ.01:** ଟେଣ୍ଡର ସଂ.**81265387**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ପୋର୍ଟେବୁଲ ଭିଡ଼ିଓ ବୋରସ୍କୋପ (**Borescope**) ମେସିନ୍, ପରିମାଣ: **10** ଗୋଟି। ଇଣ୍ଡଷ୍ଟ୍ରିଆଲ ଆକାଉଷ୍ଟିକ୍ ଇମେଜର (**Imager**), ପରିମାଣ: **04** ଗୋଟି।
**କ୍ରମ ସଂ.02:** ଟେଣ୍ଡର ସଂ.**81265453**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **SPAC** ର ଇଲେକ୍ଟ୍ରୋ-ପେନୁମେଟିକ୍ ଫୁସିଙ୍ଗ୍ ସିଷ୍ଟମ୍ ସହିତ ସ୍ପେୟାର ପାର୍ଟସ୍ କମ୍ପାଟିବଲ (**Compatible**)ସେଟ୍, ପରିମାଣ: **15** ସେଟ୍।
**କ୍ରମ ସଂ.03:** ଟେଣ୍ଡର ସଂ.**81265451**, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ: **AC** ୟୁନିଟ୍ ନିମନ୍ତେ ଟ୍ରୋ (**Trough**)ର ଯୋଗାଣ, ପରିମାଣ: **270** ଗୋଟି।
ବନ୍ଦ ହେବା ତାରିଖ ଏବଂ ସମୟ: ତା.**30.04.2026** ରିଖ **1500** ଘଟିକା (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-48/R/26-27

**IN THE COURT OF CIVIL JUDGE, NILGIRI**
C. - S. No. 25/2020
Smt. Ninimani Chasi and Others.......... Plaintiffs
Vrs
State and Others.............................. Defendants
**Notice**
U/O-5 Rule-20 (I-A) of C.P.C.
**D-5 Smt. Apruti Chasi,**
aged 66 years, W/o- Prasanna Chasi, Vill./P.O. - Berhampur, At Present-C/o - Saila Chasi, At - Karanjia (Bhoisahi), P.O. /Dist - Balasore
**D-6 Smt. Sailabala Chasi,**
aged 48 years, D/o - Late Prasanna Chasi, At- Karanjia (Bhoisahi), P.O./ Dist - Balasore
Take notice that the above noted suit is posted for appearance on. 17.04.2026.
Where as the plaintiff No. (1)(Ka), Ninimani Chasi, 69, wife of Late Gouranga Chasi, At - Chandigad, P.O. -K. C. Pur, P.S. Berhampur, Dist.-Balasore and others have filed this suit for declaration and permanent injunction against the defendants and the suit notice was issued to you by usual process and postal but returnded unserved due to your absence. Hence you are directed to appear in person before this Court or through your counsel on the aforesaid date at 10:30A.M. positively or else the matter shall be decided in your absence according to law.
SCHEDULE 'A'
Patta granted by Nilgiri State on 19-11-53, Khata No.-123/36 (Chha), Plot No. 100/3008, A0.50dec., Plot No. 99/3009, A0.72dec., Patta issue by M.S. R.O.R. Khata No. 17, Plot No. 428, A1.16dec. R.O.R. Published in consolidation settlement in 1990, Mouza Chandigad, Khata No. 26, Chaka No. 161, Plot No.-407, Area A1.16dec.
Given under my hand and seal this the 18th day of february 2026.
Civil Judge, Nilgiri

## ବିଷାକ୍ତ ଖାଦ୍ୟ ଖାଇ ଆଶ୍ରମ ସ୍କୁଲ ଅନ୍ତେବାସୀ ଅସୁସ୍ଥ ଓ ମୃତ୍ୟୁ ଘଟଣା

# ଲିଖିତ ପ୍ରତିଶ୍ରୁତି ପରେ ଫେରିଲା ସ୍ୱାଭାବିକ ପରିସ୍ଥିତି



- କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ତଦନ୍ତ
- ସ୍କୁଲ ଓ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ସମୀକ୍ଷା
- ମୃତକଙ୍କ ଗାଁରେ ବିଜେଡି ରାଜ୍ୟସ୍ତରୀୟ ଟିମ୍

ବାରିପଦା/ରାସଗୋବିନ୍ଦପୁର, ୧୫।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ, କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟର ଅଘଟଣକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଡିସି ତଦନ୍ତ ଆରମ୍ଭ ହୋଇଛି। ବୁଧବାର ମଧ୍ୟାହ୍ନରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ସୁଧାଂଶୁ ମୋହନ ସାମଲ ଓ ଦେବାଶିଷ ପଟ୍ଟନାୟକ ଆଶ୍ରମ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପହଞ୍ଚି ତଦନ୍ତ କରିଛନ୍ତି। ଚିକିତ୍ସାଧୀନ ଓ ସୁସ୍ଥ ଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହିତ ଘଟଣା ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷ ଓ ଜିଲ୍ଲା ଅଧିକାରୀଙ୍କୁ ପଚରାଉଚରା କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ନେଇ ବିଜେଡିର ଏକ ରାଜ୍ୟସ୍ତରୀୟ ଟିମ୍ ପହଞ୍ଚି ମୃତକଙ୍କ ଗାଁକୁ ଯାଇ ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

ପ୍ରକାଶ ଥାଉକି, କାକବନ୍ଧ ଆଶ୍ରମ ବିଦ୍ୟାଳୟର ଅନ୍ତେବାସୀମାନେ ଖାଦ୍ୟରେ ପଖାଳ, ଚିକେନ ଓ ଶାଗ ଖାଇବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ନିକଟସ୍ଥ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୧୫୨ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରା(୧୨)ର ମଙ୍ଗଳବାର ମୃତ୍ୟୁ ହେବା ପରେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଏପରିକି ସ୍କୁଲ ସମ୍ମୁଖରେ ହଜାର ହଜାର ଆଦିବାସୀ ମହିଳା/ପୁରୁଷ ଶବ ରଖି ବିକ୍ଷୋଭ କରିଥିଲେ। ଏହାସହ ସ୍କୁଲ ମଧ୍ୟକୁ ଧସେଇ ପଶି ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା, ସିସିଏ ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବା ବେଳେ ରାସ୍ତାରେ ଟାୟାର ଜାଳି ଧନୁତୀର ଧରି ରାସ୍ତା ଅବରୋଧ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ରୋଷେୟା ଜଣକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବାବେଳେ ଉତ୍ତ୍ୟକ୍ତ ଲୋକେ ଆମ୍ବୁଲାନ୍ସ ଅଟକ ରଖି ବିରୋଧ କରିଥିଲେ। ଉପସ୍ଥିତ ପୁଲିସ କର୍ମଚାରୀ ଆମ୍ବୁଲାନ୍ସକୁ ବାଟ ଛାଡିବାକୁ କହିବାରୁ ଲୋକେ ନିଆଁ ହୁଳା, ପଥର, ବାଲି ଓ ଠେଙ୍ଗାବାଡ଼ିରେ ଆକ୍ରମଣ କରିଥିଲେ। ଏଥିରେ ରାସଗୋବିନ୍ଦପୁର ଥାନାଧିକାରୀ ସମେତ ୧୨ରୁ ଊର୍ଦ୍ଧ୍ୱ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ରାତିତମାମ ଶବକୁ ଧରି ବିକ୍ଷୋଭ ପରେ ବୁଧବାର ସକାଳୁ ଜିଲ୍ଲା ପ୍ରଶାସନ ଓ ପୁଲିସ ଅଧିକାରୀଙ୍କ ପକ୍ଷରୁ ବୁଝାସୁଝା କରାଯାଇଥିଲା। ଚିକିତ୍ସାଧୀନ ଛାତ୍ରୀମାନଙ୍କୁ ଉପଯୁକ୍ତ ଚିକିତ୍ସା କରିବାର ଏକ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକେ ନୁଣଚାଟି ଗ୍ରାମକୁ ନେଇ ଶବ ସତ୍କାର କରିଥିଲେ। ଉକ୍ତ ଘଟଣାରେ ଅଦ୍ୟାବଧି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୭୨ଜଣ ଅସୁସ୍ଥ ଛାତ୍ରୀଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆର୍‌ଡିସିଙ୍କ ତଦନ୍ତକାରୀ ଅଧିକାରୀମାନେ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ପରେ ରାସଗୋବିନ୍ଦପୁର ଡାକ୍ତରଖାନା ଓ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଘଟଣାକୁ ନେଇ ସ୍କୁଲର ରୋଷେୟା, ଶିକ୍ଷକ/ଶିକ୍ଷୟିତ୍ରୀ, ସିସିଏ, ପୀଡ଼ିତ ଛାତ୍ରୀ, ଅଭିଭାବକ ଓ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରି ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ସମୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଏଡିଏମ୍‌ଓ ଡା ବିଜୟ କୁମାର ଦାଶ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଖବର ମିଳିବା ସୁଦ୍ଧା ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଛାତ୍ରୀ ରାସଗୋବିନ୍ଦପୁର ବ୍ଲକ ନଳଗଜା ଅଞ୍ଚଳର ଲକ୍ଷ୍ମୀପ୍ରିୟା ବେଶ୍ରାଙ୍କୁ ଅପରାହ୍ନ ୪ଟାରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ତାଙ୍କର ରକ୍ତଚାପ ହ୍ରାସ ପାଇଥିବା କାରଣରୁ ଉତ୍ତମ ଚିକିତ୍ସା ପାଇଁ ଏପରି କରାଯାଇଥିବା କହିଛନ୍ତି ଏଡିଏମଓ ଶଶିକାନ୍ତ ସେଠି। ଅନ୍ୟଜଣେ ଛାତ୍ର ରମେଶ ମୁର୍ମୁ ମଧ୍ୟ ଗତକାଲି ସନ୍ଧ୍ୟାରୁ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି।

## ବାବା ବଡ଼ାମ କମିଟି ପକ୍ଷରୁ ପଣା ବଣ୍ଟନ



ବାରିପଦା, ୧୫।୪(ସମିସ): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ସାରା ରାଜ୍ୟରେ ବେଶ୍ ଧୂମଧାମରେ ପାଳିତ ହୋଇଛି। ସ୍ଥାନୀୟ ତୁଳସୀଚୌରାସ୍ଥ ବାବା ବଡାମ କମିଟି ପକ୍ଷରୁ ନିଆରା ସେବା କାର୍ଯ୍ୟକ୍ରମ କରାଯାଇଛି। ଗ୍ରୀଷ୍ମର ପ୍ରକୋପକୁ ଦୃଷ୍ଟିରେ ରଖି କମିଟି ସଦସ୍ୟ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ଦହି ଓ ସରବତ ବଣ୍ଟନ କରିଛନ୍ତି। ବାବା ବଡ଼ାମଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଏହି ସେବା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ଖିଲାର, ଅବନୀ ଗିରି, ସଞ୍ଜୟ ବେହେରା, ଦେବାନନ୍ଦ ଜେନା, ଶାଶ୍ୱତ ପଣ୍ଡା, ସରୋଜ ଶତପଥୀ, ଅମିତ ମହାପାତ୍ର, ସୁମନ୍ତ ଦାସ, ଗଗନ ମଲ୍ଲିକ୍, ସୁବ୍ରତ ଦାସ, ତାପସ ମନ୍ତ୍ରୀ, ହରିଶ ଜେନା, ରଞ୍ଜିତ ମହାନ୍ତି, ଚନ୍ଦ୍ରଶେଖର ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଶକ୍ତିମାନ ଜିମ୍ନାସିୟମର ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ

### କ୍ରୀଡ଼ା ପ୍ରଦର୍ଶନ ଓ ବିଶାଳ ସାଂସ୍କୃତିକ ପଦଯାତ୍ରା



ବାରିପଦା, ୧୫।୪(ସମିସ): ବାରିପଦା ଉପକଣ୍ଠ ଲଙ୍ଗଳକଟା ଶକ୍ତିମାନ ଜିମ୍ନାସିୟମ ପକ୍ଷରୁ ପ୍ରତିଷ୍ଠାତା ପରେଶ ମହାନ୍ତଙ୍କ ନେତୃତ୍ୱରେ କ୍ରୀଡ଼ା ପ୍ରଦର୍ଶନ ଓ ସାଂସ୍କୃତିକ ବିରାଟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶାଳ ଶୋଭାଯାତ୍ରା ମଧୁବନ ପଡ଼ିଆରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଜଗଧାତ୍ରୀ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ସମାଜସେବୀ ଗିରୀଶ ଚନ୍ଦ୍ର ଦାସ, ଶିଳ୍ପପତି ମୁରାରୀ ଶର୍ମା, ଠିକାଦାର ଅରୁଣ ସରକାର ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବିଶାଳ ପଦଯାତ୍ରାରେ ଶକ୍ତିମାନ ଜିମ୍ନାସିୟମରେ ପ୍ରଶିକ୍ଷଣ ପାଉଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀ କଳା କୌଶଳ କ୍ରୀଡ଼ା ପ୍ରଦର୍ଶନ କରି ଶକ୍ତିମାନ ଜିମର କୌଶଳ ସବୁ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଏହି ବିରାଟ ପଦଯାତ୍ରାକୁ ଉଦଯାପନ କରିଥିଲେ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର। ଏହି ପଦଯାତ୍ରାର ମୁଖ୍ୟ ଆକର୍ଷଣ ଥିଲେ ଶକ୍ତିମାନ ଜିମ୍ନାସିୟମର ଆନ୍ତର୍ଜାତିକ ଖେଳାଳୀ ମନ୍ଦାକିନୀ ମହାନ୍ତ, ସ୍ନେହା ସୋରେନ ଓ ଜାତୀୟ ଖେଳାଳି ସମରେନ୍ଦ୍ର ମହାନ୍ତ, ଅଭିଷେକ ମହାନ୍ତ, ସୁଷମା ରାୟ, ମିନା ସିଂ, ରଞ୍ଜନ ହାଁସଦା, ଅଲିଶା ବେହେରା, ଦୁଃଖୀରାମ ମାରାଣ୍ଡି, ସ୍ୱର୍ଣ୍ଣପ୍ରଭା ଟୁଡୁ, ହରିଶଙ୍କର ମହାନ୍ତ, ରାଜ୍ୟସ୍ତରୀୟ ଖେଳାଳି ଶୁଭଶ୍ରୀ ମହାନ୍ତ, ଦେବସ୍ମିତା ସିଂ, ତନୁଶ୍ରୀ ସିଂ, ହୀରାମଣି ମହାନ୍ତ, ଆକାଶ ମହାନ୍ତ, ଚନ୍ଦନ ମହାନ୍ତ, ଗଗନ ମହାନ୍ତ ଓ ଆଶିଷ ମାରାଣ୍ଡି। ତରୁଣ ମହାନ୍ତି, ବିପ୍ଳବ ଭୁଗୁଡେଇ, ପ୍ରିୟବ୍ରତ ଦାସ, ଅମିତାବ ସାହୁ, ଦିଲ୍ଲୀପ ଦାସ, ସୌମ୍ୟରଞ୍ଜନ ମିଶ୍ର, ସୁରଜ ଲୋହାର, ମାନସ ବେହେରା, ସଂଗ୍ରାମ କେଶରୀ ଦେବ, ସୁକୁଳ ମୁର୍ମୁ, କାଳୀଚରଣ ନାଏକ, ଦନାର୍ଦ୍ଦନ ମହାନ୍ତ, ହିମାଂଶୁ ଶେଖର ମହାନ୍ତ ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ସୁନ୍ଦର ସ୍ୱାସ୍ଥ୍ୟ ଗଠନ, ଅନୁଶାସନ ଓ ଛାତ୍ରଛାତ୍ରୀଙ୍କ ସରକାରୀ ନିଯୁକ୍ତିରେ କ୍ୟାରିୟର ଗଠନ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନଙ୍ଗଳକଟା ଶକ୍ତିମାନ ଜିମ୍ନାସିୟମରେ ଶହେରୁ ଅଧିକ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି।

## ତଳକଡ଼ଦା ଓ ଆରପଟାରେ ଉଡ଼ା ଯାତ୍ରା

କୁଆମରା, ୧୫।୪(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ତଳକଡଦାଠାରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପାରମ୍ପରିକ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା' ବାସୁଳୀଙ୍କ ପୀଠରେ ଏହି ଉଡ଼ା ପର୍ବ ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଏହାର ତିନି ଦିନ ପୂର୍ବରୁ ଭକ୍ତା ଓ ଦାସୀଙ୍କ ଦ୍ୱାରା ସନ୍ଧ୍ୟାରେ ପୃଥକ ଭାବେ ଝୁଲାପାଟ, ନିଆଁ ପାଟ ଓ କଣ୍ଟା ପାଟ କାର୍ଯ୍ୟ ଦାସୀ ଓ ଭକ୍ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଚଳିତ ବର୍ଷ ୮ ଜଣ ଦାସୀଙ୍କ ସମେତ ୧୬ ଜଣ ଭକ୍ତା ଉଡ଼ିବାରେ ଭାଗ ନେଇଥିଲେ। ଦୃଷ୍ମନ୍ତ ପାତ୍ର, ହରିଶ ପାତ୍ର, ରବୀନ୍ଦ୍ର ପାତ୍ର, ମନୋରଞ୍ଜନ ଦେହୁରୀ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ। କମିଟି ସଭାପତି ଦିବାକର ପାତ୍ର ଓ ସମ୍ପାଦକ ପ୍ରଦୀପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ପୂର୍ବରୁ ମାନସିକ ଥିବା ୧୧ ଜଣ ଉପାସକ ନିଜ ନିଜ ପିଠିରେ କଣ୍ଟା ଫୋଡ଼ିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଆରପଟାଠାରେ ମଧ ପାରମ୍ପରିକ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ମୁଖ୍ୟ ଦାସୀ ଭାବେ ଗଣେଶ୍ୱର ଦେହୁରୀ, ବାବୁ ଦେହୁରୀ ଓ ଟୁନା ଜେନା କାର୍ଯ୍ୟ ତୁଲାଇଥିବାବେଳେ ୧୨ ଜଣ ଭକ୍ତା ଉଡ଼ିବା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ୬ ଜଣ ଉପାସକ କଣ୍ଟାଫୋଡ଼ା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ସଞ୍ଜୀବ ନାୟକ, ଅଞ୍ଜନ ପାଣି, ଶିରିଶ ବେହେରା, ମନୋଜ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେସନ ପକ୍ଷରୁ ଓଡ଼ିଆ ନବବର୍ଷ



ମୋରଡା, ୧୫।୪(ସମିସ): ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଣାମ ଚିତ୍ରଡ଼ା ଫାଉଣ୍ଡେସନ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ପ୍ରଥମ ଅଧିବେଶନରେ ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍କଳ ବନାନୀ ସରକାରୀ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ ସେନାପତି, ବେତନଟୀ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, ସାହିତ୍ୟ ଅଧ୍ୟାପକ ମନୋରଞ୍ଜନ ବିଚାରକ ଦାୟିତ୍ୱ ତୁଲାଇ ଥିଲେ।

ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ତପନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନରେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ସଂଗଠନର ପ୍ରତିଷ୍ଠାତା ଜଗତଜ୍ୟୋତି ମାଝୀ, ମଞ୍ଜୁଶ୍ରୀ ରୟ, ସମ୍ପାଦକ ବିଜୟ ସାହୁ, ଉପଦେଷ୍ଟା ଅଜୟ ପାଳ, ରଣଜିତ ସାହୁ, ଅଦିତ ବେହେରା, ସରୋଜ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ର ଆଗାମୀ ଦିନରେ କିପରି ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଆଗକୁ ବଢ଼ିବେ, ସେ ନେଇ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ପରେ ଅତିଥିଙ୍କ ଦ୍ୱାରା ଫଟୋଚିତ୍ର ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବ୍ଲକର ସମସ୍ତ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁନିକୁନି ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପସ୍ଥାପିକା ସୁଶ୍ରୀ ସୁହାନା, ଶ୍ରେୟସୀ ବାରିକ, ହିତୈଶୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## କପ୍ତିପଦାରେ ଓଡ଼ିଆ ନବବର୍ଷ



କପ୍ତିପଦା, ୧୫।୪(ସମିସ): କପ୍ତିପଦା ବ୍ଲକ ନିକଟସ୍ଥ ସଂସ୍କୃତି ଭବନରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ମିଶ୍ରଙ୍କ ସଭାପତିତ୍ୱରେ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ବରିଷ୍ଠ ନାଗରିକ ଓ ଯୁବ ବର୍ଗଙ୍କୁ ନେଇ ପାଳିତ ହୋଇଯାଇଛି। ଉପସ୍ଥିତ ବୁଦ୍ଧିଜୀବୀ ଏହି ପର୍ବ ଉପରେ ନିଜ ନିଜର ମତ ରଖିଥିଲେ। କପ୍ତିପଦା ବ୍ଲକର ଦୁଣ୍ଡରିଆ, ଭାଲିଆଡିହି, କୁସୁନପୁର, ବଡଖଲାଡି, ଜଡିଦା ଗ୍ରାମରେ ମହିଳାଙ୍କ ଦ୍ୱାରା ଘଟ ଉତ୍ତୋଳନ କରାଯାଇ ଯଥାବିଧି ହନୁମାନ ଜୟନ୍ତୀ ସାଙ୍ଗକୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଛି। ସେହିପରି ଆମ୍ବପିଛୁଲା ଗ୍ରାମରେ ମା' ତାରିଣୀଙ୍କ ଷୋଡ଼ଶ ଉପଚାର ପୂଜା ଓ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଦିନଠାରୁ ଧର୍ମମାସ ଆରମ୍ଭ ହୋଇଥିବାବେଳେ ଗାଁ ଗାଁରେ ହରିହାଟ, ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ଫଳରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା



କୁଆମରା, ୧୫।୪(ସମିସ): ବଜରଙ୍ଗ ଦଳ ପକ୍ଷରୁ ହନୁମାନ ଜୟନ୍ତୀ ଅବସରରେ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଭକ୍ତ ବାଇକ ଯୋଗେ ଧାଉଁଡିଆଠାରୁ ବାହାରି କୁଆମରା, ଗଡ଼ିଆମାଳ, ପୁରୁଣା ବାରିପଦା, ଦାମାସାହି, ଜୟପୁର ଦେଇ ସାଇଁକୁଳାଠାରେ ପହଞ୍ଚିଥିଲେ। ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ। ହନୁମାନଙ୍କ ପୂଜାର୍ଚ୍ଚନା ସରିବା ପରେ ପଣାଦାନ ଓ ପ୍ରସାଦ ସେବନ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ଗୋଷ୍ଠୀ ଏହାର ନେତୃତ୍ୱ ନେଇଥିଲେ।

# ବିଭିନ୍ନ ସ୍ଥାନରେ ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ

ରାଇରଙ୍ଗପୁର, ୧୫।୪(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଛକସ୍ଥ ହୀରା କମ୍ପ୍ଲେକ୍ସ ପରିସରରେ ବହଳଦା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। କଂଗ୍ରେସ ଦଳର ପଞ୍ଚାୟତ ସଭାପତି ସେନ ଟୁଡୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହଳଦା ବ୍ଲକ ସଭାପତି ଅସିତ ସାମନ୍ତରାୟ, ଉପସଭାପତି ଅଭିନବ ମହାନ୍ତି, ଭିତରାମଦା ଗ୍ରାମ ପଞ୍ଚାୟତ ସଭାପତି ରାମଚନ୍ଦ୍ର ଟୁଡୁ ପ୍ରମୁଖ ସମର୍ଥକ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ହେମ୍ବ୍ରମ, ବାବାତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ, ପୀତାମ୍ବର ବେହେରା, ଆନ୍ତର୍ଜାତିକ ମାନବାଧିକାର ରକ୍ଷକ ସଂଗଠନ ବହଳଦା



ବ୍ଲକ ସଭାପତି ପୀତାମ୍ବର ମୁର୍ମୁ, ଭିତରାମଦା ସଭାପତି ଦେବଦତ୍ତ ରାମସ୍ୱରୂପ ଟୁଡୁ, ଗୋରା ମାହାଲି, ରାମରାୟ ସୋରେନ, ଅହମ୍ମଦ ଶାହ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ଅତିଥିମାନେ ଆମ୍ବେଦକରଙ୍କ ଫଟୋଚିତ୍ରରେ ଧୂପ, ଦୀପ ପ୍ରଜ୍ୱଳନ କରିବା ସହିତ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଦଳୀୟ ବ୍ଲକ ସଭାପତି ଅସିତ ସାମନ୍ତରାୟ ଓ ଅତିଥିମାନେ ଡଃ ଭୀମରାଓ ଆମ୍ବେଦକରଙ୍କ ଅବଦାନ ଓ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଜେପି ସରକାରଙ୍କ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନକୁ ଗୁରୁତ୍ୱ ଦିଆ ନ ଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ପୀତାମ୍ବର ମୁର୍ମୁ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦଳା:** ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ ଓ ମୟୂରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ ଡାକ୍ତର ଆମ୍ବେଦକରଙ୍କ ନିଷ୍ଠା ଓ ତ୍ୟାଗ, ଦେଶ ଗଠନରେ କିପରି ମୁଖ୍ୟ ଭୂମିକା ଥିଲା, ତାହା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ବିଜେପି ସରକାର ସମୟରେ ସମ୍ବିଧାନ କିପରି ଅସୁରକ୍ଷିତ ତାହା ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ କଂଗ୍ରେସର ରାଜ୍ୟ ସମ୍ପାଦକ ଦୁଃଖିଶ୍ୟାମ



ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ମାର୍ଣ୍ଡି, ବିନୋଦ ଘଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନି ପଟ୍ଟନାୟକ ବାବା ସାହେବଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଟାଉନ ସଭାପତି ସଞ୍ଜୀବ ମହାନ୍ତି, ନବନିଯୁକ୍ତ ଟାଉନ ସଭାପତି ମୌକ୍ଷ ନାରାୟଣ ଦାସ, ବ୍ଲକ ସଭାପତି ସେକ କଲମୁଦ୍ଦିନ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରହ୍ଲାଦ ବେହେରା, ତାପସ ନାୟକ, କିସାନ କଂଗ୍ରେସ ପ୍ରତିନିଧି ଯୋଗ ଦେଇଥିଲେ।

**ବଡ଼ସାହି:** ବଡ଼ସାହି ପଞ୍ଚାୟତ ଅନ୍ତର୍ଭୁକ୍ତ ବାରୁଡିହି (ବୁଦୁଲିସାହି) ଗ୍ରାମସ୍ଥ ପାଣିଟାଙ୍କି ପଡ଼ିଆରେ ସେବା ସଂଗଠନ ପକ୍ଷରୁ ସମ୍ବିଧାନ ପ୍ରଣେତା ବାବା ସାହେବ



ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମର ମାଝି ହାଲାମ୍ (ମୁଖିଆ) ରଘୁନାଥ ଟୁଡୁ ଆମ୍ବେଦକରଙ୍କ ଫଟୋଚିତ୍ର ସମ୍ମୁଖରେ ଆଦିବାସୀ ପାରମ୍ପରିକ ପ୍ରଥାରେ ପୂଜାର୍ଚ୍ଚନା କରିଥିଲେ। ପରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ପୁଷ୍ପାଞ୍ଜଳି ଦେଇଥିଲେ। ସେବା ସଂଗଠନର ଆବାହକ ଚୈତନ୍ୟ ସୋରେନଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସେବା ସଂଗଠନର ସାଧାରଣ ସମ୍ପାଦକ ଶିବଶଙ୍କର ହାଁସଦା, ସାଂଗଠନିକ ସମ୍ପାଦକ ରମେଶ ଚନ୍ଦ୍ର ସିଂ, ପର୍ଯ୍ୟବେକ୍ଷକ ଚିନ୍ତାମଣି ଟୁଡୁ, ନନ୍ଦକିଶୋର ହାଁସଦା, କୋଷାଧ୍ୟକ୍ଷ ସାଇବ ମୁର୍ମୁ, ଉପଦେଷ୍ଟା ରାଧୁ ମାର୍ଣ୍ଡି, ଶିକ୍ଷକ କୁଆଁର ମାର୍ଣ୍ଡି, ଆଇନଜୀବୀ ସୁରେନ୍ଦ୍ର ନାଥ ସିଂ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ବଡ଼ସାହି ବ୍ଲକ କଂଗ୍ରେସ ପକ୍ଷରୁ ସଭାପତି ଶଶାଙ୍କ ଶେଖର କରଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହେବା ସହିତ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**କରଞ୍ଜିଆ:** ଭାରତ ରତ୍ନ ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ମା' କିଚକେଶ୍ୱରୀ ପ୍ରଭାତ ଶାଖାର ସ୍ୱୟଂସେବକଙ୍କ ଦ୍ୱାରା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ ପ୍ରକ୍ଷାଳନ ପରେ ଅଧ୍ୟକ୍ଷ ମନୋଜ ସାହୁ,



ସଂଘ ସମ୍ପର୍କ ପ୍ରମୁଖ ଙ୍କ ତ୍ରିଲୋଚନ ସେଠୀ, ମୟୂରଭଞ୍ଜ ଜିଲ୍ଲା ସହ ସଂଘ ଚାଳକ ଚୈତନ୍ୟ ଭାଇ, ଅଧ୍ୟାପକ ସିପୁନ ଭାଇ, ଶୈଳେଶ ଭାଇଙ୍କ ଦ୍ୱାରା ଧୂପ, ପୁଷ୍ପ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଡ ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନ କାହାଣୀ ଉପରେ ଚୈତନ୍ୟ ଭାଇ ତାଙ୍କର ସାରଗର୍ଭକ ବ୍ୟକ୍ତବ୍ୟ ରଖିଥିଲେ। ସେ ଦେଶର ସ୍ୱାଧୀନତା ସହିତ ମାନବର ସାମାଜିକ ସ୍ୱାଧୀନତାକୁ ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିଲେ। ଯଦ୍ୱାରା ସାମାଜିକ ଏକତା ସ୍ଥାପନା ହୋଇ ସୁଦୃଢ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହୁଥିଲେ। ଦଳିତ ଜାତିର ତ୍ରାଣକର୍ତ୍ତା ଭାବେ ଜୀବନ ବ୍ୟାପି ସଂଘର୍ଷ ଜାରି ରଖିଥିଲେ। ହିନ୍ଦୁ ଧର୍ମକୁ କେବେ ନିନ୍ଦା କରି ନ ଥିଲେ, କିନ୍ତୁ ଉଗ୍ର ପୁରୋହିତବାଦ ଓ ଅସ୍ପୃଶ୍ୟ ଜାତିବାଦକୁ ଘୋର ବିରୋଧ କରୁଥିଲେ। ତାଙ୍କ ଉତ୍ସର୍ଗୀକୃତ ଜୀବନ ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇରହିବ ବୋଲି ସେ କହିଥିଲେ। ଅଧ୍ୟକ୍ଷ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ଆନୁକୂଲ୍ୟରେ ଭାଲୁବସା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୁନାପୋଷି ଗ୍ରାମରେ ସମ୍ବିଧାନ ପ୍ରଣତା ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଓଡ଼ିଶା ଆଦିବାସୀ କଂଗ୍ରେସ ଉପ ସଭାପତି ଲକ୍ଷ୍ମଣ ମାଝୀ ଓ କାର୍ଯ୍ୟାଳୟ ସମ୍ପାଦକ ରୂପକ କୁମାର ମହାନ୍ତି ଡ. ଭୀମ ରାଓ ଆମ୍ବେଦକରଙ୍କ ଜୀବନ ଆଦର୍ଶ ଓ ଗୁଣ ଗାରିମା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ବିଜେପି ସରକାର କିପରି ଭାବରେ ଗରିବ ଓ ଆଦିବାସୀଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଛି ସେ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ବ୍ଲକ,



ରାଇରଙ୍ଗପୁର ପୌରପାଳିକା, ତିରିଂ ବ୍ଲକ, ବହଳଦା ବ୍ଲକ, ଜାମଦ ବ୍ଲକ, ବିଜାତଳା ବ୍ଲକ, ସାରସକଣା ବ୍ଲକ, ଓ କୁସୁମୀ ବ୍ଲକରେ ସଭାପତିଙ୍କ ନେତୃତ୍ୱରେ ଡକ୍ଟର ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ସମସ୍ତ ବ୍ଲକ ସଭାପତିମାନେ ଓ କର୍ମୀମାନେ ଦୃଢ଼ ପ୍ରତିଜ୍ଞା କରିଥିଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ସରକାରକୁ ଉଚିତ ଜବାବ୍ ଦେବାକୁ। ଏଥିରେ ପଶ୍ଚିମ ମୟୂରଭଞ୍ଜ କୃଷକ ସଂଘ ସଭାପତି କିଶୋର ମହାନ୍ତି, ରାଷ୍ଟ୍ରୀୟ ମଜଦୂର ସଂଘ ଜିଲ୍ଲା ଉପସଭାପତି ଅମର ସିଂ ମହାନ୍ତି, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ପ୍ରବକ୍ତା ପରେଶ ଚନ୍ଦ୍ର ଷଡ଼ଙ୍ଗୀ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ସଭାପତି ପିଥ୍ ମୁର୍ମୁ, ଏସି ମହାନ୍ତି, ଜହରଲାଲ ବିନ୍ଧାଣୀଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

**ଉଦଳା:** ଉଦଳା କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ଓ ମୟୁରଭଞ୍ଜ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ଆହ୍ୱାନ କ୍ରମେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଭାରତ ରତ୍ନ ଆମ୍ବେଦକରଙ୍କର ସ୍ମୃତିଚାରଣ କରିଥିଲେ। ଜିଲ୍ଲା ଉପ ସଭାପତି ନାରାୟଣ ପଟ୍ଟନାୟକ ଆମ୍ବେଦକରଙ୍କ ନିଷ୍ଠା ଓ ତ୍ୟାଗ ଦେଶ ଗଠନରେ ଭୂମିକା ସମ୍ପର୍କରେ କହିବା ସହ ବିଜେପି ସରକାର ସମୟରେ ସମ୍ବିଧାନ କିପରି ଅସୁରକ୍ଷିତ ତାହା ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଆଦିବାସୀ କଂଗ୍ରେସ ରାଜ୍ୟ ସମ୍ପାଦକ ଦୁଃଖୀଶ୍ୟାମ ମୁର୍ମୁ, ପଣ୍ଡିତ ଚକ୍ରଧର ଦଳେଇ, ବୀଣାକାର ସାହୁ, ଶରତ ଚନ୍ଦ୍ର ମାର୍ଣ୍ଡି, ବିନୋଦ ଘଡେଇ, ଜିଲ୍ଲା ସାଧାରଣ ସମ୍ପାଦକ ନଳିନୀ ପଟ୍ଟନାୟକ ବାବାସାହେବଙ୍କର ସ୍ମୃତି ଚାରଣ କରିଥିଲେ। ପୂର୍ବତନ ଟାଉନ୍ ସଭାପତି ସଞ୍ଜୀବ କୁମାର ମହାନ୍ତି, ନବ ନିଯୁକ୍ତ ଟାଉନ୍ ସଭାପତି ମୌକ୍ଷ ନାରାୟଣ ଦାସ, ବ୍ଲକ ସଭାପତି ସେକ କଲମୁଦ୍ଦିନ, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ବର୍ଷାଳିଆ, ପ୍ରହ୍ଲାଦ ବେହେରା, ତାପସ ନାୟକ, କିଷାନ କଂଗ୍ରେସ ପ୍ରତିନିଧିଗଣ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ବସ୍-ବାଇକ୍ ମୁହାଁମୁହିଁ, ଦୁଇ ଗୁରୁତର

ତେଲକୋଇ, ୧୫।୪(ସମିସ): ତେଲକୋଇ ଥାନା ଦେଉଳଡିହା ଗ୍ରାମ ଉଦୟଗିରି ରାସ୍ତାର ନୂଆସାହି ନିକଟରେ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ହେଲେ ଦୋବଲାପାଳ ଗ୍ରାମର ସଂଗ୍ରାମ ବିଶ୍ୱାଳ ଓ ତପନ ବେହେରା। ଉଭୟ ଓଡି଼୦୯ ଆର ୨୦୨୫ ବାଇକ୍ ଯୋଗେ ଉଦୟଗିରିରୁ ଦେଉଳଡିହା ଗ୍ରାମ ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଓଡି ୦୯ ଏଇ ୮୦୨୭ ଘରୋଇ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଗୁରୁତରଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ନିଜ ଗାଡ଼ି ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କର ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ବସ୍‌ଟି ଆଜି ପ୍ରଥମ କରି ପରିବହନ ବିଭାଗ ପକ୍ଷରୁ ମଞ୍ଜୁରୀ ପାଇ ଲୋକଙ୍କୁ ସେବା ଯୋଗାଇବା ପାଇଁ ନିଜ ଗନ୍ତବ୍ୟସ୍ଥଳକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

## ଅଘୋଷିତ ବିଦ୍ୟୁତ କାଟ୍; ବଢୁଛି ଅସନ୍ତୋଷ

ତୁରୁମୁଙ୍ଗା, ୧୫।୪(ସମିସ): ବିନା ସୂଚନାରେ ଏଣିକି ବିଦ୍ୟୁତ କାଟ ହେଲେ ଅଧିକାରୀ ସିଧା ଜେଲ ଯିବେ ବୋଲି କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଥିଲେ; ହେଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟ ପକ୍ଷରୁ ଉଲ୍ଲଂଘନ କରାଯାଉଛି। ବୁଧବାର ଅସହ୍ୟ ଗୁଳୁଗୁଳି ହେଉଥିବା ସମୟରେ ସଂଧ୍ୟାରେ କିଛି ସମୟ ଧରି ବିଦ୍ୟୁତ କାଟ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବୃଦ୍ଧବୃଦ୍ଧାଙ୍କ ସହ ରୋଗୀ, ଛାତ୍ରଛାତ୍ରୀ ବିଦ୍ୟୁତ କାଟ ଯୋଗୁଁ ସମସ୍ୟାରେ ପଡ଼ିଥିଲେ। ତୁରୁମୁଙ୍ଗା ସବ୍ ଷ୍ଟେସନ ଅଧୀନରେ ବିଦ୍ୟୁତ କାଟ ସମସ୍ୟା ଯୋଗୁଁ ଉପଭୋକ୍ତା ତାତିଲେଣି। ଆଗକୁ ଯଦି ଖରାଦିନେ ଏଭଳି ବିଦ୍ୟୁତ କାଟ ହୁଏ ତେବେ ଲୋକେ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତୁରୁମୁଙ୍ଗା ବିଦ୍ୟୁତ କାର୍ଯ୍ୟାଳୟର ଏସଡିଓ ତୁରୁମୁଙ୍ଗାରେ ରହୁ ନଥିବା ଅଭିଯୋଗ ହୋଇଛି। ସରକାରୀ ନିୟମକୁ ଫୁ କରି କେନ୍ଦୁଝରରେ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା




ତେଲକୋଇ, ୧୫।୪(ସମିସ): ତେଲକୋଇ ବ୍ଲକସ୍ଥିତ ଓରିୟାଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶିକ୍ଷାବର୍ଷ ୨୦୨୫ -୨୬ର ସିବିଏସସି ଦଶମ ଶ୍ରେଣୀରେ ପରୀକ୍ଷା ଶତପ୍ରତିଶତ ପାସ୍ ହାର ରହିଛି। ଏହି ସଫଳତାରେ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ସମୁଦାୟ ୬୬ ଜଣ ଛାତ୍ରଛାତ୍ରୀ ମଧ୍ୟରେ ୭ଜଣ ୯୦% ଅଧିକ ନମ୍ବର ରଖିଥିବା ବେଳେ ଜସ୍ମିନ ଦେହୁରୀ ୯୫%, ପ୍ରତ୍ୟୁଷା ସାହୁ ୯୩.୬%, ଲିପ୍ସା ସାହୁ ୯୩%, ଆଦର୍ଶ ବିଶ୍ୱାଳ ୯୨.୬%, ଆକାଶ ପଟ୍ଟନାୟକ ୯୨.୨%, ସାଗରିକା ନାୟକ ୯୧. ୪%, ସାଗରିକ ନାୟକ ୯୦.୬%, ରଖିଥିବା ବେଳେ ୮୦ % ଅଧିକା ୯ ଜଣ, ୭୦% ଅଧିକା ୧୮ ଜଣ, ୬୦% ଅଧିକା ୧୭ ଜଣ ସଫଳତା ହାସଲ କରଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ତେଲକୋଇ ଆଦର୍ଶ ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛି।

## ‘ଯୁଗେ ଯୁଗେ କେନ୍ଦୁଝର’ର ନୂତନ ସଂସ୍କରଣ ଲୋକାର୍ପିତ



ଆନନ୍ଦପୁର, ୧୫।୪ (ସମିସ): ଓଡ଼ିଆ ପକ୍ଷ-୨୦୨୬ର ଉଦଯାପନୀ ଉତ୍ସବ ଅବସରରେ କେନ୍ଦୁଝର ବିଶିଷ୍ଟ ଗବେଷକ ହଳଧର ପଣ୍ଡାଙ୍କ ରଚିତ ପୁସ୍ତକ ଯୁଗେ ଯୁଗେ କେନ୍ଦୁଝରର ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚ଼ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଭାଷା ଓ ସଂସ୍କୃତି ସଚିବ ରଶ୍ମିତା ପଣ୍ଡା ଉପସ୍ଥିତ ଥିଲେ। ଏହି ପୁସ୍ତକରେ କେନ୍ଦୁଝରର ବହୁ ଲୁକ୍କାୟିତ ଓ ଅନାଲୋଚିତ ବିଷୟ, ଜଣା ଅଜଣା ତଥ୍ୟାବଳୀ ସ୍ଥାନ ପାଇଛି। ଶ୍ରୀ ପଣ୍ଡାଙ୍କ ପୁସ୍ତକକୁ ଜ୍ଞାନୀଗୁଣୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ପ୍ରଶଂସା କରିଥିଲେ। ଏହାର ପରିବର୍ଦ୍ଧିତ ସଂସ୍କରଣ ଉନ୍ମୋଚନ ହୋଇଥିବାରୁ ପାଠକ ଓ ବୁଦ୍ଧିଜୀବୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

# ପୁରୁଣାବାନ୍ଧଗୋଡ଼ା ଘୂର୍ଣ୍ଣିଝଡ଼କୁ ୪୮ ବର୍ଷ

### ଗାଁରେ ଧ୍ୱଂସଲୀଳା ପରେ ପରିଦର୍ଶନ କରିଥିଲେ ବିଜୁ ପଟ୍ଟନାୟକ

ଆନନ୍ଦପୁର, ୧୫।୪(ସମିସ)

ଆଜିର ଦିନରେ ଠିକ ୪୮ ବର୍ଷ ପୂର୍ବରୁ (୧୯୭୮ ଏପ୍ରିଲ ୧୬ ତାରିଖ) ଏକ ଭୟଙ୍କର ଘୂର୍ଣ୍ଣିଝଡ଼ରେ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ପୁରୁଣାବାନ୍ଧଗୋଡ଼ା ଗ୍ରାମଟି ସମ୍ପୂର୍ଣ ଭାଙ୍ଗି ଛାରଖାର ହେଇଯାଇଥିଲା। ଏହି ଦିନର ସ୍ମୃତିରେ ପ୍ରତି ବର୍ଷ ଗ୍ରାମବାସୀ ପ୍ରାଣ ହରାଇଥିବା ୧୭୮ ଜଣଙ୍କ ଉଦ୍ଦେଶ୍ୟରେ ଶୋକ ଦିବସ ପାଳନ କରୁଛନ୍ତି। ଦଲକାଏ ପବନ ଆସିଲେ ଛାତି ଏବେବି ଥରିଉଠୁଛି। ମନେ ପଡୁଛି ୪୮ ବର୍ଷ ତଳର ପ୍ରଳୟଙ୍କରୀ ଘୂର୍ଣ୍ଣିଝଡ଼ର ସେହି ଲୋମଟାଙ୍କୁରା କାହାଣୀ। ଏହି ଭୟଙ୍କର ଘୂର୍ଣ୍ଣିଝଡ଼ ପ୍ରଭାବରେ ଅସ୍ତିତ୍ୱ ହରାଇଥିଲା ପୁରୁଣା ବାନ୍ଧଗୋଡ଼ା ଗାଁ। ଦେଶ ବିଦେଶରୁ ସହାୟତାର ସୁଅ ଛୁଟିଥିଲା। ଲୋକମାନେ ଭାବିଥିଲେ ତାଙ୍କ ଗ୍ରାମର ଅବସ୍ଥା ସୁଧୁରିଯିବ,



ଆଉ ସେମାନେ ଭୁଲିଯିବେ ସେହି କାଳ ମୂହୁର୍ତ୍ତକୁ; ହେଲେ ବିପର୍ଯ୍ୟୟର ୪୮ ବର୍ଷ ପରେ ମଧ୍ୟ ସମସ୍ୟା ଲୋକମାନଙ୍କ ପିଛା ଛାଡୁନି।

୧୯୭୮ ଏପ୍ରିଲ ୧୬ ତାରିଖ ଅପରାହ୍ନ ସାଢେ ତିନିଟାରେ ଘଟିଥିଲା ଏହି ଦାରୁଣ ବିପର୍ଯ୍ୟୟ। ଗ୍ରାମର ପୁରୁଖା ବ୍ୟକ୍ତିଙ୍କ କହିବାନୁସାରେ, ସେଦିନ ପାଗ ସମ୍ପୂର୍ଣ୍ଣ ନିର୍ମଳ ରହିଥିବାବେଳେ ହଠାତ୍ ସାଢେ ତିନିଟାରେ ଉତ୍ତର ପଶ୍ଚିମ ଦିଗରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା। ଏହା କ୍ରମଶଃ ବିରାଟ ରୂପ ଧାରଣ କରି ଗାଁ ନିକଟସ୍ଥ ଧନେଇ ପାହାଡ଼ରେ ବାଡ଼େଇ ହୋଇ ପୁରୁଣା ବାନ୍ଧଗୋଡାର ଧିରସାହି ଓ ତଳସାହିରେ ଘଟାଇଥିଲା ତାଣ୍ଡବ। ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ସବୁକିଛି ସରିଗଲା। ୧୨୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ଘର ମାଟିରେ ମିଶିଗଲା। ଘଟଣାସ୍ଥଳରେ ଲୋଟିଗଲା ଶହଶହ





ଗ୍ରାମବାସୀଙ୍କ ମୃତଦେହ। ମୃତ୍ୟୁସଂଖ୍ୟା ସରକାରଙ୍କ ରେକର୍ଡରେ ୧୭୮। ଘୂର୍ଣ୍ଣିଝଡ଼ର ପ୍ରଭାବ ଏତେ ତୀବ୍ର ଥିଲା ଯେ ଗଛ, ଘର, ଗୋରୁଗାଈ ନିମିଷକ ମଧ୍ୟରେ ଆକାଶକୁ ଉଠାଇ ନେଲା। ସେ ସମୟରେ ଗ୍ରାମର ଗେହ୍ଲେଇ ପୋଖରୀର ଅବସ୍ଥା ଯିଏ ଦେଖିଛି ତାହା ଏବେ ବି ମନରୁ ଲିଭିନାହିଁ। ପୋଖରୀର ପାଣି, ମାଛ ସହିତ ଦୀର୍ଘଦିନର ପଙ୍କ ମଧ୍ୟ ଆକାଶକୁ ଉଠି ଗଛରେ ଲାଗିଥିଲା। ଆହତମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ବିପନ୍ନଙ୍କୁ ଘଷିପୁରା ସ୍କୁଲରେ ଥଇଥାନ କରାଯାଇଥିଲା। କ୍ଷତିଗ୍ରସ୍ତଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନରେ ସରକାର ଘର ତିଆରି କରିଦେଲେ। ତେବେ ସରକାରୀ ଅବହେଳାରୁ ଏହି ଗ୍ରାମର ଅବସ୍ଥା ଏବେ ବି ସୁଧୁରି ନାହିଁ। ଲୋକମାନଙ୍କ ଦାବିକୁ ନେଇ ୧୯୮୮ରେ ସରକାର ଏଠାରେ ଡାକ୍ତରଖାନା ପ୍ରତିଷ୍ଠା କଲେ। ଘୂର୍ଣ୍ଣିଝଡରେ ମୃତକଙ୍କୁ ମନେରଖିବା ପାଇଁ ସମୂହ ସତ୍କାର କରାଯାଇଥିବା ସ୍ମୃତିସ୍ତମ୍ଭ ନିକଟରେ ପାଳନ ହେଉଛି ସ୍ମୃତି ଦିବସ। ଏହି ଘଟଣାକୁ ସମସ୍ତେ ଭୁଲି ଯାଇଥିବା ବେଳେ କେବଳ ଗ୍ରାମବାସୀଙ୍କ ମନରେ ସ୍ମୃତି ରହିଯାଇଛି।

## କୁଶଳେଶ୍ୱର କଲେଜ ଅଧ୍ୟାପକଙ୍କୁ ସାରସ୍ୱତ ସମ୍ମାନ



ଆନନ୍ଦପୁର, ୧୫।୪ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚ଼ଳିକ ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ବିଜୟ କୁମାର ସାହୁଙ୍କୁ ରାଜ୍ୟସ୍ତରୀୟ ସାରସ୍ୱତ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ଭଦ୍ରକର ବେତଡ଼ାର ଯୋଗମାୟା ସାହିତ୍ୟ ସଂସ୍କୃତି ଟ୍ରଷ୍ଟ ତରଫରୁ ଆୟୋଜିତ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ଡ. ସୁରେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଡେପୁଟି କଲେକଟର କାର୍ତ୍ତିକ ମଣ୍ଡଳ ମୁଖ୍ୟଅତିଥି, ଡ. ଅନିଲ ଦାଶ ମୁଖ୍ୟବକ୍ତା, ବିଶିଷ୍ଟ କବି ବାହାଦୁର ପାଟଶାହାଣି ସମ୍ମାନିତ ଅତିଥି ଭାବେ ଡ. ସାହୁଙ୍କୁ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଏଥିପାଇଁ କଲେଜ ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟ ସ୍ତରରେ ଛାତ୍ରୀ ତେଜସ୍ୱିନୀ ପୁରସ୍କୃତ

ଚମ୍ପୁଆ, ୧୫।୪(ସମିସ): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଛାତ୍ରୀ ତେଜସ୍ୱିନୀ ମହାନ୍ତ ରାଜ୍ୟସ୍ତରୀୟ କବିତା ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରି ନିଜ ଅଞ୍ଚ଼ଳ ତଥା ମହାବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଛନ୍ତି। ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଓଡ଼ିଆ ପକ୍ଷ ଅବସରରେ କବିତା ଲିଖନ ପ୍ରତିଯୋଗିତାରେ + ୩ ଦିତୀୟ ବର୍ଷର ଛାତ୍ରୀ ତେଜସ୍ୱିନୀ ମହାନ୍ତ ଜିଲ୍ଲା ସ୍ତରରେ ସଫଳ ହୋଇ ଜୋନ ସ୍ତରରେ ସଫଳ ପରେ ରାଜ୍ୟସ୍ତରରେ ସଫଳ ହୋଇଛନ୍ତି।

## ଇଭେଣ୍ଟ, ମଞ୍ଚସଜ୍ଜା ପାଇଁ କଲ୍ଲୋଳ ବିଶ୍ୱାଳ ସମ୍ବର୍ଦ୍ଧିତ




ହାଟଡିହୀ,୧୫।୪(ସମିସ): ଆନନ୍ଦପୁର ମହୋତ୍ସବ୨୦୨୬ ସଫଳତାର ସହ ସମାପ୍ତ ହୋଇଥିବା ବେଳେ ହାର ଆକର୍ଷଣୀୟ ମଞ୍ଚସଜ୍ଜା ଓ ସୁଚାରୁ ପରିଚାଳନା ପାଇଁ ଆର୍‌କେ ଇଭେଣ୍ଟ ଓ ତାହାର ସ୍ଥାପକ କଲ୍ଲୋଳ ବିଶ୍ୱାଳ ବିଶେଷ ଭାବେ ପ୍ରଶଂସିତ ହୋଇଛନ୍ତି। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହସ୍ତରେ କଲ୍ଲୋଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ହାଟଡ଼ିହୀ ବ୍ଲକ ବଞ୍ଚୋ ଗ୍ରାମର ବାସିନ୍ଦା ଶ୍ରୀ ବିଶ୍ୱାଳଙ୍କ ବାପା କାମଳ ବିଶ୍ୱାଳ ଜଣେ ସରକାରୀ ଶିକ୍ଷକ ଓ ମା’ ଜଣେ ଶିକ୍ଷୟିତ୍ରୀ। ଇଞ୍ଜିନିୟରିଂ ସମାପ୍ତ କରିବା ପରେ ସେ ଆର୍.କେ ଇଭେଣ୍ଟ ନାମକ ସଂସ୍ଥା ଆରମ୍ଭ କରିଛନ୍ତି। କଟକରେ ଗୋଟେ ରେଷ୍ଟୁରାଣ୍ଟ ମଧ୍ୟ ସଫଳତାର ସହ ଚଳାଉଛନ୍ତି। ଧର୍ମଶାଳା ମହୋତ୍ସବ, ଯଯାତି ମହୋତ୍ସବ ଓ ଗୋପାଳପୁର ମହୋତ୍ସବ ପରି ବଡ଼ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିପାରିଛନ୍ତି। ଶ୍ରୀ ବିଶ୍ୱାଳ ଆଜି ଯୁବପିଢ଼ି ପାଇଁ ଏକ ଜୀବନ୍ତ ପ୍ରେରଣା।

## ମା’ତାରିଣୀଙ୍କ ଚଇତି ପର୍ବରେ ଦଳଗତ ନୃତ୍ୟ

ଆନନ୍ଦପୁର, ୧୫।୪ (ସମିସ): ମା’ତାରିଣୀଙ୍କ ପ୍ରସିଦ୍ଧ ଚଇତି ପର୍ବରେ ବୀଣାପାଣି କଳାନିକେତନ ନୃତ୍ୟନୁଷ୍ଠାନ, ଶାଳପଡାର ନୃତ୍ୟଶିଳ୍ପୀମାନେ ଦୀର୍ଘ ସମୟ ଧରି ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ମା’ଙ୍କ ମହିମା ଉପରେ ଆଧାରିତ ନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ, ଓଡ଼ିଶୀ, ପଲ୍ଲୀ ଦଳଗତ ନୃତ୍ୟକୁ ୪୦ରୁ ଅଧିକ ନୃତ୍ୟ ଶିଳ୍ପୀ ପରିବେଷଣ କରିଥିଲେ। ମା’ ଉପରେ ଆଧାରିତ ନାଟକରେ ଦର୍ଶକଙ୍କ ଆଖିରୁ ଲୁହ ଝରୁଥିବାର ଦେଖାଦେଇଥିଲା। ନୃତ୍ୟକୁ ପ୍ରତିଟି ଝଙ୍କାରରେ ସଜାଇଥିଲେ କିରଣ ପୂର୍ଣ୍ଣତାୟ, ବିନୋଦ ଓଝା, ଚନ୍ଦନ ପାଲ, ସାଇସ୍ମୃତି ସାହୁ, ରାଜକିଶୋର ମିଶ୍ର। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁନାମାଧନ୍ୟ ଘୋଷିକା ସମୟଶ୍ରୀ ଚାଟର୍ଜି। ମନ୍ଦିର ଟ୍ରଷ୍ଟ ତରଫରୁ ନୃତ୍ୟଗୁରୁ ଓ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉଦଳା କଂଗ୍ରେସ ପକ୍ଷରୁ କୁଶ ପୁତ୍ତଳିକା ଦାହ




ଉଦଳା, ୧୫।୪(ସମିସ): ଆସାମର ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱସର୍ମା କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ଅଶାଳୀନ ମନ୍ତବ୍ୟକୁ ନେଇ ତାତିଲା କଂଗ୍ରେସ। ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା କଂଗ୍ରେସ କର୍ମୀମାନେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବାସନ୍ତୀ ମଣ୍ଡପ ଛକଠାରେ ହେମନ୍ତ ବିଶ୍ୱସର୍ମାଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ। ମୟୂରଭଞ୍ଜ ପୂର୍ବ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଉଦଳା ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସାଇଁକୁଳ ମେଡିକାଲରେ ପାନୀୟଜଳ କଷ୍ଟ; ରୋଗୀ କଲବଲ

ଆନନ୍ଦପୁର, ୧୫।୪ (ସମିସ): ଘସିପୁରା ବ୍ଲକ ସାଇଁକୁଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପାଣି ମଟର ଦୀର୍ଘ ୫ ଦିନ ହେବ ଖରାପ ହୋଇ ପଡିଥିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ମହିଳା ରୋଗୀମାନେ ବିଶେଷ କରି ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ସାଇଁକୁଳରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସ୍ୱର ଶୁଭୁ ନଥିବା ବେଳେ ସାମାଜିକ କାର୍ଯ୍ୟକ୍ରମରେ ସମସ୍ତେ ପଛଘୁଞ୍ଚା ଦେଉଛନ୍ତି। ଅନେକ ଦିନ ହେବ ଏକ୍ସ-ରେ ମେସିନ ଖରାପ ହୋଇ ପଡ଼ିଥିବା ବେଳେ ଆଜି ଆସିବ କାଲି ଆସିବ କହି ମେଡିକାଲ ଅଫିସର ଡ଼ ରାଜେନ୍ଦ୍ର ମୁର୍ମୁ ସବୁ ରୋଗୀଙ୍କୁ କେବଳ ଆଶ୍ୱାସନା ଦେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଡାକ୍ତରଖାନାର ଉନ୍ନତିମୂଳକ କାର୍ଯ୍ୟ ହେଉଥିଲା; ଏବେ ଧୀରେ ଧୀରେ ସବୁ ନଷ୍ଟ ହୋଇଯାଉଥିବା ଅଭିଯୋଗ ହୋଇଛି। ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ପାଣି ସମସ୍ୟା ତଥା ଅନ୍ୟାନ୍ୟ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବାକୁ ବିଭାଗୀୟଅଧିକାରୀଙ୍କୁ ନିବେଦନ କରିଛନ୍ତି।

### ୫ମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତି ବିଜେଡିର ଗଭୀର ଶୋକ

# ନ୍ୟାୟିକ ତଦନ୍ତ ଓ ରାଜ୍ୟବ୍ୟାପୀ ଦାୟିତ୍ୱ ନିର୍ଦ୍ଧାରଣ ଦାବି

ବାରିପଦା, ୧୫।୪(ସମିସ)

ବିଜୁ ଜନତା ଦଳ ମୟୂରଭଞ୍ଜ ଜିଲ୍ଲାର ଏକ ସରକାରୀ ଛାତ୍ରାବାସରେ ଘଟିଥିବା ସନ୍ଦେହଜନକ ଖାଦ୍ୟ ବିଷାକ୍ତ ଘଟଣାରେ ୧୨ ବର୍ଷୀୟ ଆଦିବାସୀ ଛାତ୍ରୀ ରୂପାଲି ବେସ୍ରାଙ୍କ ଦୁର୍ଭାଗ୍ୟଜନକ ମୃତ୍ୟୁ ପ୍ରତି ବିଜେଡି ଗଭୀର ଶୋକ ଓ ଯନ୍ତ୍ରଣା ବ୍ୟକ୍ତ କରିଛି। ଦଳର ଅଧ୍ୟକ୍ଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାସଗୋବିନ୍ଦପୁର ବ୍ଲକ୍‌ର ନଳାଗଜାପଞ୍ଚାୟତଅଧୀନରେଥିବାନୁଣଚାଟିଗ୍ରାମକୁଯାଇ ଶୋକାକୁଳ ପରିବାର ସହ ଭେଟି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ରୂପାଲି ୧୪ ତାରିଖରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜ୍ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଗମନ କରିଥିଲେ। ଏହି ଘଟଣାରେ

**୧୮ ରେ ସମଗ୍ର ମୟୂରଭଞ୍ଜରେ ୧୨ ଘଣ୍ଟିଆ ହରତାଳ କରିବ ଦଳ**

ଛାତ୍ରୀନିବାସରେ ରହୁଥିବା ୧୫୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ଖବର ମିଳିଛି, ଯେଉଁମାନେ ଏପ୍ରିଲ ୧୨ ତାରିଖରେ ପଖାଳ, ଶାଗ ଭଜା ଓ ଆଳୁ ଚଟଣି ପରି ଖାଦ୍ୟ ଖାଇଥିଲେ, ଯାହା ଅବଶିଷ୍ଟ ଖାଦ୍ୟରୁ ପ୍ରସ୍ତୁତ ହୋଇଥିବା ଏବଂ ନିର୍ଦ୍ଦିଷ୍ଟ ଖାଦ୍ୟ ସୁରକ୍ଷା ଓ ପୋଷଣକୁ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ବିଜେଡି ପ୍ରତିନିଧି ଦଳ ଆଦିବାସୀ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଦାୟୀ ଅଧିକାରୀମାନଙ୍କ ଗୁରୁତର ଅବହେଳା ପ୍ରତି ଗଭୀର ଚିନ୍ତା ବ୍ୟକ୍ତ କରିଛି। ଦଳ କହିଛି ଯେ ଛାତ୍ରାବାସରେ ରହୁଥିବା ଶିଶୁମାନଙ୍କୁ ଅସୁରକ୍ଷିତ ଓ ଅମାନକ ଖାଦ୍ୟ ପ୍ରଦାନ କରିବା ଗୁରୁତର ଅନ୍ୟାୟ ଓ ଏହା ବ୍ୟବସ୍ଥାଗତ ତ୍ରୁଟିକୁ ପ୍ରକାଶ କରୁଛି, ଯାହାକୁ ଶୀଘ୍ର ସୁଧାର କରିବା



ଆବଶ୍ୟକ। ପ୍ରତିନିଧି ଦଳ ରାସଗୋବିନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ବାରିପଦା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ଥିବା ରୋଗୀମାନଙ୍କ ଅବସ୍ଥା ବୁଝିଥିଲେ। କିଛି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବେବି ଗୁରୁତର ରହିଛି। ପ୍ରଭାବିତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଗଭୀର ଯନ୍ତ୍ରଣା ବ୍ୟକ୍ତ କରି କହିଛନ୍ତି ଯେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଓ ବ୍ୟବସ୍ଥାଗତ ସୁଧାର ହେଉନଥିଲେ ସେମାନେ ପୁଣିଥରେ ତାଙ୍କ ସନ୍ତାନମାନଙ୍କୁ ଛାତ୍ରାବାସକୁ ପଠାଇବେ ନାହିଁ। ଜିଲ୍ଲା ବିଜୁ ଭବନରେ ଆହୂତ ପ୍ରେସ ସମ୍ମିଳନୀରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଏହି ଘଟଣାକୁ କଡ଼ା ନିନ୍ଦା କରିଥିବା ସହ ଏକ ବର୍ତ୍ତମାନ ବସିଥିବା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ ଦାବି କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନର ତଦନ୍ତ ପର୍ଯ୍ୟାପ୍ତ ନୁହେଁ। ଦଳ ଦୋଷୀ ସମସ୍ତ ଅଧିକାରୀ, ଛାତ୍ରାବାସ କର୍ମଚାରୀ, ଶିକ୍ଷକ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ତତ୍କାଳ ନିଲମ୍ବନ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

କ୍ଷତିପୂରଣ ବିଷୟରେ ଅସମତା ଉଲ୍ଲେଖ କରି ବିଜେଡି କହିଛି ଯେ ପୀଡ଼ିତ ପରିବାରକୁ ଘୋଷିତ ୭ ଲକ୍ଷ ଅନୁଗ୍ରହ ଅପର୍ଯ୍ୟାପ୍ତ ଏବଂ ୫୦ ଲକ୍ଷ କ୍ଷତିପୂରଣ ଦାବି କରିଛି। ଦଳ ଆହୁରି ଦାବି କରିଛି ଯେ ଗୁରୁତର ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ଏଆଇଆଇଏମ୍‌ଏସ୍ ଭୁବନେଶ୍ୱର ଓ ଏସ୍‌ସିବି ମେଡିକାଲ କଲେଜ୍ ପରି ଉନ୍ନତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଉ।

ବିଜେଡି ଖାଦ୍ୟ ସୁରକ୍ଷା ନିରୀକ୍ଷଣକୁ କଠୋର କରିବା, ପୋଷଣ ମାନ ବୃଦ୍ଧି, ସ୍ୱାସ୍ଥ୍ୟ ସେବା ସୁଦୃଢ଼ କରିବା ଓ ସମସ୍ତ ଛାତ୍ରାବାସରେ ବିଶେଷକରି ପଛୁଆ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ତୁରନ୍ତ ବ୍ୟବସ୍ଥାଗତ ସୁଧାରର ଆବଶ୍ୟକତା ଉପରେ ଜୋର ଦେଇଛି। ଦଳର ମୟୂରଭଞ୍ଜ ଜିଲ୍ଲା ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ ଏହି ଦୁର୍ଘଟଣା ବିରୋଧରେ ପ୍ରତିବାଦ ଓ ନ୍ୟାୟ ଦାବିରେ ବିଜୁ ଜନତା ଦଳ ୧୮ ତାରିଖରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡକରା ଦେଇଛି। ଏହି ପ୍ରତିନିଧି ଦଳରେ ଶ୍ରୀ ମାରାଣ୍ଡି, ଶ୍ରୀ ଦାସଙ୍କ ସହ ଡା. ପ୍ରିୟବ୍ରତ ମାଝୀ, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପ୍ରୀତିନନ୍ଦା କାନୁଙ୍ଗୋ, ଡା ଦେବାଶିଷ ମାରାଣ୍ଡି, ଦେବାଶିଷ ମହାନ୍ତି, ଗଣେଶ୍ୱର ପାତ୍ର, ସୁନିଲ ନାୟକ, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି ଓ ଉପନଗପାଳ ସୀମା ଦାସ ସାମିଲ ଥିଲେ।

### ● ଓଡ଼ିଆ ନବବର୍ଷରେ ମହାବୀର ହନୁମାନ ଜୟନ୍ତୀ

## ୩୦୦ ଶ୍ରଦ୍ଧାଳୁଙ୍କ ବାଇକ୍ ଶୋଭାଯାତ୍ରା



ବୈଶିଙ୍ଗା, ୧୫।୪ (ସମିସ): ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନବବର୍ଷରେ ମହାବୀର ହନୁମାନ ଜୟନ୍ତୀ ବୈଶିଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ହନୁମାନଙ୍କ ଜୟନ୍ତୀ ପାଇଁ ବିଭିନ୍ନ ସ୍ଥାନରେ ହନୁମାନ ଚାଳିଶା ପାଠ ସହ ସୁନ୍ଦର କାଣ୍ଡ ପାରାୟଣ ପାଠ କରାଯାଇଛି। ବୈଶିଙ୍ଗାଠାରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହନୁମାନ ବାଟିକାରେ ସ୍ଥାପିତ ହନୁମାନଙ୍କ ନିକଟରେ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଅନ୍ୟପଟେ, ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ପଥରଚାଟିଆ ଗ୍ରାମରେ ନୂତନ କରି ନିର୍ମାଣ ଚାଲିଥିବା ହନୁମାନ ବିଗ୍ରହ ଆଗମନ ପୂର୍ବକ ବୈଶିଙ୍ଗା ହନୁମାନ ବାଟିକା କମିଟିର ପୂର୍ଣ୍ଣ ସହଯୋଗରେ ହନୁମାନଙ୍କ ନୂତନ ବିଗ୍ରହକୁ ଭବ୍ୟ ସ୍ୱାଗତ କରାଯିବା ସହିତ ମନ୍ଦିରରୁ ଆଜ୍ଞା ମାଳ ନେଇ ୩୦୦ ଶ୍ରଦ୍ଧାଳୁ ବିଶାଳ ବାଇକ୍ ଶୋଭାଯାତ୍ରା କରି ବିଗ୍ରହକୁ ନିର୍ମାଣଧୀନ ମନ୍ଦିରକୁ ପାଛୋଟି ନେଇଥିଲେ। ବୈଶିଙ୍ଗା ହନୁମାନ ବାଟିକା କମିଟି ଦ୍ୱାରା ପ୍ରାସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପଥରଚାଟିଆ ହନୁମାନ ମନ୍ଦିର କମିଟିର କାର୍ଯ୍ୟକର୍ତ୍ତାମାନେ ମନ୍ଦିର କମିଟିକୁ ନିକଟ ଭବିଷ୍ୟରେ ହେବାକୁଥିବା ପ୍ରତିଷ୍ଠା ଉତ୍ସବ ପାଇଁ ନିମନ୍ତ୍ରଣ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ପଥରଚାଟିଆ କମିଟିର କାର୍ଯ୍ୟକର୍ତ୍ତା ମାନେ ବଡାମପୁର ଗ୍ରାମରୁ ଶୋଭାଯାତ୍ରା କରି ପଥରଚାଟିଆ ମନ୍ଦିର ପର୍ଯ୍ୟନ୍ତ ବିଗ୍ରହ ନେଇ ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶ୍ରଦ୍ଧାଳୁ ସହଯୋଗ କରିଥିବାରୁ କମିଟିର ସଦସ୍ୟମାନେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଝରକା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା

ବାଲେଶ୍ୱର,୧୫ ।୪(ସମିସ)



ବାଲେଶ୍ୱର ସଦର ଥାନା ଫକୀରମୋହନନଗର ଅଞ୍ଚଳରେ ବାରମ୍ବାର ଚୋରି ହେବାରେ ଲାଗିଛି। କିଛିଦିନ ପୂର୍ବରୁ ସେଠାରେ ଚୋରି ହୋଇଥିବା ବେଳେ ଗତକାଲି ରାତିରେ ମଧ୍ୟରେ ସେଠାରେ ଚୋରି ହୋଇଛି। ଏପରିକି ଘରେ କେହିନଥିବାର ସୁଯୋଗ ନେଇ ଚୋର ଘରର ଝରକା ଭାଙ୍ଗି ଘର ମଧ୍ୟରେ ଥିବା ସୁନାଗହଣା ସହ ମୋବାଇଲ ଆଦି ଲୁଟି ଫେରାର ହୋଇଯାଇଛି। ଏନେଇ ଖବର ପାଇ ସଦର ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଥିବା ବେଳେ ଏନେଇ ୨୨୬/୨୬ନମ୍ବରରେ ଏକ ମାମଲା ମଧ୍ୟ ରୁଜୁ କରିଛି। ସୂଚନା ଅନୁସାରେ ଫକୀରମୋହନ ନଗର ଅଞ୍ଚଳରେ ରହୁଥିବା ସଚିନ୍ଦ୍ର ଦାସ ତାଙ୍କର ପରିବାରଙ୍କ ସହ ହନୁମାନ ଜୟନ୍ତୀ ପାଇଁ ମନ୍ଦିରକୁ ଯାଇଥିଲେ। ସେମାନେ ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ଦେଖିବାକୁ ପାଇଥିଲେ ଯେ ତାଙ୍କ ଘରର ଦୁଇଟି ଝରକା ଭଙ୍ଗା ହୋଇଛି। ଏବଂ ସେମାନେ ଘର ମଧ୍ୟକୁ ଯିବା ପରେ ଘର ମଧ୍ୟରେ ଥିବା ସୁନା ଗହଣା ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ତାଙ୍କ ଘରର ଥିବା ୩ଭରିର ଏକ ସୁନା ଚୁଡ଼ି,ଏକ ଭରିର ପଲା,ଏକ ଗ୍ରାମର ଗୋଟିଏ ବଳା,୨୪ଗ୍ରାମର ରୁପା, ପୁରୁଣା ପାଉଁଜି ୪ହଳ, ୧୧ଟି ଛୋଟ ରୁପା କଏନ, ୫ଟି ବଡ଼ ରୁପା କଏନ ସମେତ ୪ଟି ମୋବାଇଲ ଓ ଗୋଟିଏ ପାୱାର ବ୍ୟାଙ୍କ ଚୋରି ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଜଳସେବା



ବାଲେଶ୍ୱର,୧୫ ।୪(ସମିସ): ଓଡ଼ିଆ ନବବର୍ଷ ଅବସରରେ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନ ସମ୍ମୁଖରେ ଜଳ ସେବା କରାଯାଇଛି। ଏହି ସେବା କାର୍ଯ୍ୟ ଛାତ୍ରସଂଘର ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବାବେଳେ ରେଳ ପ୍ରଶାସନିକ ଅଧିକାରୀ ରାମ ନାରାୟଣ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱରର ସଦସ୍ୟ, ସଦସ୍ୟାଙ୍କ ସମେତ ଉପଦେଷ୍ଟା ରମେଶ ଚନ୍ଦ୍ର ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ବଙ୍କିମ ଚନ୍ଦ୍ର ପତି, ଗଗନ ଚନ୍ଦ୍ର ଦଳାଇ, ଅନୀଲ କୁମାର ଦାସ, ହରେକୃଷ୍ଣ ବେହେରା, ସୁକୁମାର ବେହେରା, ଅଭିରାମ ନାୟକ, ଗିରିଧାରୀ ବିନ୍ଧାଣୀ, ଅକ୍ଷୟ କୁମାର ପଣ୍ଡା, ସତ୍ୟରଞ୍ଜନ ରାଉତ, ପିକେ ଚୌଧୁରୀ, ରଘୁନାଥ ତ୍ରିପାଠୀ, ଦେବପ୍ରସାଦ ନାୟକ, ସନ୍ତୋଷ କୁମାର ଗୋଚ୍ଛାୟତ, ଆର୍‌ଏନ୍ ରାଓ, କୈଳାସ ଚନ୍ଦ୍ର ଖିଲାର, ପଦ୍ମନାଭ ସାମଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହା ଅସନ୍ତା ଦୁଇମାସ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

## ବିଏସ୍‌ପି ପକ୍ଷରୁ ଆମ୍ବେଦକର ଜୟନ୍ତୀ

ବାଲେଶ୍ୱର,୧୫ ।୪(ସମିସ): ବହୁଜନ ସମାଜପାର୍ଟି ପକ୍ଷରୁ ସମ୍ବିଧାନ ପ୍ରଣେତା ବିଶ୍ୱରତ୍ନ ବାବାସାହେବ ଡ. ବି ଆର




ଆମ୍ବେଦକରଙ୍କ ଜୟନ୍ତୀ ସ୍ଥାନୀୟ ଆମ୍ବେଦକର ଭବନ ପରିସରରେ ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ବିଏସପି କର୍ମୀ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ଡ. ମନୋଜ କିଶୋର ମାଝୀ ଯୋଗଦେଇ ରାଜତନ୍ତ୍ର ବ୍ୟବସ୍ଥାରେ କେବଳ ରାଣୀର ପୁଅ ରାଜା ହେଉଥିଲା। କିନ୍ତୁ ଗଣତନ୍ତ୍ର ବ୍ୟବସ୍ଥାରେ ଡ. ଆମ୍ବେଦକର ଚାଷୀ-ମୂଲିଆ, ବେପାରୀ, ପୂଜାରୀର ପିଲାମାନଙ୍କୁ ରାଜା ହେବାର ଅଧିକାର ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ବାବା ସାହେବ ଡ. ଆମ୍ବେଦକର ସମ୍ବିଧାନ ରଚନା କରି ଦେଶବାସୀଙ୍କୁ ପାଞ୍ଚ ବର୍ଷରେ ଥରେ ରାଜା ବାଛିବାର ଅଧିକାର ଦେଇଛନ୍ତି ବୋଲି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମହାଲିକ, ଆଡ୍‌ଭୋକେଟ୍ ସୌଭାଗ୍ୟ ମଲ୍ଲିକ, ଗଗନ ପାତ୍ର, ମିନତୀ ଜେନା, ପ୍ରହ୍ଲାଦ ଦାସ, ଭୋଳାନାଥ ବେହେରା, କୈଳାସ ଦାସ, ଉପେନ୍ଦ୍ର ଦାସ, ବେଦସ୍ମିତା ଦାସ, ଗୋବିନ୍ଦ ବେହେରାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଶେଷରେ ନେତ୍ରୀ ଆରତୀ ମାଝୀ ଧନ୍ୟବାଦ ଦେଇଥିଲେ।

## ରେମୁଣା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ବାଲେଶ୍ୱର,୧୫ ।୪(ସମିସ): ରେମୁଣା ସାହିତ୍ୟ ସଂସଦର ୩୦ତମ ବାର୍ଷିକ ଉତ୍ସବ ଓ ବିଷୁବ ମିଳନ ସମାରୋହ ସ୍ଥାନୀୟ କ୍ଷୀରଚୋରା ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସମର ବଲ୍ଲଭ ଭୋଇ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଝାଡ଼େଶ୍ୱର ଡିଗ୍ରୀ କଲେଜର ଅଧ୍ୟକ୍ଷ ଜୁମରନାଥ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଷୀରଚୋରା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବୃନ୍ଦାବନ ବେହେରା, କବି ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ହୃଦୟକୁ ଛୁଇଁ ପାରୁଥିବା ସାହିତ୍ୟ ହିଁ କାଳଜୟୀ ହୁଏ ବୋଲି ମତବ୍ୟକ୍ତ କରିଥିଲେ। କୋଷାଧ୍ୟକ୍ଷ ତଥା ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ



ଦେଇଥିଲେ। ସମାଜସେବୀ ଅସିତ କୁମାର ଦାସମଙ୍ଗରାଜ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ଅଧିବେସନରେ ଓଡ଼ିଆ ନବବର୍ଷକୁ ଆଧାର କରି ଏକ କବିତା ପାଠୋତ୍ସବ କବି ପ୍ରଭାକର ସାହୁ ଓ ପଦ୍ମଲୋଚନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ରମେଶଚନ୍ଦ୍ର ମହାରଣା, ବାସନ୍ତୀ ଦାସ, ୱିତନ ବିବି, ଡ. ରତ୍ନାକର ସିଂହ, ହରେକୃଷ୍ଣ ପଲେଇ, ଗିରିଶ କୁମାର ଷଡ଼ଙ୍ଗୀ, ଅଜୟ କୁମାର ନାୟକ, ପ୍ରଭାତ କୁମାର ଆଚାର୍ଯ୍ୟ, ହୀରାଲାଲ ପାକଳ, ତପନ ଦାସ, ମଧୁସୂଦନ ମାଝୀ, ଚକ୍ରଧର ଦାସ, ଜଳଧର ଦାସ, ଅଜୟ ବାରିକ, ସନ୍ତୋଷ ଦାସ ପ୍ରମୁଖ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦମୟନ୍ତୀ ବେହେରା, ମାନସୀ ବେହେରା ଓ କଳ୍ପନା ବାରିକ ପରିଚାଳନା କରିଥିଲେ।

## କଳିଙ୍ଗସେନା ଜିଲ୍ଲା ଶାଖା ପକ୍ଷରୁ ଓଡ଼ିଆ ନବବର୍ଷ

ବାଲେଶ୍ୱର,୧୫ ।୪(ସମିସ): କଳିଙ୍ଗ ସେନା ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଗାନ୍ଧୀସ୍ମୃତି ଭବନ ନିକଟ ରାସ୍ତା ପାଶ୍ୱର୍ରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଜିଲ୍ଲା ଆବାହକ ହେମନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ବାଲେଶ୍ୱର କଳା ସଂସ୍କୃତି ଉପରେ ମତ ରଖିଥିଲେ। ଏହି ଅବସରରେ ଅଂଶୁ ଘାତରୁ ରକ୍ଷା ପାଇବା ପାଇଁ ପ୍ରଥମେ ଶତାଧିକ ଲୋକଙ୍କୁ ଦହି ସରବତ ପ୍ରଦାନ କରାଯିବା ସହ ଛତା, ଚଷମା, ଟୋପି, ଗାମୁଛା ଆଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ନାୟକ, କେଦାରନାଥ ପରିଡ଼ା, କୋଷାଧ୍ୟକ୍ଷ ଦେବେନ୍ଦ୍ର ଦାସ, ଉପସଭାପତି ଦୀନେଶ ଚନ୍ଦ୍ର ବିଶୋଇ, ଉପଦେଷ୍ଟା ସୁବ୍ରତ ପୃଷ୍ଟି, ସାଧାରଣ ସମ୍ପାଦକ ସୁରେନ୍ଦ୍ର ବେହେରା, ସମ୍ପାଦକ ସ୍ୱଦେଶୀ ମାହାର୍ଣ୍ଣା, ଦୃଜୟ ଦାସ, ଗୌରଶଙ୍କର ପଣ୍ଡା, ଈଶ୍ୱର ଦାସ, ଦୀନବନ୍ଧୁ ମହାଲିକ, ସରୋଜ ବାରିକ, ସନ୍ତୋଷ ପଣ୍ଡା, କୌଶିକ ଶତପଥି, ଶରତ ଦାସ, ସୌରଭ ଦାସ, ଶୁଭମ୍ ଦାସ, ଗଜେନ୍ଦ୍ର ସିଂ, ସମୀର ଘଡ଼େଇ, ବିଭୁ କିଶୋର ପଣ୍ଡା, ତନ୍ମୟ ଦାସ, ଶୁଭ୍ରକାନ୍ତ ଦାସ, ନରେଶ ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର,୧୫।୪(ସମିସ): ବିଶ୍ୱରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ଜଳେଶ୍ୱର ଛାତ୍ର ସଂଗଠନ, ଆମ୍ବେଦକର ସମତା ମଞ୍ଚ (ମୋନା), ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଜଳେଶ୍ୱର ଶାଖା ଦ୍ୱାରା ୨ଦିନ ବ୍ୟାପୀ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ସକାଳ ୯ଟାରେ ଏକ ଶୋଭାଯାତ୍ରା ଜଗନ୍ନାଥ ମହିଳା ମହାବିଦ୍ୟାଳୟ ନିକଟରୁ ବାହାରି ଜଳେଶ୍ୱର ବ୍ଲକ୍ ପର୍ଯ୍ୟନ୍ତ ଯାଇଥିଲା ଏବଂ ନିଶା ନିବାରଣକୁ ନେଇ ଏକ ଦାବିପତ୍ର ଜଳେଶ୍ୱର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଦିନ ୧୦ଟାରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ବାବା ସାହେବ ଆମ୍ବେଦକରଙ୍କ ନୀତି ଓ ନିଶା ନିବାରଣ' ଉପରେ ଏକ ଆଲୋଚନାଚକ୍ର ମଞ୍ଚର ସଭାପତି ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଏଡିଏମ୍ ସୁଧାକର ନାୟକ, ମୁଖ୍ୟ ବକ୍ତା ଭାବେ ଡି.ବି ହୃଦୟ, ବାମସେଫର ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ମଲ୍ଲିକ, ମୋନାର ରାଜ୍ୟ ସମ୍ପାଦକ ମନମୋହନ ମିଶ୍ର, ଖ୍ରୀଷ୍ଟିୟାନ ମୋର୍ଚ୍ଚା ଜିଲ୍ଲା ସଭାପତି ତପନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିବସରେ ଜଳେଶ୍ୱର ଷ୍ଟେସନ ବଜାରସ୍ଥିତ କାଳୀ ମନ୍ଦିର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୌର ପରିଷଦ କାଉନସିଲର ମୀର ଆବାସ ଅଲ୍ଲୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ମନମୋହନ ମିଶ୍ର, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମାର ସେନାପତି, ଅଜିତ କୁମାର ମହାନ୍ତି, ମଞ୍ଚ ସଭାପତି ଅଶୋକ କୁମାର ଜେନା, ମୋନାର ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂ, ସମତା ମଞ୍ଚର ବ୍ଲକ ସମ୍ପାଦକ ନୀରଜ ବେହେରା, ରମେଶ ଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ଯୋଗଦେଇ ବାବା ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

## ଜଳିଗଲା ଦୁଇ ବଖରା

ନୀଳଗିରି,୧୫।୪(ସମିସ): ନୀଳଗିରି ବ୍ଲକ୍ ଭଉଁରିଆବାଡ଼ ପଞ୍ଚାୟତ ତେନ୍ତୁଳାପଡ଼ା ଗ୍ରାମର ଲେଙ୍କା ସିଂଙ୍କ ଦୁଇ ବଖରା ଘର ଆଜି ଜଳିଯାଇଛି। ପ୍ରବଳ ଗ୍ରୀଷ୍ମ କାରଣରୁ ନିଆଁକୁ ଆୟତ୍ତ



କରିବା କଷ୍ଟକର ହୋଇଯାଇଥିଲା। କ୍ଷଣିକ ମଧ୍ୟରେ ସବୁ ଆସବାପତ୍ର, ଧାନ, ଚାଉଳ ଓ ସାଇକଲ ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ବାହିନୀ ଯାଇ ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ପୋଡି ପାଉଁଶ ହୋଇଯାଇଥିଲା।

## ଏଫ୍‌ଏମ୍ କଲେଜ ଅଧ୍ୟକ୍ଷଙ୍କୁ ଛାତ୍ର ବିଜେଡିର ଦାବିପତ୍ର

ବାଲେଶ୍ୱର,୧୫ ।୪(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନାମ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ କିଛି ମାସ ହେବ ଏହି ମହାବିଦ୍ୟାଳୟର ଗାରିମା ନଷ୍ଟ ହୋଇଛି। କିଛିମାସ ତଳେ ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବା ଘଟଣା କେବଳ ଜିଲ୍ଲା କିମ୍ବା ରାଜ୍ୟ ନୁହେଁ ବରଂ ସମଗ୍ର ଦେଶରେ ଏକ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଘଟଣା ମନରୁ ନଯାଉଣୁ ଏବେ ଓଡ଼ିଆ ବିଭାଗର ଏଚ୍‌ଓଡିଙ୍କ ନାମରେ ଆଉ ଏକ ଅଭିଯୋଗ ଆସିଛି। ଏକ ବେନାମୀ ଚିଠିରୁ ଏହା ଜଣାଯାଇଛି। ଏଣୁ ଏହି ଘଟଣାକୁ ସଠିକ ଭାବେ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଏହି ଦାବି ପ୍ରଦାନ ବେଳେ ପୂର୍ବତନ ରାଜ୍ୟ ସମ୍ପାଦକ ବିଭୁଦତ୍ତ ପରିଡ଼ାଙ୍କ ସମେତ ବିକାଶ ବେହେରା, ଅମିତ କୁମାର ମହାପାତ୍ର, ବିକାଶ ସାହୁ, ତପନ ଦାସ, ସଞ୍ଜୀବ ହାତୀ, ସୃଷ୍ଟିଧର ଜେନା, ବିକାଶ ବେହେରା, ସିଦ୍ଧସାଇ ବେହେରା, ପ୍ରକାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜାମଶୂଳୀ କଲେଜ ସଂସ୍କୃତ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ

କାଳିପଦା,୧୫।୪(ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ସଂସ୍କୃତ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ଗିରି ମୁଖ୍ୟବକ୍ତା, ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସଂସ୍କୃତି ଓ ସଂସ୍କୃତ ହେଉଛି ଭାରତୀୟ ସଭ୍ୟତାର ମୂଳ ଆଧାର। ଏହାକୁ ଛାଡି ଆମେ କେବେ ଆଗକୁ ଯାଇ ପରିବା ନାହିଁ ବୋଲି ଅତିଥିମାନେ ମଧ୍ୟ କହିଛନ୍ତି। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତନୁଶ୍ରୀ ନାୟକ ଅତିଥି ପରିଚୟ, ଅଧ୍ୟାପିକା ସୁଦେଷ୍ଣା ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିଜାରାଣୀ ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ବିଦାୟ ଗୀତିକା ଗାନ କରିଥିଲେ।



## ଟ୍ରକ୍ ପଛରେ ପିଟିଲା ବସ୍; ୪ ଆହତ

ସିମୁଳିଆ,୧୫।୪(ସମିସ): ଜାତୀୟ ରାଜପଥରେ ଟ୍ରକ୍ ପଛରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ଫଳରେ ଚାଳକ ସମେତ ୩ ଯାତ୍ରୀ ଆହତ ହୋଇଛନ୍ତି। ସିମୁଳିଆ ଥାନା ୧୬ନଂ ଜାତୀୟ ରାଜପଥର ଜାମୁଝାଡ଼ି ଗଳା ପୋଲ ଉପରେ ପୁରୀ ଟାଟା ଶାନ୍ତିଲତା ଯାତ୍ରୀବାହୀ ବସ ଅତିକ୍ରମ କରୁଥିବା ସମୟରେ ଏକ ମାଛ ବୋଝେଇ ଟ୍ରକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗାଡ଼ି ଚାଳକ ଅଜଗର ଆଲାମ (୪୮) ଙ୍କ ସମେତ ଛଅଜଣ ଯାତ୍ରୀ ଆହତ ହୋଇଥିଲେ। ସେଥି ମଧ୍ୟରୁ ଚାରି ଜଣ ଗୁରୁତରଙ୍କୁ ସ୍ଥାନୀୟ ସମାଜସେବୀ ସୁରେଶ ଚନ୍ଦ୍ର ସାହୁ ଓ ଟିଙ୍କୁ ବାରିକ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି। ତେବେ ଏହି ବସ୍‌ରେ ୪୨ଜଣ ଯାତ୍ରୀ ପୁରୀରୁ ଟାଟା ଅଭିମୁଖେ ଯାଉଥିଲେ।

## ଲାୟନ୍ସ କ୍ଲବ ଉମଙ୍ଗ ପକ୍ଷରୁ ଜଳଛତ୍ର ଆରମ୍ଭ

ବାଲେଶ୍ୱର,୧୫।୪(ସମିସ): ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ବାଲେଶ୍ୱର ଲାୟନ୍ସ କ୍ଲବ୍



ଉମଙ୍ଗ ପକ୍ଷରୁ ବାଲେଶ୍ୱର ଓଟି ରୋଡ୍‌ସ୍ଥିତ ପୁଲିସ ଲାଇନ ପାଖରେ ଆରମ୍ଭ ହୋଇଛି ଜଳଛତ୍ର। ବାଲେଶ୍ୱରରେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ତାକୁ ଦୃଷ୍ଟିରେ ରଖି ପଥଚାରୀଙ୍କୁ ଏଥିରୁ ଟିକେ ଆଶ୍ୱସ୍ତି ଦେବା ପାଇଁ ମହା ବିଷୁବ ସଂକ୍ରାନ୍ତିଠାରୁ ଏକ ମାସ ଧରି ଥଣ୍ଡା ପାଣି ସହ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଉମଙ୍ଗର ସଭାପତି ଦୀପ୍ତି ଦାଶ ପ୍ରକାଶ କରିଛନ୍ତି। କେବଳ ଜଳସେବା ନୁହେଁ, ସମାଜରେ ଅବହେଳିତ ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ଶିକ୍ଷା ଉପରେ ସବୁବେଳେ ଉମଙ୍ଗ କାମ କରିଥାଏ ବୋଲି କ୍ଲବ୍‌ର ସମ୍ପାଦିକା ସୁମିତା ଚାନ୍ଦ ପ୍ରକାଶ କରିଛନ୍ତି। ବନ୍ଦନା ରାୟ, ସୋନାଲି ଦାଶଙ୍କ ସମେତ କ୍ଲବ୍‌ର ବହୁ ସଦସ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପଥଚାରୀଙ୍କୁ ଥଣ୍ଡା ପାଣି ସହ ଦହି ସରବତ ବଣ୍ଟନ କରିଥିଲେ।

## କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ବିୟୋଗରେ ଶୋକସଭା



ବାଲେଶ୍ୱର,୧୫।୪(ସମିସ): ରେମୁଣା ନୃତ୍ୟ ସଙ୍ଗୀତ ଅନୁଷ୍ଠାନ ସମର୍ପଣ ଆନୁକୂଲ୍ୟରେ ଅନୁଷ୍ଠାନ ପରିସରରେ ଅନ୍ତର୍ଜାତୀୟ କଣ୍ଠଶିଳ୍ପୀ ଆଶା ଭୋସଲେଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ନାଟ୍ୟକାର ପ୍ରଦୀ କୁମାର ମିଶ୍ର, ପ୍ରଭାକର ସାହୁ, ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ, ଶିକ୍ଷାବିତ ଗିରିଶ କୁମାର ଷଡଙ୍ଗୀ, ଜଳଧର ଦାସ, ଅଜୟ କୁମାର ନାୟକ, ସଇତନ ବିବି, ବାସନ୍ତୀ ଦାସ, କରୁଣାକର ଜେନା, ଚକ୍ରଧର ଦାସ, ସନ୍ତୋଷ ଦାସ, ଅଜୟ କୁମାର ବାରିକ, ଡ. ରତ୍ନାକର ସିଂହ, ବୃନ୍ଦାବନ ବେହେରା, ନାଟ୍ୟକାର ଅଶିତ ମଙ୍ଗରାଜ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଶେଷରେ ସମ୍ପାଦକ ତଥା ସଙ୍ଗୀତ ଗୁରୁ ହୀରାଲାଲ ପାକଳ ଭଜନ ଗାନ କରିଥିଲେ।

## ଜନତା ବନ୍ଧୁ ସଂଗଠନର ବାର୍ଷିକ ଉତ୍ସବ



ବାଲେଶ୍ୱର ସଦର,୧୫।୪(ସମିସ): ବସ୍ତା ବ୍ଲକ୍ ବାହାର୍ଦ୍ଧାଠାରେ ଜନତା ବନ୍ଧୁ ସଂଗଠନର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଂଗଠନର ସଭାପତି ସୁକାନ୍ତି ଭକ୍ତା ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ସଂଗଠନ ପକ୍ଷରୁ ବସ୍ତା ବଜାରଠାରୁ ବସ୍ତା ଥାନା ପର୍ଯ୍ୟନ୍ତ ଏକ ପଦଯାତ୍ରା ଓ ବାଇକ ରାଲି ସୁଶୀଲ ଭକ୍ତାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଓକିଲ ସଙ୍ଘ ସଭାପତି ମନୋଜ ନାୟକ, ସମାଜସେବୀ ବିକ୍ରମ ପଣ୍ଡା, ବରିଷ୍ଠ ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସତ୍ୟକାମ ମହାନ୍ତି, କୁମୁଦ ରଞ୍ଜନ ଗିରି, ଆକବର ସାହା, ସେଖ ମୁନ୍ନା, ମାନସ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶେଷରେ ସେଖ୍ ମୁନ୍ନା ଧନ୍ୟବାଦ ଜଣାଇଥିଲେ।

# ଈଶାଣୀ ବୈଶାଖୀ ମହୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର,୧୫ ।୪(ସମିସ)



ନବଭାରତ ଗଠନର ପିତାମହ ଅହିଂସାର ପୂଜାରୀ ମହାତ୍ମାଗାନ୍ଧୀ। ଏ ମାଟିରେ ପାଦସ୍ପର୍ଶ କରି ଶାନ୍ତି, ମୈତ୍ରୀ ଓ ପ୍ରଗତିର ସତ୍ୟାଗ୍ରହ ପ୍ରେରଣା ଆଣିଦେବା ଈଶାଣୀ ମାଟିର ଶ୍ରେଷ୍ଠ ପୁରସ୍କାର ବୋଲି ସହର ଉପକଣ୍ଠ ଈଶାଣୀ ଉଡ଼ାଯାତ୍ରା ପଡ଼ିଆ ତଥା 'ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମରେ 'ବୈଶାଖୀ ମହୋତ୍ସବ' ଏକାଦଶ ସଂସ୍କରଣର ଉଦଯାପିନୀ ଉତ୍ସବରେ ମଂଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ଶ୍ରୀଦେବଙ୍କ ପୌରୋହିତ୍ୟରେ ଉଦଯାପନୀ ସନ୍ଧ୍ୟାରେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାମାଜିକ କର୍ମୀ ବିରଳ ସଂଗ୍ରାହକ ସର୍ବେଶ୍ୱର ଦାସ, ସାରଗାଁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାୟକ,ସାରଗାଁର ନାଏକ ସରପଂଚ ମନ୍ମଥ ମାଝୀ, ଆଇନଜୀବୀ ସତ୍ୟେନ୍ଦ୍ର ରାଉତ, ବୈଶାଖୀ ମହୋତ୍ସବର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସମ୍ପାଦକ ଭାଗବତ ସାହୁ ପ୍ରମୁଖ ଯୋଗଦେଇ ସଂଘର୍ଷମୂଳକ ବକ୍ତବ୍ୟରେ ଲବଣ ସତ୍ୟାଗ୍ରହ ମିନିଷ୍ଟେଡିୟମର ପୂର୍ଣ୍ଣାଙ୍ଗ ନିର୍ମାଣ ବାବଦରେ ଅଂଚଳର ଲୋକପ୍ରତିନିଧି, ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି 'ମଣିଷର ସେବା ହିଁ ବୈଶାଖୀ ମହୋତ୍ସବର ଏକମାତ୍ର ଉଚ୍ଚାରଣ' ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସବୁଥର ପରି ଚଳିତ ବର୍ଷ ମଧ ବାସନ୍ତୀ ପାତ୍ରଙ୍କ ପ୍ରକାଶିତ ଓ ଉପସଭାପତି କବି ଶ୍ରୀଦେବଙ୍କ ସମ୍ପାଦିତ 'ବୈଶାଖୀ' ଶିରୋନାମାରେ ପ୍ରକାଶିତ ସ୍ମରଣିକାକୁ ମୁଖ୍ୟ ଅତିଥି ରବୀନ୍ଦ୍ର ଜେନା ଓ ମୁଖ୍ୟବକ୍ତା ପ୍ରଦୀପ୍ତ ପଣ୍ଡା ଦ୍ୱାରା ଲୋକାର୍ପିତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଡମ୍ବରୁଧର ଦାସ ତାଙ୍କ 'ଶେଷକଥା' ରଖିଥିଲେ। ଏହି ଉପଲକ୍ଷେ ସାଥୀ ସଦସ୍ୟଙ୍କ ଅକ୍ଲାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ସହଯୋଗପାଇଁ ଅନୁଷ୍ଠାନର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତା ସଂଗୀତାଶ୍ରୟୀ ଶ୍ରୀକାନ୍ତ ଦାସ ଓ ସାଥୀମାନଙ୍କ ଦ୍ୱାରା 'ସ୍ୱାଗତ ସଂଗୀତ' ପରିବେଷଣ କରିଥିବା ବେଳେ 'ବନ୍ଦେ ମାତରମ ସଂଗୀତ'ରେ ଉଦ୍‌ଯାପିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଉଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ଲବଣ ସତ୍ୟାଗ୍ରହ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ମଞ୍ଚରୁ ହେଲା ଦାବି**

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ।

**ବୃଷ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଆର୍ଥିକ ସମସ୍ୟା ଦେଇ ଗତି କରିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କାର୍ଯ୍ୟକ୍ଷେତ୍ରରେ ନିବେଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ପିଲାମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସି ଲାଗି ରହିବ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୫୩- ଭାରତର ପ୍ରଥମ ଟ୍ରେନ୍ ମୁମ୍ବାଇ ଓ ଥାଣେ ମଧ୍ୟରେ ଚାଲିଲା।
- ୧୮୮୯ - ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଜନ୍ମ।
- ୧୯୪୫- ଜର୍ମାନ୍ ଶରଣାର୍ଥୀ ପୋତ ବୁଡ଼ିଯିବାରୁ ୭୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୬୪- ବ୍ରିଟେନ୍‌ର ଚର୍ଚ୍ଚିତ 'ଗ୍ରେଟ୍ ଟ୍ରେନ୍ ରବରି' ମାମଲାରେ ୧୨ ଅପରାଧୀଙ୍କୁ ୩୦୭ ବର୍ଷ ଦଣ୍ଡ ଶୁଣାଗଲା।
- ୨୦୦୨- ଦକ୍ଷିଣ କୋରିଆରେ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କର ମୃତ୍ୟୁ ହୋଇଥିଲା।

# ନିଃସଙ୍ଗ ଯନ୍ତ୍ରଣା: ଟଙ୍କା ନୁହେଁ ସମୟ ଦରକାର



ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବୟସ୍କ ଅଟୋ ଚାଳକଙ୍କ ଭିଡିଓ ଭାଇରାଲ ହେଉଛି। ସେ ଏକଲାପଣର ଏମିତି ଏକ ପରିଭାଷା ଦେଇଛନ୍ତି, ଯାହାକି ବେଶ୍ ହୃଦୟସ୍ପର୍ଶୀ ହେବା ସହ ସମସ୍ତଙ୍କ ଆଖିରେ ଲୁହ ଆଣି ଦେଇଛି। ସେହିପରି ଭିଡିଓଟିରେ ଡ୍ରାଇଭର ଜଣକ ବୟସ ୬୦ ବର୍ଷ ପାଖାପାଖି ଲାଗୁଛି। ଏହାସତ୍ତ୍ୱେ ବି ସେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରନ୍ତି। ତେବେ ଜଣେ ଯାତ୍ରୀ ତାଙ୍କୁ ପ୍ରଶ୍ନ କରିଛନ୍ତି, ଏତେ ବୟସରେ ଏମିତି ପରିଶ୍ରମ କାହିଁକି କରୁଛନ୍ତି? ଅଟୋ ଚାଳକ ଜଣକ ଉତ୍ତର ରଖିଥିଲେ, ଏବେ କାମ ସେ ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ସମୟ ଅତିବାହିତ କରିବା ଉଦ୍ଦେଶ୍ୟରେ କରୁଛନ୍ତି। ଏହି ସମୟରେ ଅଟୋ ଚାଳକ ଜଣକ ତାଙ୍କ ଜୀବନ ବିଷୟରେ ମଧ୍ୟ କହିଥିଲେ। ଅଟୋ ଚାଳକଙ୍କ କହିବାନୁଯାୟୀ, ତାଙ୍କ ବାହାଘର ୩୦ ବର୍ଷରୁ ଅଧିକ ସମୟ ହୋଇ ଗଲାଣି। ତାଙ୍କର ତିନି ଝିଅ। ସେମାନେ ଅଲଗା ଅଲଗା ସହରରେ ରହନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, 'ବର୍ଷ ବର୍ଷ ଧରି ଅଟୋ ଚଳାଇ ବିଳମ୍ବିତ ରାତିରେ ଘରକୁ ଫେରିବା ପରେ ତାଙ୍କ ସ୍ତ୍ରୀ ସହ ଏକାଠି ଖାଉଥିଲେ। ହେଲେ ଏବେ ତାଙ୍କ ସ୍ତ୍ରୀ ଏ ଦୁନିଆରେ ନାହାନ୍ତି। ସେ ଏବେ ସମ୍ପୂର୍ଣ୍ଣ ଏକୁଟିଆ। ତେଣୁ ଏହି ଏକାକୀତ୍ୱ ତାଙ୍କୁ ଘରକୁ ଶୀଘ୍ର ଫେରିବାକୁ ଆଉ ବାଧ କରୁ ନାହିଁ।' ସେହିପରି ଯାତ୍ରୀ ଜଣକ ପଚାରିଲେ, ଏବେ ଘରକୁ ଯିବେ ତ? ଏହାର ଉତ୍ତରରେ ସେ କହିଲେ, 'ଘରେ କିଏ ଅପେକ୍ଷା କରିଥିଲେ ସିନା ଶୀଘ୍ର ଯିବା ଦରକାର ପଡ଼ିବ।' ଅଟୋ ଚାଳକଙ୍କ ଏହି କଥା ଲୋକଙ୍କୁ ଭାବପ୍ରବଣ କରି ଦେଇଛି। ତା'ସହ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# 'ଅପରେସନ୍ ସିନ୍ଦୂର'ରେ ବରୁଣଙ୍କ ଏଣ୍ଟ୍ରି



୨୦୨୨ରେ 'ଦ କାଶ୍ମୀର ଫାଇଲ୍ସ' ଫିଲ୍ମ ଆଣି ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ନିର୍ଦ୍ଦେଶକ ବିବେକ ଅଗ୍ନିହୋତ୍ରୀ ଏକ ନୂଆ ଫିଲ୍ମ ନେଇ ଆସୁଛନ୍ତି। ଏହାର ଟାଇଟଲ୍ 'ଅପରେସନ୍ ସିନ୍ଦୂର' ରଖାଯାଇଛି। ଭୂଷଣ କୁମାରଙ୍କ ସହ ମିଶି ବିବେକ ଏହି ଫିଲ୍ମ ନିର୍ମାଣ କରୁଛନ୍ତି। ଏଥିରେ ବରୁଣ ଧାୱନ୍ ଲିଡ୍ ରୋଲରେ ନଜର ଆସିବେ। ସବୁବେଳେ ରୋମାଣ୍ଟିକ୍ ଫିଲ୍ମରେ ଅଭିନୟ କରୁଥିବା ବରୁଣ ଦେଶପ୍ରେମ ଉପରେ ଆଧାରିତ ଫିଲ୍ମ 'ବର୍ଡର ୨'ରେ ଅଭିନୟ କରି ଏବେ ନିଜର ଏକ ସ୍ୱତନ୍ତ୍ର ଇମେଜ୍ ତିଆରି କରିଛନ୍ତି। ସେବେଠାରୁ ବରୁଣଙ୍କୁ ଯୁଦ୍ଧ ଓ ସେନା ଉପରେ ଆଧାରିତ ଫିଲ୍ମର ଅଫର୍ ଆସୁଛି। ବରୁଣ ଏବେ ବିବେକ ଓ ଭୂଷଣଙ୍କ ଏହି ଫିଲ୍ମ ପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ସେ କିନ୍ତୁ ଏଯାବତ୍ ଫିଲ୍ମ ସାଇନ୍ କରିନାହାନ୍ତି। ଫିଲ୍ମ କାହାଣୀ ଶୁଣିବା ପରେ ହିଁ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି। ବିବେକଙ୍କ 'ଅପରେସନ୍ ସିନ୍ଦୂର' ଭାରତୀୟ ସେନା ପକ୍ଷରୁ ଚଳାଯାଇଥିବା 'ଅପରେସନ୍ ସିନ୍ଦୂର' ଉପରେ ଆଧାରିତ। ବରୁଣ ଏବେ ତାଙ୍କ ଆଗାମୀ ଫିଲ୍ମ 'ହେ ଜୱାନି ତୋ ଇସ୍କ ହୋନା ହେଁ' ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହା ମେ' ୨୨ରେ ରିଲିଜ୍ ହେବ।

# ପାଟିରେ ପଶିଲା ଆକ୍ୱାରିୟମ୍ ମାଛ



ଇନ୍ଦୋରରେ ଏକ ବର୍ଷକର ପିଲା ସହ ଏକ ବିଚିତ୍ର ଘଟଣା ଘଟିଛି। ଘରେ ପିଲାଟିର ବଡ଼ ଭାଇ-ଭଉଣୀ ଆକ୍ୱାରିୟମ୍ ସଫା କରୁଥିଲେ। ସେମାନେ ନେଟ୍ ସାହାଯ୍ୟରେ ଆକ୍ୱାରିୟମ୍‌ରେ ଥିବା ରଙ୍ଗୀନ ମାଛଗୁଡ଼ିକୁ ବାହାର କରି ଖେଳୁଥିଲେ। ଏହି ସମୟରେ ଅଚାନକ ଗୋଟିଏ ମାଛ ଡେଇଁ ପଡ଼ି ବର୍ଷକର ଶିଶୁଟି ହସୁଥିବା ବେଳେ ତା'ର ପାଟିରେ ପଶି ଯାଇଥିଲା। ଏହାପରେ ତୁରନ୍ତ ପରିବାର ଲୋକେ ପିଲାଟିକୁ ମହାରାଜା ଯଶବନ୍ତରାଓ ହସ୍‌ପିଟାଲକୁ ନେଲେ। ଡାକ୍ତର ପରୀକ୍ଷା କରି ଜାଣିବାକୁ ପାଇଥିଲେ ଯେ, ତିନି ଇଞ୍ଚର ଏକ ମାଛ ଶିଶୁଟିର ଗଳାରେ ପଶି ରହିଛି। ଏହାସହ ମାଛଟି ପିଲାଟିର ଶ୍ୱାସନଳୀକୁ ଅବରୁଦ୍ଧ କରି ଦେଇଥିଲା। ମାଛଟି ଜୀବିତ ଥିବା ସହ ଲଗାତାର ହଲୁଥିବାରୁ ଏଥିରେ ପିଲାଟିର ଗଳାରେ ଆଘାତ ଲାଗିଥିଲା। ପିଲାଟିର ପାଟିରୁ ରକ୍ତ ଏବଂ ଲାଳ ବାହାରୁ ଥିଲା। ନିଃଶ୍ୱାସପ୍ରଶ୍ୱାସ ନେବାରେ ତାକୁ କଷ୍ଟ ହେଉଥିବାରୁ ସେ ଏନେଇ ଭୟଭୀତ ଥିଲା। ପିଲାଟିର ଅବସ୍ଥା ଗୁରୁତର ଥିବା ଜାଣି ଏକ ଛଅ ଜଣିଆ ଡାକ୍ତରୀ ଦଳ ଟିମ୍ ତୁରନ୍ତ ଅସ୍ତ୍ରୋପଚାର ଆରମ୍ଭ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା। ସର୍ଜରୀ ସଫଳ ହୋଇଥିଲା ଓ ପିଲାଟିର ଗଳାରୁ ମାଛଟିକୁ ବାହାର କରାଯାଇଥିଲା। ଅବଶ୍ୟ ମାଛଟି ସେତେବେଳକୁ ମରିଯାଇଥିଲା। ପିଲାଟି ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏନେଇ ଡାକ୍ତରଙ୍କ କହିବା କଥା, 'ଏଭଳି ମାମଲା ଖୁବ୍ ବିରଳ। ଅବଶ୍ୟ ଏହା ଛୋଟ ପିଲାଙ୍କ ପାଇଁ ଖୁବ୍ ବିପଜ୍ଜନକ ହୋଇପାରେ କାରଣ ସେମାନଙ୍କ ଶ୍ୱାସନଳୀ ବେଶ୍ ପତଳା ହୋଇଥାଏ। ଏଥିରେ ଟିକେ ବି ଅବହେଳା ଅତ୍ୟନ୍ତ ବିପଜ୍ଜନକ ହୋଇପାରେ।

## ପରିଚୟ ଦେଇଛି କଳାକୃତି

# କାନ୍‌ଭାସ୍‌ରେ ଚିତ୍ର ଆଙ୍କି ଏସିଆ ବୁକ୍ ଅଫ୍ ରେକର୍ଡ





ଭୁବନେଶ୍ୱରରେ ରହୁଥିବା ୨୬ ବର୍ଷିୟା ଗାୟତ୍ରୀ ମହାଶିବରାତ୍ରି ଅବସରରେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଚିତ୍ରକଳା ମାଧ୍ୟମରେ ସେ ଭକ୍ତି ଏବଂ କଳାର ଏକ ନିଆରା ସଙ୍ଗମ ପ୍ରଦର୍ଶିତ କରିଥିଲେ। ତେବେ ସେ ଆକ୍ରିଲିକ୍ ରଙ୍ଗ ବ୍ୟବହାର କରି ୪ ରୁ ୬ ଫୁଟ୍ କାନଭାସରେ ଏହି କଳାକୃତି କରିଥିଲେ। ଏହାପରେ ସେ ଏସିଆ ବୁକ୍ ଅଫ୍ ରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ସଫଳ ହୋଇଥିଲେ। ପ୍ରଥମ ପ୍ରୟାସରେ ଏହି ରେକର୍ଡ କରିବା ଗାୟତ୍ରୀଙ୍କୁ ଏକ ନିଆରା ଅନୁଭୂତି ଦେଇଛି। ଏଥିପାଇଁ ସେ ଚାରିମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। କୌଣସି ସ୍ଥାନରୁ ପ୍ରଶିକ୍ଷଣ ନ ନେଇ ସ୍ୱତଃ ପ୍ରବୃତ୍ତ ଭାବ ଚିତ୍ର ଆଙ୍କିଥିଲେ। ଯାହା ତାଙ୍କୁ ଏହି ସଫଳତା ଦେଇଛି।

ଚିତ୍ରକଳା ପାଇଁ ସେ ଦୈନିକ ସାତରୁ ଆଠଘଣ୍ଟା ସମୟ ଦେଇଥାନ୍ତି। ଏଥିପାଇଁ ତାଙ୍କ ପରିବାର ଲୋକ ମଧ୍ୟ ତାଙ୍କୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରନ୍ତି। ତାଙ୍କ ନିର୍ମିତ କଳାକୃତିଗୁଡ଼ିକ ୧୦୦୦ ଟଙ୍କାରୁ ଆରମ୍ଭ କରି ୪୦-୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ଲୋକମାନେ ଦେଉଥିବା ଅର୍ଡର ଅନୁସାରେ, ସେ ବିଭିନ୍ନ ଚିତ୍ର ଅଙ୍କନ କରିଥାନ୍ତି। ଏହାକୁ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ବିକ୍ରି କରନ୍ତି। ଏଥିସହ ବିଭିନ୍ନ ସପିଙ୍ଗ୍ ମଲ୍, ପଥଉତ୍ସବ, ବିଦ୍ୟାଳୟ ଆଦିରେ ସେ ଲାଇଭ ଷ୍ଟ୍ରିମିଂ ମଧ୍ୟ କରନ୍ତି। ସେହିପରି ବିଦ୍ୟାଳୟଗୁଡ଼ିକରେ ପିଲାମାନଙ୍କୁ ମଧ୍ୟ ଏହି ଚିତ୍ରାଙ୍କନ ଶିକ୍ଷା ଦେଇଥାନ୍ତି। ଚିତ୍ରକଳାକୁ ଜୀବନର ବ୍ରତ କରିଥିବା ଗାୟତ୍ରୀ କୁହନ୍ତି, ସେ ନିଜ ପ୍ରତିଭାକୁ ଏହାକୁ କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବାରେ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ସେ ପ୍ରଥମେ ଚାରିଧାମରେ ନିଜର କଳା ପ୍ରଦର୍ଶିତ କରିବାକୁ ଆଶା କରିଛନ୍ତି।

**ପିଲାବେଳୁ ପାରମ୍ପରିକ ଚିତ୍ରକଳା ପ୍ରତି ତାଙ୍କର ଥିଲା ଅନାବିଳ ଆଗ୍ରହ। ୟୁଟ୍ୟୁବ୍‌ରୁ ବିଭିନ୍ନ ଛବି ଦେଖି ତାକୁ ସେ ରଙ୍ଗ ତୂଳୀରେ ରୂପ ଦେଉଥିଲେ। ସଂଘର୍ଷରୁ ସଫଳତା ପ୍ରାପ୍ତ କରିଥିବା ସେମିତି ଜଣେ ଯୁବତୀ ହେଲେ ଗଞ୍ଜାମ ଜିଲ୍ଲା, ବଳରାମପୁରର ଗାୟତ୍ରୀ ସାହୁ। ନିକଟରେ ସେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ କାନ୍‌ଭାସ୍‌ରେ ମହାଦେବଙ୍କ ଚିତ୍ର ଅଙ୍କନ କରି ଏସିଆ ବୁକ୍ ଅଫ୍ ରେକର୍ଡ କରିଛନ୍ତି। ଏପରି କରି ସେ ଓଡ଼ିଶାର କଳାଜଗତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ତେବେ ଚିତ୍ରକଳା ପ୍ରତି ଥିବା ଗଭୀର ନିଷ୍ଠା ତାଙ୍କୁ ଏ ଦିଗରେ ସଫଳ ହେବାର ବାଟ ଦେଖାଇଛି।**

## ସୁଶ୍ରୀ

# ଚିଆ ସିଡ୍‌ସ ଫେସ୍‌ମାସ୍କ

**ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଅନେକ ତ୍ୱଚାର ଯତ୍ନ ନେଇପାରନ୍ତିନି। ଫଳରେ ବୟସ ବୃଦ୍ଧି ଯୋଗୁ ତ୍ୱଚାରେ ନାନା ସମସ୍ୟା ଦେଖାଯାଏ। ଏହାଦ୍ୱାରା ଆତ୍ମବିଶ୍ୱାସ କମିଥାଏ। ତେଣୁ ତ୍ୱଚାକୁ ଚିକ୍କଣ, ସତେଜ ରଖିବାକୁ ଚାହୁଁଥିଲେ, ଏଥପାଇଁ ଚିଆ ସିଡ୍‌ସ ମାସ୍କ ତ୍ୱଚାରେ ଲଗାଇ ପାରିବେ।**



- ଏଥିପାଇଁ ଏକ ଗୀନାରେ ଆବଶ୍ୟକତାରେ ଅନୁସାରେ ଚିଆ ସିଡ୍‌ସ ନେଇ କ୍ଷୀର ମିଶାଇ ଏକ ଜେଲ୍ ପ୍ରସ୍ତୁତ କରନ୍ତୁ। ଏହାକୁ ତ୍ୱଚାରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହାକୁ ସପ୍ତାହରେ ତିନିଥର ଲଗାନ୍ତୁ। ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ଟାଇଟ୍ କରିଥାଏ।
- ତ୍ୱଚାକୁ ସତେଜ ଏବଂ ଭିତରୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଚିଆ ସିଡ୍‌ସ ଲଗାଇପାରିବେ। ଏହାଦ୍ୱାରା ତ୍ୱଚା ଉଜ୍ଜ୍ୱଳ ହେବା ସହ ତ୍ୱଚାରେ ଚମକ ଆସିଥାଏ। ଏଥିସହ ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ।
- ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ। ସେହିପରି ଏହି ମାସ୍କକୁ ସବୁବେଳେ ଲଗାଇଲେ ଏହା ତ୍ୱଚାକୁ ସୁସ୍ଥ ଏବଂ ସୁନ୍ଦର କରିଥାଏ।

## ମୋ ହାଣ୍ଡିଶାଳରୁ...

# ମୁଆଁ ପିଠା



**ଆବଶ୍ୟକ ସାମଗ୍ରୀ**

ଅରୁଆ ଚାଉଳ – ଦୁଇ କପ୍, ବିରି – ଏକ କପ୍, ନଡ଼ିଆ କୋରା – ଏକ କପ୍, ଦହି ଛେନା – ଏକ କପ୍, ଗୁଡ଼- ଅଧା କପ୍, ଗୁଜୁରାତି ଗୁଣ୍ଡ – ଏକ ଚାମଚ, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, କଟା ଅଦା – ଅଳ୍ପ,

**ପ୍ରସ୍ତୁତି ପ୍ରଣାଳୀ**

ଗୋଟିଏ ପାତ୍ରରେ ଅରୁଆ ଚାଉଳ, ବିରି ଓ ପାଣି ଦେଇ ଚାରି ପାଞ୍ଚ ଘଣ୍ଟା ବତୁରାଇ ରଖନ୍ତୁ। ଏହାକୁ ଗ୍ରାଇଣ୍ଡିଂ ଜାରରେ ଦେଇ ଇଡ୍‌ଲି ଆଣ ଭଳି ପତଳା କରି ବାଟନ୍ତୁ। ଏହାପରେ ଏଥିରେ ଲୁଣ ଦେଇ ହାତରେ ଫେଣ୍ଟି ଫୁଲିବା ପାଇଁ ଏକ ରାତି କିମ୍ବା ଚାରିପାଞ୍ଚ ଘଣ୍ଟା ଫ୍ରିଜ୍‌ରେ ଷ୍ଟୋର୍ କରନ୍ତୁ। ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ କୋରା ନଡ଼ିଆ, ଛେନା ଦହି, ଗୁଡ଼ ଦେଇ ଭାଜନ୍ତୁ। ଗୁଡ଼ କୋରାରେ ମିଶିବା ଯାଏ ଭଲରେ ଭାଜନ୍ତୁ। ଏହାପରେ ସେଥିରେ ଗୁଜରାତି ଗୁଣ୍ଡ, ଗୋଲମରିଚ ଗୁଣ୍ଡ ସମେତ ଅଦା ଦିଅନ୍ତୁ। ଏହାପରେ ଇଡ୍‌ଲି ଛାଞ୍ଚ ନେଇ ସେଥିରେ ପାଣି ଦେଇ ଉପରେ ଏକ ଷ୍ଟିମର୍ ରଖି ଦିଅନ୍ତୁ। ଏହାପରେ ଉପରେ ଏକ ପତଳା କପଡ଼ା ରଖି ସେଥିରେ ଆଣ ଦେଇ ନଡ଼ିଆ ପୁର ଦିଅନ୍ତୁ। ଏହା ଉପରେ ପୁଣି ଥରେ ଆଣ ଦେଇ ଇଡଲି ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। ଏହାକୁ ୨୦-୩୦ ମିନିଟ୍ ପରେ କାଢ଼ି ଦିଅନ୍ତୁ। ଏହାପରେ ଥଣ୍ଡା ହେଲେ ପାଣି ଦେଇ କପଡ଼ାରୁ ପିଠାକୁ ଛଡ଼ାନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ନରମ 'ମୁଆଁ ପିଠା'।

# ସମର୍ ଟି ସାର୍ଟ




**ସାଧାରଣତଃ ଖରାଦିନେ ଅଧିକାଂଶ ଲୋକେ ଥଣ୍ଡା ଏବଂ ଆରାମକୁ ପ୍ରାଧାନ୍ୟ ଦେଇଥାନ୍ତି। ଏଥିପାଇଁ ଖରାଦିନେ ଷ୍ଟାଇଲିଶ୍ ଏବଂ ସୁନ୍ଦର ଦିଶିବାକୁ ଚାହୁଁଥିଲେ ହାଲ୍‌କା ଟି – ସାର୍ଟ ଚୟନ କରିପାରିବେ। ଏହା ଖୁବ୍ ଆକର୍ଷଣୀୟ ଦିଶିଥାଏ।**



**କଟନ୍ ଓଭରସାଇଜ୍ ଟି ସାର୍ଟ**

ଖରାଦିନେ କୁଲ୍ ଦିଶିବାକୁ ଚାହୁଁଥିଲେ, କଟନ ଓଭରସାଇଜ୍ ଟି ସାର୍ଟ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ। ଏହା ବିଭିନ୍ନ ଡିଜାଇନ୍‌ରେ ମଧ୍ୟ ଉପଲବ୍ଧ।

**ବୋଲ୍‌ଡ ପ୍ରିଣ୍ଟ**

ଅଧିକାଂଶ ମହିଳା ଓଭର୍‌ସାଇଜ୍ ସାର୍ଟ ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ସୁନ୍ଦରତାକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ ଓଭରସାଇଜ୍ ବୋଲ୍‌ଡ ପ୍ରିଣ୍ଟ ସାର୍ଟ ପିନ୍ଧିପାରିବେ।

**ଲାଇଲେନ**

ଲାଇଲେନ ପୋଷାକ ମଧ୍ୟ ଖୁବ୍ ଆରାମଦାୟକ ଲାଗିଥାଏ। ଏହାକୁ ଦୋକାନ , ବଜାର ଆଦି ବିଭିନ୍ନ ସ୍ଥାନକୁ ସହଜରେ ପିନ୍ଧି ଯାଇପାରିବେ। ବିଶେଷ କରି ଏହା ଜିନ୍ସକୁ ଅଧିକ ସୁନ୍ଦର ମାନିଥାଏ। ଏଥିରୁ ଏକ ଭିନ୍ନ ଲୁକ୍ ମଧ୍ୟ ମିଳିଥାଏ।

■ ସ୍ଲୋ ଓଭର ରେଟ୍

# ରାହାଣେଙ୍କୁ ୧୨ ଲକ୍ଷ ଜରିମାନା

ଚେନ୍ନଇ, ୧୫ ।୪ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ସ୍ଲୋ ଓଭର ରେଟ୍ ଲାଗି ଅଧିନାୟକମାନଙ୍କୁ ଜରିମାନା ଏକ ନିୟମିତ ଘଟଣା ହୋଇଗଲାଣି। ଏହାର ସଦ୍ୟ ଶିକାର ହୋଇଛନ୍ତି କୋଲକାତା ନାଇଟ୍ ରାଇଡର୍ସର ଆଜିଙ୍କ୍ୟ ରାହାଣେ। ଗତକାଲି ଏଠାରେ ଘରୋଇ ଚେନ୍ନଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚରେ ଏହି ସ୍ଲୋ ଓଭର ବୋଲିଂ ଲାଗି ଅଧିନାୟକ ରାହାଣେଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା ଲାଗିଛି। ମ୍ୟାଚରେ କୋଲକାତା ଦଳ ଧାର୍ଯ୍ୟ ସମୟ ମଧ୍ୟରେ ବୋଲିଂ ପୂରଣ କରିପାରି ନ ଥିଲା। ଚଳିତ ସଂସ୍କରଣରେ କୋଲକାତାର ଏହାର ପ୍ରଥମ ସ୍ଲୋ ଓଭର ତ୍ରୁଟି ଥିଲା। ଯଦି ଆଗାମୀ ଦିନରେ ଏହାକୁ ପୁଣିଥରେ ଦୋହରାଏ ତେବେ ରାହାଣେଙ୍କ ଉପରେ ଜରିମାନା ଦୁଇଗୁଣ ଅର୍ଥାତ ୨୪ ଲକ୍ଷ ଟଙ୍କା ଲଗାଯିବ। ସେହିଭଳି ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୨୫ ପ୍ରତିଶତ (୧.୫ ଲକ୍ଷ) ଅର୍ଥ କଟାଯିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଆଇପିଏଲ୍-୧୯ ରେ ବର୍ତ୍ତମାନ ସୁଦ୍ଧା ୪ଟି ସ୍ଲୋ ଓଭର ରେଟ୍ ଘଟଣା ଦେଖିବାକୁ ମିଳିଛି। ଯେଉଁଥିରେ ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ଶ୍ରେୟାସ ଆୟର ଦୁଇଥର ଏହି ଭୁଲ କରି ମୋଟ୍ ଉପରେ ୩୬ ଲକ୍ଷ ଟଙ୍କା ଜରିମାନା ଦେଇଛନ୍ତି। ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁବମାନ ଗିଲ୍‌ଙ୍କ ଉପରେ ଥରେ ଜରିମାନା ଲାଗିଛି।



# ଆଜି ପଞ୍ଜାବ ବିପକ୍ଷରେ ଖେଳି ନ ପାରନ୍ତି ରୋହିତ

ମୁମ୍ବଇ, ୧୫ ।୪ (ଏଜେନ୍ସି): ପାଞ୍ଚଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସକୁ ଝଟକା ଲାଗିଛି। ଅଭିଜ୍ଞ ଓପନର୍ ରୋହିତ ଶର୍ମା ଗୁରୁବାର ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ଖେଳିବା ନେଇ ଆଶଙ୍କାରେ ରହିଛି। ରବିବାର ଆର୍‌ସିବି ବିପକ୍ଷ ମ୍ୟାଚ୍ ଖେଳିବା ଅବସରରେ ରୋହିତ୍‌ଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଯେଉଁଥି ପାଇଁ ସେ ୧୩ ବଲରେ ୧୯ ରନ କରିଥିବାବେଳେ ରିଟାୟର୍ଡ ହର୍ଟ୍ ହୋଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଡାକ୍ତରୀ ଦଳ ଓ କୋଚିଂ ଷ୍ଟାଫ୍ ବର୍ତ୍ତମାନ ରୋହିତଙ୍କ ଉପରେ ନଜର ରଖିଛନ୍ତି। ଆସନ୍ତାକାଲି ମ୍ୟାଚ୍ ପୂର୍ବରୁ ସେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇଯିବ ବୋଲି ମୁମ୍ବଇର ବ୍ୟାଟିଂ କୋଚ୍ ନମନ ଧୀର କହିଛନ୍ତି। ଅପରପକ୍ଷରେ ପ୍ରଥମ ୪ଟି ମ୍ୟାଚ୍ ଖେଳି ନ ଥିବା ଇଂଲଣ୍ଡର ୱିଲ୍ ଜ୍ୟାକ୍‌ଙ୍କୁ ଖୁବଶୀଘ୍ର ଦଳରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ମୁଜରବାନି ୨ ବର୍ଷ ଲାଗି ପିଏସଏଲ୍‌ରୁ ବାସନ୍ଦ

କରାଚି, ୧୫ ।୪ (ଏଜେନ୍ସି): ଜିମ୍ବାୱେର ଦ୍ରୁତ ବୋଲର ବ୍ଲେସିଂଙ୍ଗ ମୁଜରବାନିଙ୍କୁ ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ୍)ରୁ ୨ ବର୍ଷ ଲାଗି ବାସନ୍ଦ କରାଯାଇଛି। ପିଏସ୍ଏଲ୍‌ର ଚଳିତ ସିଜନ ଲାଗି ମୁଜରବାନି ଇସଲାମାବାଦ ୟୁନାଇଟେଡ ପାଇଁ ଖେଳିବାକୁ ଚୁକ୍ତି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ପିଏସଏଲ୍‌ରୁ ଓହରିଯାଇ ଆଇପିଏଲ୍‌ରେ କେକେଆର ଫ୍ରାଞ୍ଚାଇଜରୁ ଖେଳିବାକୁ ଚୁକ୍ତି କରିଥିଲେ। ଏହି କାରଣ ଲାଗି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ମୁଜରବାନିଙ୍କ ଉପରେ ଏହି ବାସନ୍ଦାଦେଶ ଲଗାଇଛି। ଫଳରେ ମୁଜରବାନି ପିଏସ୍ଏଲ୍‌ର ଆଗାମୀ ଦୁଇଟି (୨୦୨୭ ଓ ୨୦୨୮) ସିଜନ ଖେଳିପାରିବେ ନାହିଁ।

■ ୭ଥର ର୍ୟାକେଟ ବାଡ଼େଇ

# ୭୦୦୦ ଡଲାର ଜରିମାନା ଦେଲେ ମେଦ୍‌ଭେଦେଭ୍

ମଣ୍ଟେ କାର୍ଲୋ,୧୫।୪(ଏଜେନ୍ସି): ଟେନିସ କୋର୍ଟରେ ନିଜ ର୍‌ୟାକେଟକୁ ୭ଥର ବାଡ଼େଇ ବିଶ୍ୱର ପୂର୍ବତନ ନଂ-୧ ଖେଳାଳି ରୁଷର ଡାନିଲ ମେଦଭେଦେଭ୍ ୭,୦୦୦ ଡଲାର (୬ ଲକ୍ଷ ୫୧ ହଜାର ଟଙ୍କା) ଜରିମାନା ଦେଇଛନ୍ତି। ଗତ ସପ୍ତାହରେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଏହି ଘଟଣା ଘଟିଥିଲା। ମାଟେଓ ବାରେଟିନିଙ୍କଠାରୁ ୬-୦, ୬-୦ରେ ହାରିଯିବା ପରେ ମେଦଭେଦେଭ ଏପରି ଆଚରଣ କରିଥିଲେ। ଏହା ଏକ ଅଣଖେଳୁଆଡ଼ ମନୋବୃତ୍ତି ଓ ଆଚରଣ ସଂହିତା ଉଲ୍ଲଙ୍ଘନ ଅଭିଯୋଗରେ ତାଙ୍କୁ ଏହି ଜରିମାନା କରାଯାଇଛି। ବିଶ୍ୱରେ ଏବେ ମେଦେଭେଦେଭଙ୍କ ମାନ୍ୟତା ୧୦ ରହିଛି। କିନ୍ତୁ ପୂର୍ବରୁ ସେ ପାଇଥିବା ଜରିମାନା ଆଗରେ ଏହା ବହୁତ କମ୍। ଅମ୍ପାୟାରଙ୍କ ବିରୋଧରେ ବିଶୋଦ୍‌ଗାର କରିଥିବା ଏହି ତାରକା ଖେଳାଳିଙ୍କୁ ଅଷ୍ଟ୍ରେଲିଆନ୍ ଓପନରରେ ୭୬,୦୦୦ ଡଲାର ଓ ଗତବର୍ଷ ୟୁଏସ୍ ଓପନରେ ୪୨,୫୦୦ ଡଲାର ଜରିମାନା ଦେଇଥିଲେ। ମଣ୍ଟେ କାର୍ଲୋରେ ତାଙ୍କୁ ୫୦,୦୦୦ ଡଲାର ପୁରସ୍କାର ମିଳିଥିଲାବେଳେ ୭,୦୦୦ ଡଲାର ଜରିମାନା ଦେଇଛନ୍ତି।



ଚିନ୍ନାସ୍ୱାମୀରେ ବେଙ୍ଗାଲୁରୁ-ଲକ୍ଷ୍ନୌ ଲଢ଼େଇ

# ପୁରନ ପୁଣି ଫେଲ୍

ବେଙ୍ଗାଲୁରୁ, ୧୫ ।୪ (ଏଜେନ୍ସି):

ଚଳିତ ଆଇପିଏଲ୍‌ର ୨୩ତମ ମ୍ୟାଚରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଆର୍‌ସିବି ଅଧିନାୟକ ରଜତ ପାଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଧିମା ପ୍ରଦର୍ଶନ କରିଛି। ୧୫ ଓଭର ସୁଦ୍ଧା ଦଳ ୪ ୱିକେଟ୍ ହରାଇ ୧୧୨ ରନ ସଂଗ୍ରହ କରିଛି। ଏହି ସମୟରେ ଆୟୁଷ ବଦୋନୀ ୨୧ ବଲରେ ୩୩ ଓ ମୁକୁଲ ଚୌଧୁରୀ ୧୭ ବଲରେ ୨୩ ରନ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ମିଚେଲ ମାର୍ଶ ସର୍ବାଧିକ ୪୦ ରନ କରିଥିଲେ। ଫର୍ମକୁ ଫେରିଥିବା ମାର୍ଶ ୩୨ ବଲର ଏହି ପାଳିରେ ୩ଟି ଚୌକା ଓ ୨ଟି ଛକା ମାରିଥିଲେ। ସେହିଭଳି ଅନ୍ୟତମ ଓପନର ଆଇଡେନ ମାର୍କରାମ ମାତ୍ର ୧୨ ରନ କରିଥିବାବେଳେ ରସିକ ସଲମ ଦାରଙ୍କ ଶିକାର ବନିଥିଲେ। କାରବୀୟ ବ୍ୟାଟର୍ ନିକୋଲସ ପୁରନ ପୁଣିଥରେ ବ୍ୟାଟିଂରେ ଫେଲ୍ ମାରିଛନ୍ତି। ସେ ୭ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ମାତ୍ର ୧ ରନ କରି ପ୍ରତିପକ୍ଷ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ବଲରେ ଷ୍ଟମ୍ପ ହରାଇଥିଲେ।

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ମୁମ୍ବଇ ବନାମ ପଞ୍ଜାବ |
| ଭେନ୍ୟୁ - ମୁମ୍ବଇ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |



ତେବେ ଅଧିନାୟକ ଋଷଭ ପନ୍ତ ୧ ରନ କରିଥିବାବେଳେ ଆହତ ହୋଇ ରିଟାୟର୍ଡ ହର୍ଟ୍ ନେବା ଦଳ ପାଇଁ ମହଙ୍ଗା ହୋଇଛି। ଇନିଂସର ୫ମ ଓଭରର ବୋଲିଂ କରିଥିବା ଜୋଶ୍ ହାଜଲେଉଡ୍‌ଙ୍କ ଏକ ବଲ୍ ପନ୍ତଙ୍କ କହୁଣୀରେ ବାଜିଥିଲା। ଫଳରେ ସେ ଗୁରୁତର ଯନ୍ତ୍ରଣା ପାଇ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ପନ୍ତ ଚଳିତ ଆଇପିଏଲ୍‌ରେ ୫ଟି ଇନିଂସରୁ ୧୨୫ ଷ୍ଟ୍ରାଇକରେଟ୍‌ରେ ମୋଟ୍ ୧୦୩ ରନ ସଂଗ୍ରହ କରିଛନ୍ତି।

# କୋଲକାତାର ୪ର୍ଥ ପରାଜୟ

ଚେନ୍ନଇ, ୧୫ ।୪ (ଏଜେନ୍ସି): ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପାଇଁ ଚଳିତ ଆଇପିଏଲ୍‌ରେ ବିଜୟ ସ୍ୱପ୍ନ ପାଲଟିଯାଇଛି। ଗତକାଲି ରାତିରେ ସ୍ଥାନୀୟ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୨୨ତମ ମ୍ୟାଚରେ ଘରୋଇ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ୩୨ ରନରେ କୋଲକାତାକୁ ମାତ୍ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଏସ୍‌କେ ୨୦ ଓଭରରେ ୫ ୱିକେଟ ବିନିମୟରେ ୧୯୨ ରନର ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଓପନର ସଞ୍ଜୁ ସାମସନ ୩୨ ବଲରେ ସର୍ବାଧିକ ୪୮ ରନର ପାଳି ଖେଳିଥିଲେ। ଜବାବରେ କୋଲକାତା ପାୱାର ପ୍ଲେ'ରେ ଦୁଇ ଓପନର ଫିନ ଆଲେନ (୧ ରନ) ଓ ସୁନିଲ ନାରିନ (୨୪ ରନ)ଙ୍କ ୱିକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଅଧିନାୟକ ଆଜିଙ୍କ୍ୟ ରାହାଣେ (୨୮ ରନ), ଅଙ୍ଗକ୍ରୀଷ୍ଣ ରଘୁବଂଶୀ (୨୭ ରନ) ଏବଂ ନିମ୍ନଭାଗରେ ରମଣଦୀପ ସିଂହ (୩୫ ରନ) ଓ ରୋଭମାନ ପାୱେଲ (ଅପରାଜିତ ୩୧ ରନ) ଲଢ଼େଇ କରିଥିଲେ ମଧ୍ୟ ଦଳ ୭ ୱିକେଟରେ ୧୬୦ ରନ କରିବାକୁ ସମର୍ଥ ହୋଇଥିଲା। ଆଫଗାନ ସ୍ପିନର ନୁର ଅହମ୍ମଦଙ୍କୁ ୩ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ୍ ମିଳିଥିଲା।

## ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜ | ବାତିଲ | ପଏଣ୍ଟ | ରନରେଟ୍ |
| --- | --- | --- | --- | --- | --- | --- |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ* | ୪ | ୩ | ୧ | ୦ | ୬ | +୧.୧୪୮ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ* | ୪ | ୨ | ୨ | ୦ | ୪ | -୦.୪୨୭ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| କୋଲକାତା | ୫ | ୦ | ୪ | ୧ | ୧ | -୧.୩୮୩ |

# ବ୍ୟାଡ୍‌ମିଣ୍ଟନ କିମ୍ବଦନ୍ତୀ ଭିକ୍ଟରଙ୍କ ଅବସର

କୋପେନହେଗେନ, ୧୫ ।୪ (ଏଜେନ୍ସି): କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ଦୁଇଥରର ଅଲିମ୍ପିକ ଓ ବିଶ୍ୱଚାମ୍ପିଅନ ଡେନମାର୍କର ଭିକ୍ଟର ଆକ୍ସେଲସେନ ଅବସର ଘୋଷଣା କରିଛନ୍ତି। ୩୨ ବର୍ଷ ବୟସରେ ପ୍ରଫେସନାଲ ବ୍ୟାଡ୍‌ମିଣ୍ଟନରୁ ସନ୍ୟାସ ନେଇ ଭିକ୍ଟର କ୍ରୀଡ଼ାପ୍ରେମୀଙ୍କୁ ଚକିତ କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଭିକ୍ଟର କହିଛନ୍ତି ଯେ ଆଜି ମୋ ପାଇଁ ଏକ ସହଜ ଦିନ ନୁହେଁ। ପିଠିରେ ବାରମ୍ବାର ଯନ୍ତ୍ରଣା ଯୋଗୁ ମୁଁ ଆଉ ତାଲିମ ନେଇପାରୁନାହିଁ କି ପ୍ରତିଯୋଗିତାର ଶୀର୍ଷସ୍ତରରେ ଅଂଶଗ୍ରହଣ କରିପାରୁନାହିଁ। ଖେଳ ଜାରି ରଖିବାକୁ ମୋ ଶରୀର ଆଉ ଅନୁମତି ଦେଉନାହିଁ।



୨୦୧୦ରେ ଜୁନିଅର ବିଶ୍ୱକପ୍‌ରେ ଚାମ୍ପିଅନ ହୋଇ ଆକ୍ସେଲସେନ ଚର୍ଚ୍ଚାକୁ ଆସିଥିଲେ। ସେ କ୍ରମାଗତ ଦୁଇଟି ଅଲିମ୍ପିକ ୨୦୨୧ (ଟୋକିଓ) ଓ ୨୦୨୪ (ପ୍ୟାରିସ)ରେ ଚାମ୍ପିଅନ ହୋଇ ଐତିହାସିକ ସଫଳତା ପାଇଥିଲେ। ଏଥିପୂର୍ବରୁ ୨୦୧୬ ରିଓ ଅଲିମ୍ପିକ୍ସରେ ଭିକ୍ଟର କାଂସ୍ୟ ପଦକ ଜିତିଥିଲେ। ସେହିଭଳି ଏହି ଡାନିସ ତାରକା ୨୦୧୭ ଓ ୨୦୨୨ ବିଶ୍ୱଚାମ୍ପିଅନସିପ୍ ଟାଇଟଲ୍ ଜିତି ବ୍ୟାଡ୍‌ମିଣ୍ଟନରେ ଦବ୍‌ଦବା ଜାରି ରଖିଥିଲେ। ଏହାବାଦ୍ ସେ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ୩ତର ୟୁରୋପିଆନ ଟ୍ରଫି ଜିତିଛନ୍ତି। ଲିନ୍ ଦାନଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଭିକ୍ଟର ଅଲିମ୍ପିକ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଥିଲେ। କ୍ୟାରିୟରରେ ୧୮୩ ସପ୍ତାହ ଧରି ସେ ବିଶ୍ୱର ଏକ ନମ୍ବର ସ୍ଥାନରେ ରହିଥିଲେ।

# କାମ୍ବ୍ଲିଙ୍କ ମସ୍ତିଷ୍କରେ ରକ୍ତ ଜମାଟ

ନୂଆଦିଲ୍ଲୀ, ୧୫ ।୪ (ଏଜେନ୍ସି): ନବେ ଦଶକର ପ୍ରତିଭାବାନ ଭାରତୀୟ କ୍ରିକେଟର୍ ବିନୋଦ କାମ୍ବଲେଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି। ୫୪ ବର୍ଷୀୟ ଏହି ମୁମ୍ବଇ କ୍ରିକେଟର୍‌ଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଛି। ତାଙ୍କର ବନ୍ଧୁ ମାର୍କସ କୌଟ ଏହି ସୂଚନା ଦେଇଛନ୍ତି। ଏକ ସାକ୍ଷାତ୍‌କାର ଅବସରରେ ମାର୍କସ କହିଛନ୍ତି ଯେ କାମ୍ବଲୀଙ୍କ ସ୍ମୃତିଶକ୍ତି ଭଲ ନାହିଁ। ଏପରିକି ଗତ ୬ ମାସ ଧରି ମଧ୍ୟ ହ୍ରାସ ଘଟିନାହିଁ। ସେ ଅନେକ କିଛି ଘଟଣା ମନେ ରଖିପାରୁନାହାନ୍ତି। ତାଙ୍କ ମସ୍ତିଷ୍କରେ ଏକ ଜମାଟ ବାନ୍ଧିଛି। କିନ୍ତୁ ଏହାକୁ ବର୍ତ୍ତମାନ କାଢ଼ିହେବ ନାହିଁ। କାହିଁକି ନା ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ଏହାକୁ ନେଇ ସତର୍କତା ଅବଲମ୍ବନ କରି ନ ଥିଲେ। ତାଙ୍କର ବ୍ରେନ ଷ୍ଟୋକ୍ ମଧ୍ୟ ଆଶଙ୍କା ଥିବା ନେଇ ଡାକ୍ତର ସତର୍କ କରାଇଦେଇଛନ୍ତି।



ମାର୍କସ ଆହୁରି ମଧ୍ୟ କହିଛନ୍ତି ଯେ କାମ୍ବ୍ଲି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ମଦ୍ୟପାନ ବନ୍ଦ କରିଦେଇଛନ୍ତି। କିନ୍ତୁ ଯେତେବେଳେ ସେ ବାହାରକୁ ଯାଆନ୍ତି ସମସ୍ତଙ୍କୁ ଧୂମପାନ ଲାଗି ସହାୟତା ମାଗିଥାନ୍ତି। ଏପରିକି ଅଟୋ ଚାଳକଙ୍କୁ ସିଗାରେଟ୍ ଆଣିଦେବା ପାଇଁ ଅନୁରୋଧ କରିଥାନ୍ତି। ଡ୍ରାଇଭରମାନେ ଖୁସିରେ ରାଜି ହୋଇଯାଆନ୍ତି। ସେମାନେ ଭାବନ୍ତି ଯେ କାମ୍ବ୍ଲିଙ୍କ ଭଳି ବଡ଼ ଖେଳାଳିଙ୍କୁ ସହାୟତା କରୁଛନ୍ତି। କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ କ'ଣ କ୍ଷତି କରୁଛନ୍ତି। କାମ୍ବ୍ଲିଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦେବାକୁ ତାଙ୍କ ବନ୍ଧୁ ଅନୁରୋଧ କରିଛନ୍ତି।

■ ଫିଫା ମହିଳା ବିଶ୍ୱକପ

# ସପ୍ତମଥର ଲାଗି ନ୍ୟୁଜିଲାଣ୍ଡ ଦଳର ଯୋଗ୍ୟତା

ଅକ୍‌ଲାଣ୍ଡ, ୧୫ ।୪ (ଏଜେନ୍ସି): ନ୍ୟୁଜିଲାଣ୍ଡ ମହିଳା ଫୁଟ୍‌ବଲ ଦଳ ଆସନ୍ତା ବର୍ଷ ବ୍ରାଜିଲରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଓସେନିଆ କନଫେଡେରେସନ କ୍ୱାଲିଫାଇଂ ସିରିଜର ଫାଇନାଲ ମ୍ୟାଚରେ ପପୁଆ ନ୍ୟୁ ଗିନିଆକୁ ୧-୦ ଗୋଲ୍‌ରେ ପରାସ୍ତ କରି ନ୍ୟୁଜିଲାଣ୍ଡ ଏହି ସଫଳତା ପାଇଛି। ନ୍ୟୁଜିଲାଣ୍ଡ ମିଡ୍‌ଫିଲ୍ଡର କେଟି କିଟିଙ୍ଗ ମ୍ୟାଚର ୫୫ତମ ମିନିଟରେ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଏଥିସହ ନ୍ୟୁଜିଲାଣ୍ଡ ୨୦୦୭ରୁ କ୍ରମାଗତ ଷଷ୍ଠଥର ଓ ମୋଟ୍ ଉପରେ ୭ମଥର ଲାଗି ଫିଫା ମହିଳା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ମଧ୍ୟ ଚଳିତ ବର୍ଷ ଆମେରିକାରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଟିକଟ୍ ଅର୍ଜନ କରିଛି।

ଡାଇମଣ୍ଡ ଲିଗ୍ ୨୦୨୬

# ପୁରସ୍କାର ରାଶିରେ ବଡ଼ ବୃଦ୍ଧି ଘୋଷଣା

ବେଙ୍ଗାଲୁରୁ/ବ୍ରସେଲ୍ସ,୧୫ ।୪(ଏଜେନ୍ସି): ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ଦୌଡ଼କୁଦ ପ୍ରତିଯୋଗିତା 'ଡାଇମଣ୍ଡ ଲିଗ୍' ପକ୍ଷରୁ ୨୦୨୬ ସିଜନ୍ ପାଇଁ ପୁରସ୍କାର ରାଶି ବୃଦ୍ଧି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ବୁଧବାର ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କିଛି ନିର୍ଦ୍ଦିଷ୍ଟ ବର୍ଗର ପ୍ରତିଯୋଗିତାରେ ବିଜେତାମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ଅର୍ଥ ପ୍ରଦାନ କରାଯିବ। ମୋଟ ପୁରସ୍କାର ପାଣ୍ଠି ୯.୨୪ ମିଲିୟନ ଆମେରିକୀୟ ଡଲାର (ପାଖାପାଖି ୮୭ କୋଟି ଟଙ୍କା) ରଖାଯାଇଥିବା ବେଳେ ଏହାକୁ ନୂତନ ତଥା ପରିବର୍ତ୍ତିତ ଢଙ୍ଗରେ ବଣ୍ଟନ କରାଯିବ। ଲିଗ୍‌ର ୧୭ ବର୍ଷର ଇତିହାସରେ ଏହା ସବୁଠାରୁ ଅଧିକ ବ୍ୟକ୍ତିଗତ ପୁରସ୍କାର ରାଶି ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ଏହା ବିଶ୍ୱସ୍ତରୀୟ ଖେଳାଳିମାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିବ।

୨୦୨୬ ସିଜନ୍‌ରେ ପ୍ରତ୍ୟେକ ମିଟିଂରେ ଆଠଟି 'ଡାଇମଣ୍ଡ+' ବର୍ଗ ରହିବ, ଯେଉଁଥିରେ ଆଥଲେଟ୍‌ମାନଙ୍କୁ ଅଧିକ ପୁରସ୍କାର ରାଶି ମିଳିବ। ପୂର୍ବରୁ କେବଳ ଚାରୋଟି ବିଭାଗରେ ବର୍ଦ୍ଧିତ ପୁରସ୍କାର ମିଳୁଥିବା ବେଳେ ଏବେ ଏହାକୁ ଆଠକୁ ବୃଦ୍ଧି କରାଯାଇଛି। ଏହି ଆଠଟି ବିଭାଗରେ ଦୁଇଟି ସ୍ପ୍ରିଣ୍ଟ କିମ୍ବା ହର୍ଡଲ୍ସ, ଦୁଇଟି ଦୂରଗାମୀ ଦୌଡ଼, ଦୁଇଟି ଫିଲ୍ଡ ଇଭେଣ୍ଟ ଏବଂ ଅନ୍ୟ ଦୁଇଟି ବିଭାଗ ରହିବ। ଲିଙ୍ଗଗତ ସମାନତା ରକ୍ଷା କରି ଏହାକୁ ପୁରୁଷ ଓ ମହିଳା ଆଥଲେଟ୍‌ମାନଙ୍କ ମଧ୍ୟରେ ସମାନ ଭାବେ ବଣ୍ଟାଯିବ। ନୂଆ ନିୟମ ଅନୁଯାୟୀ, ଆଥଲେଟ୍‌ମାନେ ପାଇବାକୁ ଥିବା ସର୍ବାଧିକ ଅର୍ଥରାଶିରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏହିକ୍ରମରେ ବିଜେତାମାନେ ସର୍ବାଧିକ ୨୦,୦୦୦ ଡଲାର ପର୍ଯ୍ୟନ୍ତ ହାସଲ କରିବେ। ଡାଇମଣ୍ଡ ଲିଗ୍ ଫାଇନାଲରେ ବିଜେତାଙ୍କ ପାଇଁ ପୁରସ୍କାର ରାଶି ୬୦,୦୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୁଣି ଯେଉଁ ବିଭାଗଗୁଡ଼ିକ 'ଡାଇମଣ୍ଡ+' ଅଧୀନରେ ନାହିଁ, ସେଥିରେ ପୁରସ୍କାର ରାଶି ଅପରିବର୍ତ୍ତିତ ରହିବ। ଏଥିରେ ସିରିଜ୍‌ରେ ୧୦,୦୦୦ ଏବଂ ଫାଇନାଲ୍‌ରେ ୩୦,୦୦୦ ଆମେରିକୀୟ ଡଲାର ପ୍ରଦାନ କରାଯିବ। ଡାଇମଣ୍ଡ ଲିଗ୍‌ର ଏହି ନିଷ୍ପତ୍ତି ଦ୍ୱାରା ବିଭିନ୍ନ ବିଭାଗର ଆଥଲେଟ୍‌ମାନେ ଅଧିକ ରୋଜଗାର କରିବାର ସୁଯୋଗ ପାଇବେ। ୨୦୨୬ ଡାଇମଣ୍ଡ ଲିଗ୍ ସିଜନ୍ ମେ' ୧୬ ତାରିଖରୁ ଚୀନ୍‌ର ସାଂଘାଇରୁ ଆରମ୍ଭ ହେବ। ଏହାର ଦୁଇ ଦିନିଆ ଗ୍ରାଣ୍ଡ ଫାଇନାଲ୍ ସେପ୍‌ଟେମ୍ବର ୪-୫ ତାରିଖରେ ବ୍ରସେଲ୍ସଠାରେ ଅନୁଷ୍ଠିତ ହେବ।

■ ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗ୍

# ମଥୁରା ଚାମ୍ପିଅନ; ଗୌରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୧୫ ।୪ (ସମିସ): ୟୁପି ପ୍ରୋ ହ୍ୟାଣ୍ଡବଲ୍ ଲିଗର ପ୍ରଥମ ସଂସ୍କରଣରେ ମଥୁରା ବ୍ରିଜଷ୍ଟାର ଚାମ୍ପିଅନ ହୋଇଛି। ଲକ୍ଷ୍ନୌର କେଡି ସିଂ ବାବୁ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ମଥୁରା ୧୦-୦ ଗୋଲ୍ ବ୍ୟବଧାନରେ ଗୋରଖପୁରକୁ ପରାସ୍ତ କରିଥିଲା। ସାଂସଦ ସୀମା ଦ୍ୱିବେଦୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଲିଗ୍‌ରେ ଟେକନିକାଲ ଅଫିସର ଭାବେ କାର୍ଯ୍ୟ କରିଥିବା ଓଡ଼ିଶାର ଗୌରୀ ଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲିଗର ପ୍ରତିଷ୍ଠାତା ଅମିତ କିଶାନ ଗୌରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିକଟରେ ଉଜବେକିସ୍ତାନରେ ଅନୁଷ୍ଠିତ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର କୋଚ୍ ଭାବେ ଗୌରୀ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।



ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

# ପ୍ରୀତୀଶ, ତନ୍ମୟ ଓ ସଂଗ୍ରାମଙ୍କ ଦମ୍‌ଦାର ପ୍ରଦର୍ଶନ

ଭୁବନେଶ୍ୱର, ୧୫ ।୪ (ସମିସ):

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ରେ ବୁଧବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ମ୍ୟାଚରେ କଟକ-ଏ ୨୫୦ ରନର ବିଶାଳ ବ୍ୟବଧାନରେ ମାଲକାନଗିରିକୁ ପରାସ୍ତ କରିଛି। କଟକର ପ୍ରୀତିଶ ମିଶ୍ର ୧୧୬ ବଲରେ ୧୪୫ ରନର ଦର୍ଶନୀୟ ଶତକୀୟ ପାଳି ଖେଳିଥିଲେ। ସେହିଭଳି ରେଲୱେ ଗ୍ରାଉଣ୍ଡରେ ସଂଗ୍ରାମ ନଟିକାଙ୍କ ୭ ୱିକେଟ୍ ସଫଳତା ବଳରେ ଯାଜପୁର ୧୩୨ ରନରେ କୋରାପୁଟକୁ ହରାଇଦେଇଛି। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ଲୋ-ସ୍କୋରିଂ ମ୍ୟାଚରେ ବାଲେଶ୍ୱର ୪୭ ରନରେ ସମ୍ବଲପୁର-ଏ ଦଳକୁ ମାତ୍ ଦେଇଛି। ବାଲେଶ୍ୱର ପକ୍ଷରୁ ଧାର୍ଯ୍ୟ ୯୩ ରନର ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ଦଳ ମାତ୍ର ୪୫ ରନରେ ସୀମିତ ରହିଥିଲା। ବାଲେଶ୍ୱର ଦଳର ତନ୍ମୟ ପାଢ଼ୀ ୮ ରନରେ ୫ଟି ୱିକେଟ୍ ନେଇ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



ପ୍ରୀତିଶ ମିଶ୍ର



ସଂଗ୍ରାମ ନଟିକା



ତନ୍ମୟ ପାଢ଼ୀ

ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼ ୯ ୱିକେଟରେ ଅନୁଗୋଳକୁ, ଗଞ୍ଜାମ ୨୧୨ ରନରେ ମୟୁରଭଞ୍ଜକୁ ଓ ନବରଙ୍ଗପୁର ୩ ୱିକେଟରେ ବୌଦ୍ଧକୁ ପରାସ୍ତ କରିଛି।

# ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି କ୍ୟାଡେଟ୍‌ଙ୍କୁ ସଫଳତା

ଭୁବନେଶ୍ୱର, ୧୫ ।୪ (ସମିସ): ଝାଡଖଣ୍ଡର ରାଞ୍ଚିଠାରେ ଶେଷ ହୋଇଥିବା ଜାତୀୟ ସବ୍-ଜୁନିଅର ବାଳିକା ଚାମ୍ପିଅନସିପ୍‌ରେ ଓଡ଼ିଶା ଟିମ୍ କାଂସ୍ୟ ପଦକ ବିଜୟୀ ହୋଇଛି। ତୃତୀୟ/୪ର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୪-୨ ଗୋଲରେ ଉତ୍ତରପ୍ରଦେଶ ହକି ଦଳକୁ ପରାସ୍ତ କରିଥିଲା। ରାଜ୍ୟ ଦଳକୁ ଏହି ସଫଳତା ମିଳିବାରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଏଚପିସି)ର କ୍ୟାଡେଟ୍‌ମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ଏଚପିସି କ୍ୟାଡେଟ୍ ବିଷ୍ଣୁପ୍ରିୟା ସେଠୀ ଏବଂ କିରଣ କୁଜୁର ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସଫଳତା ଓଡ଼ିଶା ନାଭାଲ ଟାଟା ହକି ଏଚପିସିରେ ପ୍ରଦାନ କରାଯାଉଥିବା ଉନ୍ନତ ପ୍ରଶିକ୍ଷଣ, ଶୃଙ୍ଖଳା ଏବଂ ଆଥଲେଟ୍ ବିକାଶ ବ୍ୟବସ୍ଥାକୁ ସ୍ପଷ୍ଟ କରିଛି। ଏହି କେନ୍ଦ୍ର ବର୍ତ୍ତମାନ ଯୁବ ପ୍ରତିଭାମାନଙ୍କୁ ଜାତୀୟସ୍ତରର ପ୍ରତିଯୋଗୀ ଭାବେ ଗଢ଼ିତୋଳିବା ସହ ଭାରତୀୟ ହକି ପାଇଁ ଭବିଷ୍ୟତର ତାରକା ସୃଷ୍ଟି କରିବାରେ ଏକ ପ୍ରମୁଖ ମାଧ୍ୟମ ପାଲଟିଛି। ଏହି ଅବସରରେ ଏଚ୍‌ପିସି ପକ୍ଷରୁ ବିଷ୍ଣୁପ୍ରିୟା ଓ କିରଣଙ୍କ ସମେତ ସମଗ୍ର ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS